

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୬ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 16 JANUARY 2022
Vol.No. 33 ■ No. 16 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଟେଷ୍ଟ ଅଧିନାୟକ ପଦ ଛାଡ଼ିଲେ ବିରାଟ



ନୂଆଦିଲ୍ଲୀ,୧୫/୦୧: ଟିମ୍ ଇଣ୍ଡିଆର ଟେଷ୍ଟ ଅଧିନାୟକ ପଦ ଛାଡ଼ିଲେ ବିରାଟ କୋହଲି। ଟ୍ୱିଟ୍ କରି ସେ ନିଜେ ଦେଇଛନ୍ତି ଏହି ସୂଚନା। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌କୁ ୨-୧ରେ ହାରିବାର ଦିନକ ପରେ ସେ ନେଇଛନ୍ତି ଏଭଳି ନିଷ୍ପତ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ଗତବର୍ଷ ସେ ଟିମ୍ ଇଣ୍ଡିଆର ଟି ଟ୍ୱେଣ୍ଟି ଅଧିନାୟକ ପଦ ଛାଡ଼ିଥିବା ବେଳେ ଡିସେମ୍ବରରେ ତାଙ୍କୁ ଦିନିକିଆ ଅଧିନାୟକ ପଦରୁ ବି ମୁକ୍ତ କରାଯାଇଥିଲା। ବିରାଟ ଟ୍ୱିଟ୍ କରି ଲେଖିଛନ୍ତି ଯେ ଦଳକୁ ଠିକ୍ ଦିଗରେ ନେବା ପାଇଁ ସେ ୭ ବର୍ଷ ଧରି କଠିନ ପରିଶ୍ରମ କରିଛନ୍ତି। ସେ ତାଙ୍କ ଦାୟିତ୍ୱକୁ ସଂପୂର୍ଣ୍ଣ ସଚ୍ଚୋଟତାର ସହିତ ନିର୍ବାହ କରିଛନ୍ତି। ଏଥିରେ ସେ ଟିକେ ବି ଅବହେଳା କରି ନାହାନ୍ତି। ସବୁ କଥାର ଅନ୍ତ ଅଛି। ଆଉ ସେ ଭାରତୀୟ ଟିମ୍‌ର ଟେଷ୍ଟ ଅଧିନାୟକ ଭାବେ ପାଇଥିବା ଦାୟିତ୍ୱକୁ ଏବେ ଛାଡୁଛନ୍ତି। ଏହି ଯାତ୍ରାରେ ଉଭୟ ଖରାପ ଓ ଭଲ ସମୟ ଆସିଛି। କିନ୍ତୁ ସେ କେବେ ବି ନିଜର ଶତପ୍ରତିଶତ ଦକ୍ଷତାର ଉପଯୋଗରୁ ଲକ୍ଷ୍ୟଚ୍ୟୁତ ହୋଇ ନଥିଲେ କି ନିଜ ଉପରୁ ବିଶ୍ୱାସ ହରାଇ ନଥିଲେ। ସେ ଯାହା ବି କରନ୍ତି ସେଥିରେ ସଦାବେଳେ ନିଜ ଦକ୍ଷତାର ୧୨୦ ପ୍ରତିଶତ ଦେବାକୁ ପ୍ରୟାସ କରନ୍ତି। ଯଦି ସେ କରି ନ ପାରନ୍ତି, ତା'ହେଲେ ତାହା ଠିକ୍ ନୁହେଁ ବୋଲି ମଧ୍ୟ ଜାଣନ୍ତି। ତାଙ୍କ ହୃଦୟ ପୂରା ସ୍ୱଚ୍ଛ। ସେ ତାଙ୍କ ଟିମ୍ ସହିତ ଛଳନା କରିପାରିବେ ନାହିଁ ବୋଲି ଲେଖିଛନ୍ତି। ଏକ ଲମ୍ବା ସମୟ ଧରି ଭାରତୀୟ ଦଳର ନେତୃତ୍ୱ ଦାୟିତ୍ୱ ଦେଇଥିବାରୁ ବିରାଟ କୋହଲି ବିସିସିଆଇକୁ ଧନ୍ୟବାଦ ଜଣାଇଛନ୍ତି। ତା'ସହିତ ସେ ଟିମ୍‌ର ସମସ୍ତ ସଦସ୍ୟଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି, ଯେଉଁମାନେ ତାଙ୍କ ସବୁ ସମୟରେ ସହଯୋଗ କରି ଆସିଥିଲେ ଓ କେବେବି ହାତ ଛାଡ଼ି ନଥିଲେ। ଟିମ୍‌ର ସଦସ୍ୟମାନେ ହିଁ ତାଙ୍କର ଏହି ଯାତ୍ରାକୁ ସୁନ୍ଦର ଓ ସ୍ମୃତି କରି ସାଇତି ରଖିଲା ଭଳି କରିଥିବା ସେ ଲେଖିଛନ୍ତି। ଏହା ସହିତ ଏହି ଟ୍ୱିଟ୍‌ରେ ବିରାଟ ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ତଥା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କ ଭିତରେ ନେତୃତ୍ୱ ନେବାର ଗୁଣ ରହିଛି ବୋଲି ମହେନ୍ଦ୍ର ସିଂହ ଧୋନି ସବୁ ବେଳେ ▶▶ପୃଷ୍ଠା ୭

## ୧୭ରୁ ଭୁବନେଶ୍ୱର ଏମ୍ସ ଓପିଡି ବନ୍ଦ

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ଆସନ୍ତା ୧୭ରୁ ବନ୍ଦ ହେବ ଭୁବନେଶ୍ୱର ଏମ୍ସ ଓପିଡି । ଏମ୍ସର କିଛି ଅଧିକାରୀ ଓ କର୍ମଚାରୀ ପଜିଟିଭ ଚିହ୍ନଟ ପରେ ଏପରି ପଦକ୍ଷେପ ନିଆଯାଇଛି। ଓପିଡି ବନ୍ଦ ହେଲେ ମଧ କିଛି ଜରୁରିକାଳୀନ ସେବା ଚାଲୁ ରହିବ। ଏନେଇ ଭୁବନେଶ୍ୱର ଏମସ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଯେଉଁମାନେ ଅନଲାଇନ୍‌ରେ ପଂଜୀକରଣ କରିଥିବେ ସେମାନେ ପ୍ରବେଶ ଦ୍ୱାର ନିକଟରେ ଏହାକୁ ଦେଖାଇ ଯାଇପାରିବେ। ଓପିଡି ବନ୍ଦ ରହିଲେ ହେଁ ଏମସ୍ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଯୋଗେ ରୁଟିନ୍ ଚେକ୍ ଅପ୍ ଜାରି ରହିବ। ସେହିପରି ଟେଲି ମେଡିସିନ୍ ସେବା ମଧ୍ୟ ଚାଲୁ ରହିବ।

# ଗୋରଖପୁରରୁ ନିର୍ବାଚନ ଲଢ଼ିବେ ଯୋଗୀ ଆଦିତ୍ୟନାଥ

## ୟୁପି ପାଇଁ ଘୋଷଣା ହେଲା ବିଜେପିର ପ୍ରଥମ ଓ ୨ୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା



ନୂଆଦିଲ୍ଲୀ,୧୫/୦୧: ଗୋରଖପୁର ବିଧାନସଭା ଆସନରୁ ଲଢ଼ିବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ସେ ଅଯୋଧ୍ୟା କିମ୍ବା ମଥୁରାରୁ ଲଢ଼ିପାରନ୍ତି ବୋଲି କଳ୍ପନା ଜଳ୍ପନା କରାଯାଉଥିଲା । ହେଲେ ପ୍ରଥମଥର ଲାଗି ଗୋରଖପୁର ବିଧାନସଭା କ୍ଷେତ୍ରରୁ ଲଢ଼ିବାକୁ ଯାଉଛନ୍ତି ଯୋଗୀ ଆଦିତ୍ୟନାଥ । ଯଦିଓ ଏଠାରୁ ସେ ୫ଥର ସଂସଦକୁ ନିର୍ବାଚିତ ହୋଇଛନ୍ତି । ୨୦୧୭ରେ ବିଜେପିକୁ ବିପୁଳ ଜନମତ ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା । ପରେ ଲୋକସଭା ଆସନରୁ ଇସ୍ତଫା ଦେଇ ୟୁପି ବିଧାନପରିଷଦକୁ ନିର୍ବାଚିତ ହୋଇଥିଲେ ଯୋଗୀ । ଏଥର କିନ୍ତୁ ନିଜ ପାରମ୍ପରିକ ଆସନ ଗୋରଖପୁରରୁ ବିଧାନସଭାକୁ ନିର୍ବାଚିତ ହେବା ଲକ୍ଷ୍ୟରେ ମୈଦାନକୁ ଓହ୍ଲାଇବେ । ୟୁପିରେ ପ୍ରଥମ ଦୁଇଟି ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀ ତାଲିକା ଘୋଷଣାକରିଛି ଭାରତୀୟ ଜନତା ପାର୍ଟି । ଏହି ଦୁଇ ପର୍ଯ୍ୟାୟରେ ମୋଟ୍ ୧୧୩ ଆସନ ଲାଗି ମତଦାନ ହେବାକୁ ଥିବାବେଳେ ୧୦୭ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି । ୟୁପି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଏହି ଦୁଇ ପର୍ଯ୍ୟାୟରେ ନିର୍ବାଚନ ଲଢୁନଥିଲେ ମଧ ସେମାନଙ୍କ ନିର୍ବାଚନୀ କ୍ଷେତ୍ର ଘୋଷଣା କରାଯାଇଛି । ୟୁପି ଉପ ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

# ପ୍ରକାଶ ପାଇଲା ପୌର ପରିଷଦ ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା

ଭୁବନେଶ୍ୱର,୧୫/୦୧(ନି.ପ୍ର): ପ୍ରକାଶ ପାଇଲା ପୌର ପରିଷଦ ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା । ୧୦୭ ପୌର ପରିଷଦ ପାଇଁ ତାଲିକା ଆଜି ପ୍ରକାଶ ପାଇଛି । ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଆପତ୍ତି ଅଭିଯୋଗ ଥିଲେ ୧୫ ଦିନ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିପାରିବେ ପ୍ରାର୍ଥୀ । ତେବେ ପଞ୍ଚାୟତ ପରେ ହେବ ପୌର ନିର୍ବାଚନ ଆଉ ଏନେଇ ଆରମ୍ଭ ହୋଇଛି ପ୍ରସ୍ତୁତି । ପୌର ପରିଷଦ ଅଧ୍ୟକ୍ଷ ପଦଲାଗି ଚିଠା ସଂରକ୍ଷଣ ତାଲିକାରେ ଅନୁସୂଚିତ ଜାତି(ମହିଳା)ଙ୍କ ପାଇଁ ୯ଟି ସ୍ଥାନରେ ସଂରକ୍ଷଣ ରଖାଯାଇଥିବେଳେ ଅନୁସୂଚିତ ଜନଜାତିଙ୍କ ପାଇଁ ୮ଟି ସ୍ଥାନ ସଂରକ୍ଷିତ ରଖାଯାଇଛି । ସେହିପରି ଅନୁସୂଚିତ ଜନଜାତି(ମହିଳା)ଙ୍କ ପାଇଁ ଉମରକୋଟ, ନବରଙ୍ଗପୁର, ବ୍ରଜରାଜନଗର, ଆନନ୍ଦପୁର, ଗୁଡାରି, ବ୍ୟାସନଗରରେ ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜନଜାତିଙ୍କ ପାଇଁ ପାଟଣାଗଡ଼, ବାଲିଗୁଡ଼ା, ଓ ବିନିକାରେ ସ୍ଥାନ ସଂରକ୍ଷଣ ରଖାଯାଇଛି । ତେବେ ମହିଳାଙ୍କ ପାଇଁ ୪୦ଟି ସ୍ଥାନ ସଂରକ୍ଷିତ ହୋଇ ରହିଥିବା ବେଳେ ୧୦୭ ପୌର ପରିଷଦ ୪୧ଟି ପୌର ପରିଷଦ ପାଇଁ ସ୍ଥାନ ସଂରକ୍ଷିତ ହୋଇନାହିଁ । ଏହି ସ୍ଥାନଗୁଡ଼ିକ ମଧ୍ୟରେ ଦେବଗଡ଼, ଆଠଗଡ଼, ନୟାଗଡ଼, ଗଞ୍ଜାମ, କେନ୍ଦ୍ରାପଡ଼ା, ଚୌଦ୍ୱାର, ବାଙ୍କି, ରାଇରଙ୍ଗପୁର ଢେଙ୍କାନାଳ, ଫୁଲବାଣୀ, ଖୋର୍ଦ୍ଧା, ରଣପୁର, ପୁରୀ ରହିଛି ।

## ୪ ଆଇଏଏସ୍‌ଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ରାଜ୍ୟ ସରକାର ୧୯୯୧ ବ୍ୟାଚ୍ ର ୪ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ସେହିପରି ୨ ଜଣ ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ରୀୟ ଡେପୁଟେସନ୍ ରେ ଯିବା ଲାଗି ଅନୁମତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ୧୯୯୧ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଅନୁ ଗର୍ଗ, ମଧୁସୂଦନ ପାଢ଼ୀ, ସତ୍ୟବ୍ରତ ସାହୁ ଓ ବିଜୟ ଅରୋରାଙ୍କୁ ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି। ଅପରପକ୍ଷେ ୧୯୯୦ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଜି. ଶ୍ରୀନିବାସ ଓ ଆରତୀ ଆହୁଜାଙ୍କୁ କେନ୍ଦ୍ରୀୟ ଡେପୁଟେସନ୍ ରେ ଯିବା ଲାଗି ଅନୁମତି ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

ପଞ୍ଜାବ, ୧୫/୦୧ (ନି.ପ୍ର): ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଶନିବାର ୮୬ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ତେବେ ମୁଖ୍ୟମନ୍ତ୍ରୀ ଚରଣଜୀତ୍ ସିଂହ ଚନ୍ନୀ ଏଥର ନିର୍ବାଚନରେ ଚମକୌର ସାହିବରୁ ନିର୍ବାଚନ ଲଢ଼ିବେ । ସେହିପରି ନବଜ୍ୟୋତ୍ ସିଂହ ସିଦ୍ଧୁ ଅମୃତସର ପୂର୍ବ ଆସନରୁ ଇଲେକ୍ସନ ଲଢ଼ିବେ ବୋଲି ଘୋଷଣା କରାଯାଇଛି । ଏଥିସହିତ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂହ ରନ୍ଧାୱା ଡେରା ବାବା ନାନକ ସିଟରୁ ନିର୍ବାଚନ ଲଢ଼ିବେ । ତେବେ ନିକଟରେ କଂଗ୍ରେସରେ ଯୋଗ ଦେଇଥିବା ମାଳବିକା ସୁଦ୍ ମୋଗାରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ସୂଚନା ମିଳିଛି । ପଞ୍ଜାବରେ ଏଥର ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ । ସମସ୍ତ ୧୧୭ ଆସନ ପାଇଁ ୧୪ ଫେବୃଆରୀରେ ଭୋଟ୍ ପଡିବ । ୧୪ ତାରିଖରେ ଭୋଟ୍ ପଡିବା ପରେ ମାର୍ଚ୍ଚ ୧୦ ତାରିଖରେ ସମସ୍ତ ଆସନର ଭୋଟ୍ କାଉଟିଂ ହେବ । ତେବେ ନିର୍ବାଚନ କମିଶନ ଘୋଷଣା କରିଥିବା ତାରିଖ ଅନୁସାରେ, ନିର୍ବାଚନ ପାଇଁ ଜାନୁଆରୀ ୨୧ ତାରିଖରେ ନୋଟିଫିକେସନ୍ ଜାରି ହେବ, ଜାନୁଆରୀ ୨୮ ତାରିଖରେ ପ୍ରାର୍ଥୀମାନେ ନାମାଙ୍କନ ଭରିବେ । ଏହାପରେ ଜାନୁଆରୀ ୨୯ ତାରିଖରେ ନାମାଙ୍କନ ପତ୍ରର ଯାଞ୍ଚ କରାଯିବ । ଜାନୁଆରୀ ୩୧ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବେ । ପଞ୍ଜାବ ବିଧାନସଭାର କାର୍ଯ୍ୟକାଳ ୨୦୨୨ ମସିହା ମାର୍ଚ୍ଚ ▶▶ପୃଷ୍ଠା ୭

# ଲକ୍ଷଣ ନ ଥିଲେ କରାନ୍ତୁ ନାହିଁ ଟେଷ୍ଟ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ




ଭୁବନେଶ୍ୱର, ୧୫/୦୧ (ନି.ପ୍ର): ଲକ୍ଷଣ ନ ଥିଲେ କୋଭିଡ୍ ଟେଷ୍ଟିଂ କରାନ୍ତୁ ନାହିଁ । ପଜିଟିଭ୍ ସଂସ୍ପର୍ଶରେ ଆସିଥିଲେ ମଧ ଲକ୍ଷଣ ନାହିଁ ତ ଟେଷ୍ଟିଂପ ଆବଶ୍ୟକତା କେନ୍ଦ୍ର ସରକାରଙ୍କ ନୂଆ ଗାଇଡ୍ ଲାଇନ୍ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏନେଇ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲାଗୁଡ଼ିକୁ ଜଣାଇଛି । ବର୍ତ୍ତମାନ ସୁଦ୍ଧା ୬୧ ହଜାର ପଜିଟିଭ୍ ଥିବା ବେଳେ ମାତ୍ର ୧୧୦୦ ଡାକ୍ତରଖାନାରେ ଅଛନ୍ତି । ୨ ପ୍ରତିଶତରୁ କମ୍ ସଂକ୍ରମିତ ହସପିଟାଲରେ ଅଛନ୍ତି। ଆଇସିୟୁରେ ପ୍ରାୟ ୩୦୦ ଲୋକ ଅଛନ୍ତି। ଗାଇଡଲାଇନ ଅନୁସାରେ ବୃଦ୍ଧ ବ୍ୟକ୍ତି ବି ଲକ୍ଷଣ କମ୍ ଥିଲେ ଆଇସୋଲେସନରେ ରହିବା ଭଲ ବୋଲି ସେ କହିଛନ୍ତି । ଏହା ସହ ଅନାବଶ୍ୟକ ମେଡିସିନ୍ ବ୍ୟବହାର କରିବାକୁ ମଧ ସତର୍କ କଲେ ନିରଞ୍ଜନ ମିଶ୍ର। ଭାଇରାଲ ଫ୍ଲୁ ପାଇଁ ଆଂଟିବାଓଟିକ୍ ଆବଶ୍ୟକ ନାହିଁ । ଏଣୁ ଅଯଥା ମେଡିସିନ୍ ବ୍ୟବହାର ଦରକାର ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହା ଯାଇଛି ।

## ବଢ଼ିବ ଶୀତ : ୨୦ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ରାଜ୍ୟରେ ଗତ କିଛି ଦିନ ଧରି ଚାଲିଥିବା ଅଦିନିଆ ବର୍ଷା କମିବା ପରେ ଆଜି ପାଗ ଖରାଟିଆ ରହିଛି। ତେବେ ବର୍ଷା କମିବା ପରେ ରାଜ୍ୟରେ ଶୀତ ବଢ଼ିବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆଂଚଳିକ ପାଣିପାଗ ▶▶ପୃଷ୍ଠା ୭

# ଦିଲ୍ଲୀରେ ବେକାବୁ ଓମିକ୍ରନ : ଗୋଷ୍ଠୀ ସଂକ୍ରମଣର ମିଳିଲା ପ୍ରମାଣ



ନୂଆଦିଲ୍ଲୀ,୧୫/୦୧: ଦେଶରେ ଦ୍ରୁତ ଗତିରେ ମାଡି ଚାଲିଛି କରୋନା ସଂକ୍ରମଣ । ଦିନକୁ ଦିନ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା । କରୋନା ନୂଆ ଭାରିଆଣ୍ଟ ଓମିକ୍ରନ ଏବେ ଚାରିଆଡେ ନିଜର କାୟା ମେଲାଇଛି । ଏହା ଭିତରେ ସାମ୍ନାକୁ ଆସିଛି ଏକ ଚିନ୍ତାଜନକ ଖବର । ରାଜଧାନୀ ଦିଲ୍ଲୀରେ ଓମିକ୍ରନର ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଛି । ଏନେଇ କ୍ଲିନିକାଲ ପ୍ରମାଣ ବି ମିଳିଥିବା ସୂଚନା ରହିଛି । ଦିଲ୍ଲୀ ଆଇଏଲବି କ୍ଲିନିକାଲ ବାଇଲୋଜିକାଲ ବିଭାଗ ସୂଚନା ଦେଇଛି । ସେପଟେ ଦିଲ୍ଲୀରେ କରୋନା ମାମଲା ପିକରେ ପହଁଚିଛି । ପିକରେ ପହଁଚିବାପରେ ସଂକ୍ରମଣ ହ୍ରାସ ପାଇଥିବା କହିଛନ୍ତି ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତେନ୍ଦ୍ର ଜୈନ୍ । ସେ କହିଛନ୍ତି କି ଶୁକ୍ରବାର ତୁଳନାରେ ଶନିବାର ଦିଲ୍ଲୀରେ ସଂକ୍ରମଣ କମ ରହିଛି । ହସପିଟାଲ ରୋଗୀଙ୍କ ଭର୍ତ୍ତି ସଂଖ୍ୟା ବୃଦ୍ଧି ପାଉନି । ଲୋକଙ୍କ ଟେଷ୍ଟ ଚାଲିଛି । ଗୁରୁବାର ଅପେକ୍ଷା ଶୁକ୍ରବାର ଅଧିକ ୪ ହଜାର ୬୩୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂଆ ଆକ୍ରାନ୍ତଙ୍କୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩ କୋଟି ୬୮ଲକ୍ଷ ୫୦ହଜାର ୯୬୨ରେ ପହଁଚିଛି । ଦେଶରେ ଓମିକ୍ରନ ଆକ୍ରାନ୍ତ ସଂଖ୍ୟା ୬ହଜାର ୪୧ ରହିଛି । ଗତକାଲି ୫ ହଜାର ୭୫୩ ରହିଥିଲା । ▶▶ପୃଷ୍ଠା ୭

# ଓସିଏସ୍ ପରୀକ୍ଷା : ସ୍ୱତନ୍ତ୍ର ପ୍ରକୋଷ୍ଠରେ ପରୀକ୍ଷା ଦେବେ କୋଭିଡ୍ ଲକ୍ଷଣ ଥିବା ପରିକ୍ଷାର୍ଥୀ

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଏବଂ ଆସିଷ୍ଟାଂଟ ସର୍ଜନ ପରୀକ୍ଷା ଦେବାକୁ ଥିବା ପରୀକ୍ଷାର୍ଥୀମାନଙ୍କ ନିମନ୍ତେ କୋଭିଡ୍ ମାର୍ଗଦର୍ଶିକା ପାଳନ କରିବାକୁ କୁହାଯାଇଛି। ଏହି ମର୍ମରେ ଓଡ଼ିଶା ଲୋକସେବା ଆୟୋଗର ସଚିବଙ୍କ ପ୍ରଦତ ସୂଚନା ଜାରି କରାଯାଇଛି। ଚଳିତ ମାସ ୨୦ ତାରିଖରୁ ସିଭିଲ୍ ସର୍ଭିସ୍ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ୨୩ ତାରିଖ ଦିନ ଆସିଷ୍ଟାଂଟ ସର୍ଜନ ପଦବୀ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହେଉଛି। କୋଭିଡ୍ କୁ ଦୃଷ୍ଟିରେ ରଖି ସବୁ ପରୀକ୍ଷାର୍ଥୀଙ୍କୁ ଏନ୍-୯୫ ମାସ୍କ ପିନ୍ଧିବାକୁ କୁହାଯାଇଛି। ମାସ୍କ ପିନ୍ଧି ନଥିବା ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। କେବଳ ପରୀକ୍ଷା ପରିଚାଳନା ସଂପୃକ୍ତ ଅଧିକାରୀମାନେ ତଦାରଖ କରିବା ସମୟରେ ପରୀକ୍ଷାର୍ଥୀମାନେ ମାସ୍କ ଖୋଲିବେ। ଗୋଟିଏ ସ୍ୱଚ୍ଛ ବୋତଲରେ ପରୀକ୍ଷାର୍ଥୀମାନେ ନିଜ ନିଜର ସାନିଟାଇଜର ନେଇପାରିବେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ହାତରେ ସାନିଟାଇଜେସନ୍ ବ୍ୟବହାର କରିବା ପାଇଁ ବ୍ୟବସ୍ଥା କରାଯାଇଛି । ପରୀକ୍ଷା କେନ୍ଦ୍ରରେ ଓ ପରିସର ମଧ୍ୟରେ ପରୀକ୍ଷାର୍ଥୀମାନେ କୋଭିଡ୍ ନିୟମ ଅନୁପାଳନପୂର୍ବକ ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ନିୟମ ପାଳନ କରିବାକୁ କୁହାଯାଇଛି । ସାମାଜିକ ଦୂରତ୍ୱର ନିୟମାନୁସାରେ ପରୀକ୍ଷା କେନ୍ଦ୍ରରେ ବସିବା ବ୍ୟବସ୍ଥା କରାଯାଉଛି। ଯଦି କୌଣସି ସମୟରେ ପରୀକ୍ଷାର୍ଥୀଙ୍କର କୋଭିଡ୍ ଲକ୍ଷଣ ପ୍ରକାଶ ପାଏ, ସେ ତୁରନ୍ତ କେନ୍ଦ୍ରରେ ରହିଥିବା ପରୀକ୍ଷା ପରିଚାଳକ (ଇନ୍‌ଭିଜିଲେଟର)ଙ୍କୁ ଜଣାଇବେ। ଏହି ପରୀକ୍ଷାର୍ଥୀଙ୍କ ନିମନ୍ତେ ପୃଥକବାସସଂପୃକ୍ତ ପରୀକ୍ଷା ପ୍ରକୋଷ୍ଠର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଜାରି କରାଯାଇଥିବା ଏହି ସୂଚନାରେ ଉପରୋକ୍ତ ଉଭୟ ପରୀକ୍ଷା ଦେବା ପାଇଁ ଯାଉଥିବା ପରୀକ୍ଷାର୍ଥୀମାନେ କୋଭିଡ୍ ନିୟମାବଳୀର କଠୋର ଅନୁପାଳନ ନିମନ୍ତେ ପରାମର୍ଶ ଦିଆଯାଇଛି ।

# ଅଞ୍ଜଳି ପଣ୍ଡାଙ୍କ ଗଳ୍ପପୁସ୍ତକ 'ଏକ୍‌ଲା ଚାଲିବା ଝିଅ' ଲୋକାର୍ପିତ




ବାଲେଶ୍ୱର, ୧୫/୦୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ହେଉଥିବା କଥାସମ୍ରାଟ ଫକୀରମୋହନଙ୍କ ୧୮୦ତମ ଜୟନ୍ତୀ ଓ ପରିଷଦର ୭୫ତମ ରତ୍ନୋତ୍ସବର ଆଜି ତୃତୀୟ ଦିବସରେ ଅଞ୍ଜଳି ପଣ୍ଡାଙ୍କ ଗଳ୍ପପୁସ୍ତକ 'ଏକ୍‌ଲା ଚାଲିବା ଝିଅ' ଶାନ୍ତିକାନନ ପରିସରରେ ଉନ୍ମୋଚିତ ହୋଇଯାଇଛି। ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପରିଷଦର ପ୍ରାକ୍ତନ ସଭାପତି ପ୍ରଫେସର ରବିନାରାୟଣ ଦାଶ ପୁସ୍ତକଟିକୁ ଉନ୍ମୋଚନ କରିଥିବାବେଳେ 'ଅକ୍ଷାଂଶ'ର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଓ 'ସାଗରିକା'ଓ 'ଧ୍ୱନିପ୍ରତିଧ୍ୱନି'ର ସଂପାଦିକା ସୈରିନ୍ଧ୍ରୀ ସାହୁ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ। ଗାଳ୍ପିକାଙ୍କ ସ୍ୱାମୀ ଉଦ୍ୟୋଗପତି ସୁଧାସିନ୍ଧୁ ପଣ୍ଡା ଓ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଂପାଦକ ଡା. କୁମାର ଗୋପାଳ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀମତୀ ପଣ୍ଡାଙ୍କର ଗଳ୍ପଗୁଡ଼ିକର ଭାଷା ଅତି ସରଳ ଅଥଚ ଅନୁଭବସିଦ୍ଧ। ସେଇଥିପାଇଁ ସେଥିରୁ ମଣିଷ ଜୀବନର ପ୍ରତିଚ୍ଛବି ଦୃଶ୍ୟମାନ ହୁଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅଞ୍ଜଳି ପଣ୍ଡା ଲେଖକୀୟ ବକ୍ତବ୍ୟ ରଖିଥିବା ବେଳେ ପରିଷଦର ସଂପାଦକ ଦୀପକ ବୋଷ ପ୍ରାଗ୍‌ଭାଷ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁ କମଳାକାନ୍ତଙ୍କ ସହଯୋଗରେ କୁନି ତବଲାବାଦିକା ଐଶାଣୀ ପ୍ରଧାନ ତବଲା ବାଦନ କରି ଦର୍ଶକଙ୍କ ମନ ମୋହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ନିବାରଣ ଜେନା, ସୃଷ୍ଟିଧର ପରିଡ଼ା, ଡ. ଶିରୀଶ ଚନ୍ଦ୍ର ଜେନା, ଅରୁଣା ରାୟ, ରଶ୍ମିରେଖା ପତି, ବନାନୀ ପଣ୍ଡା, ଶ୍ରେୟା ପଣ୍ଡା, ସୁକାନ୍ତ ଗିରି, କମଳାକାନ୍ତ ଆଚାର୍ଯ୍ୟ, ଅମ୍ବରିଶ ଦିଣ୍ଡା, ଅମ୍ବୁଜ କୁମାର ଦାସ, ଶଶିରଂଜନ ମଲ୍ଲିକ, ରାଜେଶ ଗିରି, ଦୀନବନ୍ଧୁ ଲେଙ୍କା, ପ୍ରଦୀପ ଚାଟାର୍ଜୀ, ଜ୍ୟୋସ୍ନା ରାୟ, ନିରୁପମା ସେଠୀ, ତପନ ରାୟ, ଅର୍ଚ୍ଚନା ନନ୍ଦୀ, ମମତା ଦାସ, ଶାନ୍ତି ବିଶି, ବାସନ୍ତୀ କର, ଚିତ୍ରାରାଣୀ ପାତ୍ର, କୃଷ୍ଣା ପ୍ରଧାନ, ଶାନ୍ତିଲତା ପଣ୍ଡା, ସ୍ନିଗ୍ଧା ସାମନ୍ତରାୟ, ବାସନ୍ତୀ ଦେ, ପ୍ରୀତିଲେଖା ଦାସ, ବିଦ୍ୟାଧର ସାହୁ, ରାଧାନାଥ ରଥ, ସଂଯୁକ୍ତା ବିଶ୍ୱାଳ, ମହମ୍ମଦ ଇନାୟତ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରୋଜେକ୍ଟ ସ୍ଥାନରେ କାମ ବଦଳରେ ଅନ୍ୟତ୍ର କାମକୁ ଗ୍ରାମବାସୀଙ୍କ ବିରୋଧ

ବାଲିଆପାଳ,୧୫/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପ ।ୟତରେ ଏକ ରାସ୍ତା କାମ ପ୍ରଝେକ୍ଟର ନାମ ଥିବା ସ୍ଥାନରେ କରାନଯାଇ ମନମୁଖି ଭାବେ ଅନ୍ୟତ୍ର କରାଯିବାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି । ଅଭିଯୋଗ ମୁତାବକ ଦେଉଳା ପଂଚାୟତର ଦେଉଳା ଗ୍ରାମର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଠାରୁ ସାର୍ଥକ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଭାୟା ଚୈତନ ମାଝୀ ରାସ୍ତା ମରାମତି ହେବା ପାଇଁ ୟାଶ ବାତ୍ୟା ଅର୍ଥରେ ଦେଢଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ମାତ୍ର ରାସ୍ତା ମରମାତି ବଦଳରେ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି କନିଷ୍ଠ ଯନ୍ତ୍ରୀଙ୍କୁ ହାତକରି ରାସ୍ତା ମରାମତି ବଦଳରେ ପ୍ରଜେକ୍ଟ ନଥାଇ ଅନ୍ୟ ସ୍ଥାନରେ ଢଳେଇ ରାସ୍ତା କରିଛନ୍ତି । ନିମ୍ନ ମାନର ରାସ୍ତା କାମ ସାଙ୍ଗକୁ ରାସ୍ତାର ଲମ୍ବ ମଧ କମ ରହିଛି । ଏଂମ୍ପର୍କରେ ଗ୍ରାମବାସୀ କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ ପ୍ରମାଣିକଙ୍କୁ ପଚାରିବାରୁ ସେ ରାସ୍ତା କାମ ସମ୍ପର୍କରେ ଜାଣି ନଥିବା କହିଥିଲେ । ଫଳରେ ଗ୍ରାମର ଶ୍ୟାମସୁନ୍ଦର ହାଁସଦା,ରଘୁନାଥ ମୁର୍ମୁ,ଗୋପାଳ ମାରାଣ୍ଡି,କଟିନ ସେଠୀ, ପଦ୍ମଲୋଚନ ସେଠୀ, ସୁଜିତ ଜେନା, ସେକ ଓାଇତ ମହମ୍ମଦଙ୍କ ସମେତ ବହୁ ଗ୍ରାମବାସୀ ଏହାର ତଦନ୍ତ କରାଯାଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବାଲିଆପାଳ ବିଡିଓ ଏବ ବାଲେ୍ବର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଭୂଲ ଥାନରେ ଏବଂ ନିମ୍ନ ମାନର ହୋଇଥିବା ରାାସ୍ତା କାମର ବିଲ ବନ୍ଦ କରାଯିବା ସହ ପ୍ରଜେକ୍ଟ ଥିବା ରାସ୍ତାର ମରାମତି କରାନଗଲେ ଗ୍ରାମବାସୀ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ଜାତୀୟ ସେବା ଯୋଜନାରେ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୫/୧ (ନି.ପ୍ର): ଅଗ୍ରଣୀ ମହିଳା ଶିକ୍ଷାନୁଷ୍ଠାନ ତୁଳସୀ ମହିଳା ମହା ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଯୋଜନା ମାଧ୍ୟମରେ ମକର ସଂକ୍ରାନ୍ତିରେ ସୂର୍ଯ୍ୟ ନମସ୍କାର ର ଆବଶ୍ୟକତା ଉପରେ ମହା ବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଞ୍ଜିତ୍ ରଞ୍ଜନ ସାହୁ ଆଲୋକପାତ କରିଥିଲେ ।

### ଫକୀରମୋହନ ଜୟନ୍ତୀ ପାଳନ ଅବସରରେ ରାଜ୍ୟପାଳଙ୍କ ବାର୍ତ୍ତା

# ଫକୀରମୋହନଙ୍କ ଦୂରଦୃଷ୍ଟି ଆକାଶରୁ ଅବକାଶ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା

ବାଲେଶ୍ୱର ,୧୫/୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ହେଉଥିବା କଥାସମ୍ରାଟ ଫକୀରମୋହନଙ୍କ ୧୮୦ତମ ଜୟନ୍ତୀ ଓ ପରିଷଦର ୭୫ତମ ରତ୍ନୋତ୍ସବର ଆଜି ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭିଡିଓ ବାର୍ତ୍ତା ମାଧ୍ୟମରେ ସଭାକୁ ଉଦ୍‌ବୋଧନ ଦେଇ କହିଲେ ଯେ ଫକୀରମୋହନ ସେନାପତିଙ୍କ ଦୂରଦୃଷ୍ଟି ଆକାଶରୁ ଅବକାଶ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ତାଙ୍କ ରଚିତ 'ରେବତୀ' ଗଳ୍ପ ସାରା ବିଶ୍ୱକୁ ନାରୀଶିକ୍ଷା ଓ ନାରୀପ୍ରଗତିର ବାର୍ତ୍ତା ଏବେବି ଦେଇଆସୁଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରି ବରିଷ୍ଠ ସଦସ୍ୟ ତଥା ପରିଷଦ ଗୌରବ ସମ୍ମାନପ୍ରାପ୍ତ ବର୍ଷିୟାନ ସାରସ୍ୱତ ସାଧକ ଇଂ ପ୍ରଶାନ୍ତ କୁମାର ଦତ୍ତଙ୍କ ବିୟୋଗରେ ତାଙ୍କର ସ୍ମୃତିଚାରଣ କରିଥିଲେ । ଇଂ ଦତ୍ତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟଅତିଥି ଭାବେ ଯୋଗ ଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଲେ ଯେ ଓଡ଼ିଆଭାଷାର ତ୍ରାଣକର୍ତ୍ତା ଫକୀରମୋହନ ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିବାରୁ ବାଲେଶ୍ୱର ସମେତ ସାରା ଓଡ଼ିଶାରେ ଓଡ଼ିଆ ଭାଷାକୁ ଧ୍ୱଂସମୁଖରୁ ରକ୍ଷା କରିପାରିଥିଲେ । ନଚେତ ପଡ଼ୋଶୀ ରାଜ୍ୟର ଚକ୍ରାନ୍ତ ଯୋଗୁଁ ଆମ ଭାଷା ଆଜି ବିଲୁପ୍ତ ହୋଇଯାଇଥାଆନ୍ତା । ମୁଖ୍ୟବକ୍ତା ଭାବେ ଯୋଗଦେଇ ବରେଣ୍ୟ କବି ହୁସେନ ରବି ଗାନ୍ଧୀ ଫକୀରମୋହନଙ୍କ ଅସାଧାରଣ କୃତି ଓ କୀର୍ତ୍ତି ସଂପର୍କରେ ଆଲୋକପାତ କରିଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆହ୍ୱାନ କରିଥିବାବେଳେ ସଂପାଦକ ଦୀପକ ବୋଷ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପରିଷଦର ମୁଖପତ୍ର 'ସାହିତ୍ୟ ବାହିକା' ଓ ସୁଷମା ମହାପାତ୍ରଙ୍କ ପୌରାଣିକ ଉପନ୍ୟାସ 'ରାମପ୍ରିୟା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମ୍ବର୍ଦ୍ଧନା ପର୍ବରେ କୋଡ଼ିଏ ଜଣ ପ୍ରତିଭାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶାର ପ୍ରଥିତଯଶା କବି ହରପ୍ରସାଦ ଦାସଙ୍କୁ ପରିଷଦର ସର୍ବୋଚ୍ଚ ପୁରସ୍କାର 'ଫକୀରମୋହନ ସାହିତ୍ୟଶ୍ରୀ ପୁରସ୍କାର'ରେ ପୁରସ୍କୃତ କରାଯିବା ସହିତ ନବପ୍ରତିଭା ଭାବରେ ସଂଜୟ ପଣ୍ଡାଙ୍କୁ ହାଜି ଅସରଫ୍ ଅଲ୍ଲୀ ଉଦୟ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରବନ୍ଧ ପାଇଁ ଡ. ନୃସିଂହ ଷଡ଼ଙ୍ଗୀ, ସମାଲୋଚନା ସାହିତ୍ୟ ପାଇଁ ଡ. ମହେନ୍ଦ୍ର କୁମାର ମିଶ୍ର, କବିତା ପାଇଁ ସେନାପତି ପ୍ରଦ୍ୟୁମ୍ନ କେଶରୀ, ଗଳ୍ପ ପାଇଁ ସଦାନନ୍ଦ ତ୍ରିପାଠୀ, ଉପନ୍ୟାସ ପାଇଁ ସୁନୀତି ମୁଣ୍ଡ, ନାଟକ ପାଇଁ ଆନନ୍ଦ ଚନ୍ଦ୍ର ପହି, ଗୀତିକବିତା ପାଇଁ ବାବାଜୀ ଜେନା, ଅନୁବାଦ ସାହିତ୍ୟ ପାଇଁ ଡ. ସ୍ନେହପ୍ରଭା ଦାସ, ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟ ପାଇଁ ଶ୍ରୀମତୀ ବସନ୍ତ ମିଶ୍ର, ଶିଶୁସାହିତ୍ୟ ପାଇଁ ଲୋଚନ ବେହେରା, ସମ୍ବାଦ ସାହିତ୍ୟ ପାଇଁ କୁଳମଣି ବାରିକ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରସାର ପାଇଁ ଡ. ଅଶ୍ୱିନୀ ଶତପଥୀ, ସାହିତ୍ୟ ସଂଗଠନ ପାଇଁ ବିକାଶ ଶତପଥୀ, ପତ୍ରିକା ସଂପାଦନା ପାଇଁ ସରୋଜ ବଳ, ସାହିତ୍ୟ ଓ ସମାଜସେବା ପାଇଁ ମମତା ମହାପାତ୍ର, ଆଧ୍ୟାତ୍ମିକ ସାହିତ୍ୟ ପାଇଁ ସୁରେନ୍ଦ୍ର ପ୍ରସାଦ ଧଳ ଓ ଭ୍ରମଣ ସାହିତ୍ୟ ପାଇଁ ଡ. ବିବେକାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସଦସ୍ୟ କବୀନ୍ଦ୍ରନାଥ ଦାସ ପରିଷଦ ଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଡା. କୁମାର ଗୋପାଳ, ମନସ୍ୱିନୀ ଦେବୀ, ସ୍ନିଗ୍ଧା ସାମନ୍ତରାୟ, କଲ୍ୟାଣୀ ନନ୍ଦ, ସୁବ୍ରତା ମହାନ୍ତି, ଜ୍ୟୋତ୍ସ୍ନା ରାୟ, ପ୍ରୀତିଲେଖା ଦାସ, ପ୍ରତିମା ପଣ୍ଡା, ରାଜସ୍ମିତା ସାହୁ, ଅର୍ଚ୍ଚନା ନନ୍ଦୀ, ସ୍ମୃତି ଦାସ, ଦୀପ୍ତିଲତା ଦାସ, ପ୍ରଦୀପ୍ତ ମହାନ୍ତି, ରାଜେଶ ଗିରି ପ୍ରମୁଖ ମାନପତ୍ର ପାଠ କରିଥିଲେ । କୋଷାଧ୍ୟକ୍ଷ ତପନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ଣରେ ବାଲେଶ୍ୱର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପ୍ରତ୍ୟୁଷରେ ସ୍ଥାନୀୟ ନୟନା କୁମାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ଶାନ୍ତନୁ କୁମାର ଜେନାଙ୍କ ନେତୃତ୍ୱରେ ନିତିଶ କୁମାର ନାୟକ, ଶ୍ରଦ୍ଧାଞ୍ଜଳି ନାୟକ, ଧରିତ୍ରୀ ଚାନ୍ଦ, ଦିବ୍ୟାଜ୍ୟୋତି ସାହୁ, ଲୋପାମୁଦ୍ରା ବିଶ୍ୱାଳ ପ୍ରମୁଖ ଛାତ୍ରଛାତ୍ରୀମାନେ ଶାନ୍ତିଘାଟଠାରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତି ଅଞ୍ଜଳି ବାଢ଼ିଥିଲେ । ଅପରାହ୍ଣରେ ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ଫକୀରମୋହନ ଓ ସାଂପ୍ରତିକ କବିତା' ଶୀର୍ଷକ ଆଲୋଚନା ସଭାରେ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା, ଡ. ରବୀନ୍ଦ୍ର ବିହାରୀ ଓ ଅଧ୍ୟାପକ ସୁକାନ୍ତ ଗିରି ଅତିଥି ଭାବରେ ଯୋଗ ଦେଇଥିଲେ ।

# ବିଭିନ୍ନ ସ୍ଥାନରେ ମକର ପର୍ବ ଓ ଫକୀର ମୋହନ ଜୟନ୍ତୀ ପାଳିତ

ଜଳେଶ୍ୱର,୧୫/୧ (ନି.ପ୍ର): ଓଡିଆଙ୍କର ଅନ୍ୟଏକ ଗଣପର୍ବ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଫକୀରମୋହନଙ୍କ ପ୍ରତିମୂତର୍ତ୍ତିରେ ମାଲ୍ୟାର୍ପଣ ଓ ମକର ଉତ୍ସବ ପାଳିତ ହୋଇ ଯାଇଛି । ଉପାନ୍ତ ହାଟପଦାସ୍ଥିତ ଆଶ୍ରମ ସ୍କୁଲ ପରିସରରେ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ଓଡିଆ ଭାଷା ସାହିତ୍ୟର ଜନକ ଫକୀରମୋହନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ଫକୀରମୋହନ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ଶ୍ରୀ ବିଶ୍ୱାଳ ଅଧ୍ୟକ୍ଷତା କରି ଫକୀରମୋହନ ଓଡିଆ ଜାତି-ଭାଷା-ସାହିତ୍ୟର ଜନକ ଓ ସେନାପତି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଇଂ ରତ୍ନାକର ରାୟ, କବି ବସନ୍ତ ଦାସ, ପ୍ରଧାନ ଶିକ୍ଷକ ଅଜୟ ଗିରି, ଡ. ଅଜିତ୍ ମହାନ୍ତି, ଶରତ ପରିଡା, ଅବନୀ ଚାନ୍ଦ, ଅନନ୍ତ ଘୋଷ, ରଂଜନ କୁମାର ଘୋଷ, ରାଣା ପ୍ରତାପ ରାୟ, ଖଗେନ୍ଦ୍ର ନାଥ ରଣା, ସଂଘର ସଭାପତି ଉତ୍ତମ ପ୍ରଧାନ, ରାଜେଶ ରାୟ, ରବିନ୍ଦ୍ର ବାରିକ, ବିମଳ ଦାସ, ରୂପକ ନନ୍ଦି, କାହ୍ନୁ ବେହେରା, ପ୍ରତାପ ରଣା, ଜଗନ୍ନାଥ ରଣା ପ୍ରମୁଖ ଫକୀରମୋହନଙ୍କ ଜୀବନୀ ଓ ଓଡିଆ ସାହିତ୍ୟର ସୁରକ୍ଷା କବଚ ସାଜିଥିବା ସଂପର୍କରେ କହିଥିଲେ । ଏହା ପୂର୍ବରୁ ସେଠାରେ ଉପସ୍ଥିତ ବ୍ୟକ୍ତିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ମକର ଉତ୍ସବ ପାଳିତ ହୋଇଥିଲା । ଉତ୍କଳ ସମ୍ମିଳନୀ ଓ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସଂପାଦକ ସୁନୀଲ ନାୟକ, ସଭାପତି ଡ. ରମାକାନ୍ତ ଭଂଜ, ଡ. ଲଳିତ ରଂଜନ ସେନାପତି, ଅରୁଣ ବେଜ, ଅଶୋକ ଦାସ, ଜିତାରାମ ଦେ, ଅଜିତ୍ ମହାନ୍ତି, ମନୋରଂଜନ ଦାସ, ଭାସ୍କର ମିଶ୍ର, ଦିଲିପ ଗିରି, ସୀତାଂଶୁ ସେନାପତି, ସୁକୁମାର ରଣା, ପତିତ ପାବନ ପ୍ରଧାନ, ଟଙ୍କଧର ମହାପାତ୍ର, ରବିନ୍ଦ୍ର ବାରିକ ପ୍ରମୁଖ ବ୍ଲକ ପରିସର ଓ ହାଟପଦାସ୍ଥିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେହିପରି ଜଳେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଚିନ୍ମୟ କୁମାର ଦାସ, ସଂପାଦକ ବନମାଳି ଧଳ, ବିଷ୍ଣୁପଦ ମହାନ୍ତି, ସତ୍ୟସୁନ୍ଦର ଦାସ, ଡ. ଅଜିତ୍ ମହାନ୍ତି, ବନବିହାରୀ ପ୍ରଧାନ, ଦିଲ୍ଲିପ ଗିରି, ଅରୁଣ ବେଜ ପ୍ରମୁଖ ପ୍ରତିବର୍ଷପରି ଚଳିତବର୍ଷ ମକର ଉତ୍ସବରେ ଯୋଗ ଦେଇଥିଲେ । ଅନୁରୂପଭାବେ ଡିଏସ୍‌ଓ ଜଳେଶ୍ୱର ଶାଖା ପକ୍ଷରୁ ବ୍ଲକ ପରିସରରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ବାଲେଶ୍ୱର ଜିଲା ଆବାହକ କ୍ରିଷ୍ଣାରାଣୀ ସାହୁ, ସୌରଭ ଦାସ, ଶୁଭ୍ରମ ରାଉଳ, ସତ୍ୟଜିତ୍ ବେହେରା, ତାପସ ରାଉଳ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ପ୍ରତିଟି ସ୍ଥାନରେ କୋଭିଡ ନିୟମ ଅନୁଯାୟୀ ମକର ଉତ୍ସବ ପାଳିତ ହୋଇଥିଲା ।

## ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୫/୧ (ନି.ପ୍ର): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ବିପ୍ଳବୀ ଜେନାଙ୍କ ୭୬ତମ ତିରୋଧାନ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କୋଭିଡ-୧୯ କଟକଣା ପାଳନ ପୂର୍ବକ ଅପରାହ୍ଣ ୩ ଘଟିକା ସମୟରେ ସ୍ଥାନୀୟ ରିଡିଂ ରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସମ୍ପାଦକ ରମଣୀ ରଂଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ କରୋନା ମହାମାରୀର ପ୍ରକୋପ ଥିବାରୁ କୋଭିଡ ନିୟମ ଅନୁପାଳନ ପୂର୍ବକ ଚଳିତ ଜାନୁୟାରୀ ମାସ ୨୭ତାରିଖ ସକାଳ ୯ ଘଟିକା ସମୟରେ ଆନନ୍ଦ ମାର୍ଗ ସ୍ଥିତ ବିପ୍ଳବୀଙ୍କ ପ୍ରତିମୂର୍ତିରେ ବିଶିଷ୍ଟ ଅତିଥି ମାନଙ୍କ ଦ୍ୱାରା ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା ।

## ସରକାରୀ-କୃଷି ଓ ବ୍ୟବସାୟୀକ ଯନ୍ତ୍ରପାତି ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଜଳେଶ୍ୱର ୧୪/୧(ନିପ୍ର): ସରକାରୀ ଯୋଜନାରେ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟବସାୟିକ ଭିତ୍ତିରେ ବିଭିନ୍ନ ଯନ୍ତ୍ରପାତି ବିକ୍ର ଲାଗି ଏକ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଏଥିରେ ଧାନ ଅମଳ ଯନ୍ତ୍ର, ଧାନ ରୁଆ ଯନ୍ତ୍ର, ବୁଣା ଯନ୍ତ୍ର, ମାଟି ସମତୁଲ, ମାଟି ଗୁଣ୍ଡ ଯନ୍ତ୍ର, ମିନି ଧାନକୁଟା, ଅଟାକଳ, ମସଲା ଗୁଣ୍ଡ, ଆଖୁପେଡା, କ୍ଷୁଦ୍ର ଉଦ୍ୟଗୀଙ୍କୁ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇବା ଏହି ବିକ୍ରୟ କେନ୍ଦ୍ରର ଉଦ୍ଦେଶ୍ୟ ବୋଲି ଉଦ୍‌ଘାଟନ ଅବସରରେ ଏହାର ସତ୍ୱାଧିକାରୀ ପାର୍ଥସାରଥି କର କହିଛନ୍ତି । ସ୍ୱୟଂସହାୟକ ଗୋଷ୍ଠୀମାନେ ଏଠାରୁ ରିହାତିମୂଲ୍ୟରେ ଯନ୍ତ୍ର କିଣି ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ । ଚାଷୀ ମାନେ ଉନ୍ନତମାନର ଚାଷ ଉପକରଣ କିଣିବା ସହିତ ମାଗଣାରେ ପ୍ରଶିକ୍ଷଣ ନେବାର ବ୍ୟବସ୍ଥା ରହିଥିବା ଶ୍ରୀ କର ସାମ୍ବାଦିକ ମାନଙ୍କୁ କହିଛନ୍ତି ।

**AFFIDAVIT**

By virtue of affidavit before The Notary Pubilc, Odisha, Balasore. I Madhusudan Barik, aged about 51, S/o. Kali Charan Barik, At. Namkana, P.O. Rella, P.S. Jaleswar, Dist. Balasore declare that in my service book along with P.P.O Vide No.15320210986, My son's name has been mentioned as Manas Ranjan only instead of Manas Ranjan Barik. Manas Ranjan Barik and Manas Ranjan both S/o. Madhusudan Barik are not two different persons, but one & same person. Henceforth Ranjan Kumar Barik shall be known as for all purpose and submit before the appropriate authority.

# ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ୧୭ ଦଫା ଦାବିପତ୍ର ପ୍ରଦାନ

ନୂଆପଡା,୧୫/୧ (ନି.ପ୍ର): ନୂଆପଡା ଜିଲ୍ଲା ଆଶା କର୍ମୀ ସଂଘ ତରଫରୁ ସଂଘର ଉପଦେଷ୍ଟା ତଥା ନୂଆପଡା ଜିଲ୍ଲା ଶ୍ରମିକ ମହାସଂଘର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଆଶାକର୍ମୀ ଅତିରିକ୍ତ ଜିଲ୍ଲାପାଳ ଅଗସ୍ତି ପ୍ରଧାନଙ୍କୁ ତଥା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରିଣୀ ଡ଼ଃ. ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ୧୭ ଦଫା ସମ୍ବଳିତ ଦାବୀ ପତ୍ର ପ୍ରଦାନ କରିଛନ୍ତି । ତାଙ୍କର ବିଭିନ୍ନ ସମସ୍ୟା ଓ ଦାବୀପତ୍ର ଉପରେ ବିସ୍ତୃତ ଚର୍ଚ୍ଚା ଆଲୋଚନା କରାଯାଇଥିଲା । ପରେ ମହାମହିମ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ଅତିରିକ୍ତ ଶାସନ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମାନନୀୟା ନିର୍ଦ୍ଦେଶିକା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରେରଣ କରାଯାଇଥିଲା । ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରିବା ସହିତ ଆଶାକର୍ମୀଙ୍କୁ ସରକାରୀ କରିବା, ଆଶାକର୍ମୀଙ୍କ ବେତନ ଭତ୍ତା ଏକୋଇଶ ହଜାର ଟଙ୍କା ଓ ପେନସନ ଅତି କମ୍ ରେ ତିନି ହଜାର ଟଙ୍କା, ଆଶାକର୍ମୀଙ୍କ ପାଇଁ ଇ.ପି.ଏଫ.ଗ୍ରାଚ୍ୟୁଇଟି, ଇ.ଏସ.ଆଇ ଓ ପେନସନ ଲାଗୁ କରିବା, ଆଶାକର୍ମୀ ମାନଙ୍କ ଦୁର୍ଘଟଣା କିମ୍ବା ସାଧାରଣ ମୃତ୍ୟୁରେ ୫ ଲକ୍ଷ ଟଙ୍କା କ୍ଷତିପୁରଣ, ଆଶାକର୍ମୀଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ଦେଇ କୋଭିଡ ସ୍ୱତନ୍ତ୍ର ଭତା ବନ୍ଦ ନ କରିବା, ପ୍ରତ୍ୟେକ ଡାକ୍ତରଖାନାରେ ଆଶା ଗୃହର ବ୍ୟବସ୍ଥା, ରାତ୍ରୀକାଳୀନ ଡ୍ୟୁଟି ପାଇଁ ଆଲାଉନ୍ସ ପ୍ରଦାନ, ଜନନୀ ସୁରକ୍ଷା ଯୋଜନାର ପାଉଣାକୁ ଦୁଇଗୁଣ କରିବା, ବର୍ଷରେ ଦୁଇ ହଳ ପୋଷାକ ପ୍ରଦାନ, ଅନ୍ୟାନ୍ୟ ରାଜ୍ୟ ପରି ଆଶାକର୍ମୀଙ୍କ ପାଇଁ ସ୍ୱତନ୍ତ୍ର ଭତା ବ୍ୟବସ୍ଥା, ଆଶାକର୍ମୀ ମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଦୁର୍ବ୍ୟବହାର କିମ୍ବା ଆତ୍ମସମ୍ମାନରେ ଆଂଚ୍ ଆସିଲା ଭଳି ବ୍ୟବହାର ନ କରିବା ଇତ୍ୟାଦି ସତର ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସରକାର ଓ ପ୍ରଶାସନିକ ଅଧିକାରୀ ଯଥାର୍ଥ ଦାବୀ ଗୁଡିକ ପୂରଣ ପାଇଁ ବିଚାର ଓ ପଦକ୍ଷେପ ନ ନେଲେ ସଂଘ ତରଫରୁ ଆନ୍ଦୋଳନର ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ମିନାକୁମାରି ମାଝୀ, ଗୀତାଞ୍ଜଳି କୁମ୍ଭାର, ସରସ୍ୱତୀ ମାଝୀ, ଗୀତାଞ୍ଜଳି ତାଣ୍ଡି, ହେମକାନ୍ତି ମାଝି, ପୁଷ୍ପାଞ୍ଜଳି ପଟେଲ, ନିଳାବତୀ ନାୟକ, ସାବିତ୍ରୀ ଦୁରିଆ, ସ୍ନେହସିଲା ଜୈନ, କିଅଫୁଲ ଶୋରୀ, ବିଏମଏସ ସାଧାରଣ ସମ୍ପାଦକ ପ୍ରଦୀପ ଦଣ୍ଡସେନା, ନିଫଟୁ ସଭାପତି ଭକ୍ତବନ୍ଧୁ ଧରୁଆ, ଶ୍ରମିକ ନେତା ଯଯାତି ମେହେର, କୁଞ୍ଜବିହାରି କଟା ପ୍ରମୁଖଙ୍କ ସହିତ ଶତାଧିକ ଆଶାକର୍ମୀ ସାମିଲ ହୋଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରେ ନେତୃତ୍ୱ ନେଉଥିବା ଆଶାକର୍ମୀ ଓ ଶ୍ରମିକ ନେତା ମାନେ ପ୍ରବଳ ବର୍ଷାରେ ମଧ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ନୂଆପଡା ଜିଲ୍ଲା ଆଶା କର୍ମୀ ସଂଘର ଉପଦେଷ୍ଟା ଯଦୁମଣି ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଛାତ୍ର ଦେବାଶିଷ ରାଉଳଙ୍କୁ ଆଶ ଦମ୍ପତି ପଦାର୍ଥ ବିଜ୍ଞାନ ପୁରସ୍କାର



ବାଲେଶ୍ୱର,୧୫/୧ (ନି.ପ୍ର): ବ୍ୟାସକବି ଜୟନ୍ତୀ ଅବସରରେ ଫକୀର ମୋହନ ମହାବିଦ୍ୟାଳୟରେ ଏକ ସଂକ୍ଷିପ୍ତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ୨୦୨୦-୨୧ଶିକ୍ଷାବର୍ଷରେ ପଦାର୍ଥ ବିଜ୍ଞାନ ସ୍ନାତକରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ତଥା ଗରିବ ଛାତ୍ର ଦେବାଶିଷ ରାଉଳଙ୍କୁ ପୁରସ୍କୃତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଅନିରୁଦ୍ଧ ବେହେରାଙ୍କ ଉପସ୍ଥିତିରେ ଫକୀରମୋହନ ୟୁନିଭରସିଟିର ପ୍ରାକ୍ତନ ପରୀକ୍ଷା ନିୟନ୍ତ୍ରକ ଡ. ଦେବବ୍ରତ ଆଶ୍‌ଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ର ଶ୍ରୀ ରାଉଳଙ୍କୁ ମାନପତ୍ର ଓ ନଗଦ ୫୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ଈଶାନ ଚନ୍ଦ୍ର ଆଶ ଓ ମିନତୀ ଆଶଙ୍କ ସୁପୁତ୍ର ବୈରାମ ନଗରର ବାସିନ୍ଦା ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରଫେସର ଡ. ଦେବବ୍ରତ ଆଶଙ୍କ ପକ୍ଷରୁ ପ୍ରଦତ୍ତ ବୃହତ ଜମାରାଶିର ବାର୍ଷିକ ସୁଧ ଅର୍ଥରେ ପ୍ରତିବର୍ଷ ପଦାର୍ଥ ବିଜ୍ଞାନରେ ସର୍ବୋଚ୍ଚ ନମ୍ବରଧାରୀ ତଥା ଆର୍ଥିକ ସ୍ୱଚ୍ଛଳତା ନଥିବା ଛାତ୍ରଙ୍କୁ ପୁରସ୍କୃତ କରାଯାଇଥାଏ ।

## ଦୁଇ ବିଜେଡି ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୧୫/୧ (ନି.ପ୍ର): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସମ୍ପାଦକ ନାମ ଘୋଷଣା ହୋଇଛି । ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେଡି ନେତା ରମେଶ ଚନ୍ଦ୍ର ପରିଡା ଓ ବରୀ ନିର୍ବାଚନ ମଣ୍ଡଳୀର ଯୁବ ନେତା ବିଶ୍ୱ ରଂଜନ ମଲ୍ଲିକଙ୍କୁ ଚୟନ କରାଯାଇଛି । ଏନେଇ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଛି । ଫଳରେ ଏହି ଦୁଇ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ନିଯୁକ୍ତି ମିଳିବା ପରେ ଧର୍ମଶାଳା ଓ ବରୀ ନିର୍ବାଚନ ମଣ୍ଡଳୀରୁ ସେମାନଙ୍କୁ ବହୁ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନେ ସମ୍ବର୍ଦ୍ଧନା ଜଣାଇଛନ୍ତି ।

## ଗ୍ରାମବାସୀଙ୍କ ଅଭିନବ ପ୍ରତିବାଦ: ରାସ୍ତା ନାହିଁ ତ ଭୋଟ୍ ନାହିଁ

ସାଲେପୁର,୧୫/୧ (ନି.ପ୍ର): ଚଳିତ ପଚାଂୟତ ନିର୍ବାଚନ ବିଗୁଲ୍ ବାଜିବା ପରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଅଭିନବ ଉପାୟରେ ପ୍ରତିବାଦ କରି ଗ୍ରାମବାସୀମାନେ ସେମାନଙ୍କର ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି । ପଚାଂୟତ ନିର୍ବାଚନରେ ଆଶୟୀ ପ୍ରାର୍ଥୀପ୍ରାର୍ଥିନୀ ମାନେ ଗାଁ ଗାଁ ବୁଲି ଭୋଟ୍ ହାତେଇବା ପାଇଁ ପ୍ରତିଶୃତି ପରେ ପତିଶୃତି ଦେଇ ଚାଲିଥିଲା ବେଳେ ଏହି ବ୍ଲକର ଗୋତରା ପଂଚାୟତ ଅନ୍ତର୍ଗତ ଗୋତରା ଗ୍ରାମର ୧ନଂ ୱାର୍ଡ ଦାସ ସାହିରେ ଗ୍ରାମବାସୀମାନଙ୍କର ଏକ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି । ଏହିପଡାରେ ୫୦ ରୁ ଉର୍ଦ୍ଧ୍ୱ ଦଳିତ ପରିବାର ବସବାସ କରିଥାଆନ୍ତି । ସେମାନଙ୍କର ଗମନାଗମନ ପାଇଁ ୮ ନଂ କେନାଲବନ୍ଧ ରାସ୍ତା ଏକମାତ୍ର ଭରସା । ଦୀର୍ଘ ଦିନ ହେବ ମରାମତି ଅଭାବରୁ ରାସ୍ତାଟି ସମ୍ପୂର୍ଣ୍ଣ ଗମନାଗମନ ନିମନ୍ତେ ଅନୁପଯୋଗୀ ହୋଇଯାଇଛି । ଯାହାଫଳରେ ଗ୍ରାମବାସୀମାନେ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ରାସ୍ତାର ପାର୍ଶ୍ୱରେ ଏକ ପୋଷ୍ଟର ଲଗାଇ ପଡାବାସୀମାନେ ରାସ୍ତାକାମ ନାହିଁ ତ ଭୋଟ ନାହିଁ ଲେଖି ଅଭିନବ ଉପାୟରେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି । ଏଭଳିକି ଚଳିତ ପଂଚାୟତ ନିର୍ବାଚନକୁ ବର୍ଜନ କରିବା ପାଇଁ ସେମାନଙ୍କ ତରଫରୁ ମତ ପ୍ରକାଶ ପାଇଛି । ଏହିପଡା ଗ୍ରାମ ପାର୍ଶ୍ୱ ଦେଇ ୮ନଂ କେନାଲ ପ୍ରବାହିତ ହେଉଛି । କାହାସ୍ୱାର୍ଥରେ କେନାଲରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମାଳ ମାଳ ପାହାଚ ନିର୍ମାଣ କରାଯାଇଥିଲା ବେଳେ ଗମନାଗମନ ପାଇଁ ରାସ୍ତା ନିର୍ମାଣ ନହେବାର କାରଣ କ'ଣ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

# ଦୀନକୃଷ୍ଣ ସାହିତ୍ୟ, ସଂସ୍କୃତି ସଂସଦ ପକ୍ଷରୁ 'କଥାରେ କଥାରେ ଗଳ୍ପ' ପାଠୋତ୍ସବ

ଜଳେଶ୍ୱର ,୧୫/୧ (ନି.ପ୍ର): ଓଡିଆ ସାହିତ୍ୟ, ସଂସ୍କୃତିର ତ୍ରାଣକର୍ତ୍ତା ଫକୀରମୋହନ ସେନାପତିଙ୍କ ୧୮୦ତମ ଜୟନ୍ତି ଦୀନକୃଷ୍ଣ ସାହିତ୍ୟ-ସଂସ୍କୃତି-ସଂସଦ ପକ୍ଷରୁ ଭଂଜଭବନଠାରେ ମହାସମାରୋହରେ ପାଳିତ ହୋଇଛି । 'କଥାରେ କଥାରେ ଗଳ୍ପ' ଶୀର୍ଷକ ଆଲୋଚନାଚକ୍ରରେ ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁ ମାଧବ ମହାନ୍ତି ସଭାପତିତ୍ୱ କରିଥିଲେ । ଆଲୋଚକଭାବେ ଡ. ରଜନୀକାନ୍ତ ଭୂୟାଁ, ଡ. ରମାକାନ୍ତ ଭଂଜ, ଓ ସଂପାଦକ ଅକ୍ଷୟ କୁମାର ମିଶ୍ର ଫକୀରମୋହନଙ୍କୁ ଜଣେ ସଂସ୍କାରବାଦୀ, ରକ୍ଷଣଶିଳତା, ସବୁ ଧର୍ମକୁ ଭଲ ପାଇବା ସଂପର୍କରେ ଆଲୋକପାତ କରିଥିଲେ । ତାଙ୍କର ୪ଟି ଉପନ୍ୟାସ ଓ ୨୦ଟି ଗଳ୍ପରେ ନାରୀଶିକ୍ଷା, ଅନ୍ଧବିଶ୍ୱାସ, ବାଲ୍ୟବିବାହ, ଜମିଦାରୀ ଶୋଷଣ, ନିଶା ପ୍ରଚଳନ, କୁସଂସ୍କାର ପ୍ରତିଫଳନ ହୋଇଥିବା କହିଥିଲେ । ଡ. ଲଳିତ ରଂଜନ ସେନାପତିଙ୍କ ସଂଚାଳନାରେ 'କଥାରେ କଥାରେ ଗଳ୍ପ' ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଲେଖକ ଓ କବି ଭାଗ ନେଇଥିବା ବେଳେ ମନୋରଂଜନ ଦାସ, ଡ. ଅଜିତ୍ ମହାନ୍ତି, ସୁନୀଲ ନାୟକ, ଦିଲ୍ଲିପ ଗିରି, ରବିନ୍ଦ୍ର ବାରିକ, ସିତାଂଶୁ ସେନାପତି, ଜିତାଂଶୁ ନନ୍ଦି, ବସନ୍ତ ଦାସ, ରାଣାପ୍ରତାପ ରାୟ, ଶଶାଂକ ଶେଖର ମହାନ୍ତି, ବଂଶୀଧର ବାରିକ, ଭାଗବତ ଚନ୍ଦ୍ର ପରିଡା, ସତ୍ୟବ୍ରତ ଶତପଥି, ଲକ୍ଷ୍ମୀନାରାୟଣ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସୁକୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଲକ୍ଷ୍ମୀପୁର ଷ୍ଟେଟବ୍ୟାଙ୍କରୁ କୋଟିଏ ଟଙ୍କାର ସୁନା ଗହଣା ଲୁଟ୍

ଜୟପୁର ,୧୫/୧ (ନି.ପ୍ର): ଲକ୍ଷ୍ମୀପୁର ସଦର ମହକୁମା ଠାରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ରୁ ପ୍ରାୟ ୧୬୦୦ ଗ୍ରାମ ରୁ ଉର୍ଦ୍ଧ ସୁନା ଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଲୁଟ୍ ଗହଣାର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ହୋଇଥିବା ସୂଚନା ମିଳିଛି । ଏଥିସହ କିଛି ଟଙ୍କା ମଧ୍ୟ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ଘଟିବାର ଦୀର୍ଘ ଦିନ ବିତିଯାଇଥିଲେ ସୁଧା ବ୍ୟାଙ୍କ କର୍ମଚାରୀ ଓ ପୋଲିସ ଛଡ଼ା କାହା ପାଖରେ ଖବର ପହଂଚି ନଥିଲା । ଗତକାଲି ଲକ୍ଷ୍ମୀପୁର ପୋଲିସ ଜଣକୁ ଧରି ଅଟକ ରଖି ପଚରା ଉଚୁରା ପରେ ତାଠାରୁ କିଛି ଗହଣା ଜବତ କରିବା ପରେ ବିଜୁଳି ବେଗରେ ବ୍ଲକ ସାରା ବ୍ୟାପି ଯାଇଥିଲା । ଘଟଣା ବିଷୟରେ ଗଣମାଧ୍ୟମକୁ ନା ପୋଲିସ କିଛି ସଠିକ୍ ତଥ୍ୟ ଦେଉଛନ୍ତି ନା ବ୍ୟାଙ୍କ କର୍ତ୍ତୃପକ୍ଷ । କିନ୍ତୁ ଜଣେ ପୋଲିସ ଅଫିସର ନିଜ ନାମ ଗୋପନ ରଖି କହିଛନ୍ତି ଯେ ବ୍ୟାଙ୍କ ରୁ ସୁନା ଅଳଙ୍କାର ଚୋରୀ ହୋଇଛି । ଚୋରୀ କରିଥିବା ବ୍ୟକ୍ତି ଜଣକ ବ୍ୟାଙ୍କ ର ଜଣେ କର୍ମଚାରୀ । ତଦନ୍ତ ଚାଲିଚି , ବହୁତ ଶୀଘ୍ର ପରଦା ଉଠିବ । ଏହା ଜଣା ପଡ଼ିବା ପରେ ଚାରିଆଡ଼େ ବ୍ୟାଙ୍କର ସୁନା ଚୋରୀ ବିଷୟରେ ଆଲୋଚନା ଏବଂ ଚର୍ଚ୍ଚା । ସବୁଠି ସେଇ ଗୋଟିଏ ପ୍ରଶ୍ନ । ଜଣେ ବ୍ୟାଙ୍କ କର୍ମଚାରୀ କେମିତି ଏତେ ବଡ଼ ଚୋରୀ କଲେ । ଶାଖା ପରିଚାଳକ କେମିତି ଜାଣିପାରିଲେ ନାହିଁ । ଘଟଣା ଲୋକଲୋଚନକୁ ଆସିବାକୁ ଏତେ ଡେରୀ କେମିତି ହେଲା । ଜନସାଧାରଣ ନିଜର ଧନ ସମ୍ପଦ ସୁରକ୍ଷା ପାଇଁ ବ୍ୟାଙ୍କ ରେ ଲକର ବ୍ୟବହାର କରି ନିଜ ନିଜର ସୁନା ଗହଣା ରଖିଥାନ୍ତି । ଯଦି ବ୍ୟାଙ୍କରେ ରଖାଯାଉଥିବା ସୁନା ଗହଣା ସୁରକ୍ଷିତ ରହୁନି !ତ କୋଉଠି ରଖିବେ ଟଂକା ସୁନା ତାହା ଏବେ ବଡ଼ ପ୍ରଶ୍ନ । କୋରାପୁଟ ଜିଲ୍ଲାର କୌଣସି ବ୍ୟାଙ୍କ ରେ ନିଜ ବିଭାଗର କର୍ମଚାରୀ ଚୋରୀ କରିବା ଘଟଣା ପ୍ରଥମ । ଲକ୍ଷ୍ମୀପୁର ବ୍ଲକ ସଦର ଥାନା ଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ରହିଛି ।ଏହି ଚୋରୀ ଗତ ଦୁଇ ମାସ ତଳେ ହେଇଥିବା ସୂଚନା ମିଳିଛି । ଜଣକୁ ପୋଲିସ ସନ୍ଦେହ ରେ ଅଟକ ରଖିଥିବା ଜଣା ପଡ଼ିଛି । ଅଟକ ଥିବା ବ୍ୟକ୍ତି ସେହି ବ୍ୟାଙ୍କର କର୍ମଚାରୀ । ମିଳିଥିବା ସୂଚନା ଅନୁସାରେ ବ୍ୟାଙ୍କ ରେ ଥିବା ବନ୍ଧକ ସୁନାରୁ ସେହି ବ୍ୟାଙ୍କର କର୍ମଚାରୀ ଚତୁରତାର ସହ ଦେଢ଼ କିଲୋ ସୁନା ଅଳଙ୍କାର ଚୋରୀ କରିନେଇଥିଲେ । ଯାହାର ଟେର୍ ବି ବ୍ୟାଙ୍କ କର୍ମଚାରୀ ଜାଣିପାରିନଥିଲେ । କିଛି ଦିନପରେ ବ୍ୟାଙ୍କ କର୍ମଚାରୀ ଏ ବିଷୟରେ ଜାଣିବା ପରେ ସିସି କ୍ୟାମେରା ଦେଖିଥିଲେ । ସେଠାରୁ ସବୁ ତଥ୍ୟ ଜଣା ପଡିଥିଲା । ଏନେଇ ବ୍ୟାଙ୍କ କର୍ମଚାରୀ ପୋଲିସରେ ଅଭିଯୋଗ କରିଥିଲେ । ଆଉ ସମସ୍ତ ତଥ୍ୟ ଗୁପ୍ତ ରଖାଯାଇଥିଲା । ଯେତେବେଳେ ଚୋର ନିଜ ବିଭାଗର କର୍ମଚାରୀ ବୋଲି ପୋଲିସ ଜାଣିଲା , ଗତକାଲି ଚୋରଙ୍କ ଘରେ ଚଢ଼ାଉ କରି ସୁନା ଜବତ କରିବା ସହ ଅଟକ ରଖି ଏକ ଅଜ୍ଞାତ ଜାଗାରେ ରଖି ପଚରା ଉଚରା କରୁଥିବା ଜଣାପଡିଛି ।


ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୬ ଜାନୁଆରୀ, ୨୦୨୨
email : rabibarachayan2015@gmail.com

ର ବି ବା ର ଚ ୟ ନ
ପୃଷ୍ଠା ୩

.......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

# ଧାରାବାହିକ : ଜୀବନାନୁଭୂତି

## ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୫୮**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଆଉ କେତେକ ଛୋଟ ଛୋଟ ଘଟଣା ମଧ ଘଟିଥିଲା । ତାହା ଉଲ୍ଲେଖ କରିବା ଆବଶ୍ୟକ ନାହିଁ । ଆଠଦିନ ରହି ଫିଲିପ୍ ସାହେବ ବଣେଇଗଡ଼ ତ୍ୟାଗକଲେ ଓ ରାଜା ସାହେବ ତାଙ୍କ ସହିତ ଯାଇ ଷ୍ଟେଟ୍ ସୀମାସ୍ଥ ବାଙ୍କୀରେ ତାଙ୍କୁ ଛାଡ଼ିଦେଲେ । ବାଙ୍କୀରେ ସାହେବ ମୋତେ କହିଲେ ଯେ ଡେପୁଟି ପଦକୁ ଉନ୍ନତି ପାଇଁ ମୋତେ ସୁପାରିସ୍ କରିବେ ।

ବାଙ୍କୀ ଡାକବଙ୍ଗଳାରୁ ବାହାରିବା ସମୟରେ ଜଣେ ଆଦିବାସୀ ସାହେବଙ୍କ ସମ୍ମୁଖରେ ଛିଡ଼ାହୋଇ କହିଲା, "ହଜୁର! ଆମ୍ଭେମାନେ କୁକୁଡ଼ା ଲଢ଼େଇ କରାଇ କିଛି କିଛି ପଇସା ପାଉଥିଲୁ । ଦେଓ୍ୱାନ କୁକୁଡ଼ା ଲଢ଼େଇ ବନ୍ଦ କରିଦେଇ ଆମ୍ଭମାନଙ୍କ ଲୋକସାନ୍ କରାଇଛନ୍ତି । ପୁଣି ଆମ୍ଭମାନଙ୍କ ପିଲାମାନଙ୍କୁ ସ୍କୁଲକୁ ଯାଇ ପଢ଼ିବା ସକାଶେ ବାଧ କରୁଛନ୍ତି । ସ୍କୁଲକୁ ଗଲେ ଆମ୍ଭମାନଙ୍କ ପିଲାମାନେ ଗାଇ, ଛେଳି ଚରାଇ ପାରୁନାହାଁନ୍ତି ଓ ଆମ୍ଭମାନଙ୍କ ଚାଷକାମ ସୁଦ୍ଧା ହେଇପାରୁନାହିଁ ।" କୁକୁଡ଼ା ଲଢ଼େଇ ସମ୍ବନ୍ଧରେ ସାହେବ ମୋତେ ପଚାରିଲେ । ମୁଁ କହିଲି, "ଏହା ଜୁଆଖେଳ ଆଇନ ଅନୁସାରେ ନିଷିଦ୍ଧ ଓ ଜଣକେତେ ଲୋକ ଏହି ନିଷେଧ ନମାନିବାରୁ ମୋକଦ୍ଦମାରେ ସେମାନଙ୍କୁ ଅର୍ଥଦଣ୍ଡ ଦେବାକୁ ହୋଇଥିଲା । ସେହିଦିନରୁ ତାହା ବନ୍ଦ ହୋଇଅଛି ।" ସାହେବ ସେହିଲୋକକୁ କିଛି କହିଲେ ନାହିଁ ଓ ବାଇସାଇକେଲରେ ଉଠିଲେ । ମୁଁ ମଧ ବାଇସାଇକେଲ୍‌ରେ ଯାଇ ପାନପୋଷ ଷ୍ଟେସନରେ ତାଙ୍କୁ ଛାଡ଼ିଦେଲି ।

ପୋଲିଟିକାଲ୍ ଏଜେଣ୍ଟଙ୍କୁ ବିଦାୟ ଦେଇ ମୁଁ ବଣେଇଗଡ଼କୁ ଫେରିଲା ପରେ ଦିନେ ରାଜାସାହେବ ମୋ ବସାକୁ ଫାଟକ ବାହାରୁ ଖୁବ୍ ହସି ହସି ଆସିଲେ ଓ ମୋତେ ଦେଖି ଆହୁରି ହସିବାକୁ ଲାଗିଲେନ୍ତ କହିଲେ, "ଓଃ! ଆପଣଙ୍କ ପରି ବୁଦ୍ଧିମାନ ଲୋକ ମୁଁ ଜୀବନରେ ଦେଖିନାହିଁ । କେହି ଥିବେ କି ନା କଳ୍ପନା ସୁଦ୍ଧା କରିପାରୁନାହିଁ । ଆମ୍ଭମାନଙ୍କ ସବୁ କାମକୁ ପାଣିଫଟାଇ ଦେଲେ, ଆଉ ଜଣା ସୁଦ୍ଧା ପଡ଼ିଲା ନାହିଁ । ଓଃ! କାବୁଲି ଅଭିନୟ କେଡ଼େ ଚମତ୍କାର ।" ମୁଁ ବୈଷ୍ଣବ ପାଣିଙ୍କ ଯାତ୍ରାରେ ଅଭିନୀତ ଗୋଟିଏ ବିଷୟ ସମ୍ବନ୍ଧରେ ତାଙ୍କ ରଚନାକୁ ଉଦ୍ଧାରକରି କହିଲେ, "ଶୁଣନ୍ତୁ ରାଜାସାହେବ-

'ଶୁଣ ଲୋ ଭାଉଜ ବହୁ ରାଇଜଛଡ଼ାର କଥା, ଅଣ୍ଡିରା ବାଘ କେଉଁଠି ଦେଇଅଛି ଛୁଆଗୋଟି, ତା'ର ଦୁଧ ନଆଣିଲେ କଟାହେବ ମନ୍ତ୍ରୀ ମଥା ।'

ଜଣେ ରାଜା ଥିଲେ । ମନ୍ତ୍ରୀଙ୍କୁ ଡକାଇ କହିଲେ, 'ମୁଁ ଶୁଣୁଛି, ଗୋଟିଏ ଅଣ୍ଡିରା ବାଘ ପରା ଆମ କେଉଁ ଜଙ୍ଗଲରେ ଛୁଆଦେଇଛି, ଦେବୀପୂଜା ସକାଶେ ତାହାର ଦୁଧ ଦରକାର। ଯାଅ, ସେହି ଦୁଧ ଆଣିଦିଅ । ଆଣି ନଦେଲେ ତୁମ୍ଭ ମୁଣ୍ଡକାଟ ହେବ । ଧରନ୍ତୁ ଆପଣ ସେହି ରାଜା ଓ ମୁଁ ସେହି ମନ୍ତ୍ରୀ । ଆପଣ କ୍ଷମତାପ୍ରାପ୍ତି ସକାଶେ ଦେବୀଙ୍କୁ ଆରାଧନା କରିବେ ଓ କେଉଁ ବୁଦ୍ଧିମାନ ବ୍ୟକ୍ତି ମନ୍ତ୍ରଣାଦ୍ୱାରା ଆପଣଙ୍କୁ ବିଶ୍ୱାସ ଜନ୍ମାଇଲା ଯେ ଅଣ୍ଡିରା ବାଘର ଦୁଧ ଭୋଗ ପାଇଲେ ଦେବୀ ପ୍ରସନ୍ନ ହେବେ; ଆଉ ମନ୍ତ୍ରୀଙ୍କୁ ଅର୍ଥାତ୍ ମୋତେ ହୁକୁମ ହେଲା ମାତ୍ରକେ ଆପଣଙ୍କ ଛାମୁରେ ସେହି ଦୁଧ ହାଜର କରିହେଲା । ଆପଣ ଯେ ବିଶ୍ୱାସ କଲେ ସେହି ରାଜା, ଆଉ ଅଣ୍ଡିରା ବାଘର ଦୁଧ ଆଣି ଦେବା ଲୋକ ସେହି ମନ୍ତ୍ରୀ ମୁଁ । ମନ୍ତ୍ରୀଙ୍କ ବୁଦ୍ଧି ଆଗରେ ଖଳ ଲୋକଙ୍କ କୁମନ୍ତ୍ରଣା କେବେହେଁ ତିଷ୍ଠି ନପାରେ । ଏସବୁ ଛାଡ଼ନ୍ତୁ ରାଜା ସାହେବ! ଏ ସବୁ କୌଣସି କାମକୁ ଆସିବ ନାହିଁ । ମୋ ପରାମର୍ଶ ଟିକିଏ ଶୁଣିଲେ ସବୁ ଠିକ୍ ହୋଇଯିବ । ମୁଁ ହେଲି ଚାକର । ଯେତେହେଲେ ଆପଣ ରାଜା । ଚାକିରି ଦ୍ୱାରା ହିଁ ମୋ ପିଲାଙ୍କ ମୁହଁରେ ଅନ୍ନ ଗଣ୍ଡାଏ ଦେଇପାରିବି । ବିନା ଦୋଷରେ ଯଦି ଆପଣ ମୋ ପିଲାଙ୍କ ଦାନାରେ ଧୂଳି ଦେବେ ଭଗବାନ ତାହା ନିଶ୍ଚୟ ନିବାରଣ କରିବେ । ଏଠାକୁ ଆସିବା ପାଇଁ ମୁଁ ଲାଳାୟିତ ନଥିଲି । ସରକାର ମୋତେ ଏଠାକୁ ପଠାଇ ବଡ଼ ଅଡୁଆରେ ପକାଇଅଛନ୍ତି । ମୁଁ ଅକ୍ଷତ ରହିବା ସକାଶେ ନାନା ଉପାୟ ଉଦ୍ଭାବନ କରିବି ଓ ତାହା କରିବାକୁ ଭଗବାନ ନିଶ୍ଚୟ ମୋତେ ବୁଦ୍ଧି ଦେବେ । ଦେଖିଲେ ତ, ଭଗବାନଙ୍କ ପ୍ରଦତ୍ତ ବୁଦ୍ଧି ବଳରେ ଯେଉଁ ନାଟକର ଅଭିନୟ ହେଲା, ତାହା ମନୁଷ୍ୟର ସାଧ୍ୟାୟତ୍ତ ନୁହେଁ, ଭଗବାନଙ୍କ କୃପାପ୍ରସୂତ।" ଏପରି କେତେକ କୌତୂହଳପୂର୍ଣ୍ଣ ଗଳ୍ପ କରି ରାଜାସାହେବ ଚାଲିଗଲେ । ତାଙ୍କର ତ ଦୃଢ଼ ବିଶ୍ୱାସ ଯେ, କୌଣସି ପ୍ରକାରେ ହେଉ, ଦେଓ୍ୱାନଙ୍କୁ ବଦନାମ କଲେ ତାଙ୍କ କ୍ଷମତା ଫେରି ପାଇବେ । ଏଥିରୁ କୌଣସିମତେ ତାଙ୍କୁ ଟଳାଇ ପାରିଲି ନାହିଁ ।

ପୋଲିସ ଇନ୍‌ସପେକ୍ଟରଙ୍କ କର୍ମତତ୍ପରତାର ବିରାମ ନଥାଏ । ଦିନେ ସେ ସ୍କୁଲ ସବ୍‌ଇନ୍‌ସପେକ୍ଟର ନାରାୟଣ ନନ୍ଦଙ୍କ ବିରୁଦ୍ଧରେ ଏକ ଗୁରୁତର ଅଭିଯୋଗ କଲେ । ମୁଁ ତାଙ୍କ ସମ୍ମୁଖରେ ତାହାର ତଦନ୍ତ କରି ତାହା ମିଥ୍ୟା ଓ ଈର୍ଷ୍ୟାମୂଳକ ଥିବା ପ୍ରମାଣ ପାଇଲି । ଏହା ଉତ୍ତାରେ ମୋ ଉପରେ ଆକ୍ରମଣ ପ୍ରବଳ ଭାବରେ ଚାଲିଲା । ଗସ୍ତରେ ଗଲାବେଳେ ମୋ ବିରୁଦ୍ଧରେ ଲୋକଙ୍କୁ ଉତ୍ତେଜିତ କରିବାକୁ ଲାଗିଲେ । ମିଥ୍ୟା ଅଭିଯୋଗମାନ ରଚନା କରିବା ସକାଶେ ଲୋକଙ୍କୁ ଶିଖାଇଲେ । କେହି କେବେ ତାଙ୍କ କୁପରାମର୍ଶ ଗ୍ରହଣକରି କୌଣସି କାର୍ଯ୍ୟାନୁଷ୍ଠାନ କରିଥିବା ଦେଖାଗଲା ନାହିଁ । ଦିନେ ତାଙ୍କ ଗସ୍ତ ଡାଏରି ପଢୁ ପଢୁ ଏକ ସ୍ଥାନରେ ଲେଖିଥିବା ଦେଖିଲି, ମୁଁ କୌଣସି ମୋକଦ୍ଦମାରେ ପକ୍ଷଠାରୁ ଉତ୍କୋଚ ଗ୍ରହଣ କରିଅଛି । ପକ୍ଷଙ୍କ ନାମ ଲେଖାନାହିଁ । କେବଳ ଲେଖିଛନ୍ତି, ଲୋକମୁଖରୁ ସେ ଶୁଣିଛନ୍ତି ମାତ୍ର । ଏହା ଉତ୍ତାରେ ସୁଦ୍ଧା ତିନିଚାରି ଖଣ୍ଡ ଡାଏରିରେ ଏପରି କଥାମାନ ଲେଖାଥିବା ଦେଖିଲି । ଦିନେ ତାଙ୍କୁ ଡାକି ଏପରି କଥାମାନ ଡାଏରିରେ ନଲେଖିବା ପାଇଁ ଉପଦେଶ ଦେଲି । ସେ କହିଲେ ଯେ, କଟକିୟାମାନଙ୍କଠାରେ ମୁଁ ତାଙ୍କୁ ଲାଞ୍ଛିତ କରିଅଛି ଓ ତହିଁର ପ୍ରତିଫଳ ନିଶ୍ଚୟ ସେ ମୋତେ ଦେବେ । ପୁଣି ଠାକୁର ଘରେ ପଶିଲି ଓ ବୁଦ୍ଧି ଦେବା ସକାଶେ ଭଗବାନଙ୍କୁ ଡାକିଲି । ଅବିଳମ୍ବରେ ମୋତେ ବୁଦ୍ଧି ଦିଶିଲା । ମୁଁ ତାଙ୍କୁ ରାଗାନ୍ୱିତ ନକରି ବା ନିଜେ ତାଙ୍କ ଉପରେ ରାଗାନ୍ୱିତ ନହୋଇ, ତାଙ୍କ ମତିଗତି ଫେରିବା ନଦେଖି, ତାଙ୍କ ଆଶୁ ପତନ ସକାଶେ ଗୋଟିଏ କୌଶଳ ଅବଲମ୍ବନ କଲି । ଆହୁରି ତାଙ୍କ ଡାଏରିରେ ଏପରି ଲେଖା ଦେଖି ଦିନେ ନିଜେ ତାଙ୍କ ବସାକୁ ଗଲି ଓ କହିଲି, "ଦେଖ, ତୁମେ ହେଲ ପୋଲିସ ଅଫିସର । ସରକାରଙ୍କ ସୁଦ୍ଧା ପୋଲିସ ଆଖି, କାନ । ତୁମ୍ଭେ ଯାହା ଲେଖିବ, ସରକାରଙ୍କ ବିଶ୍ୱାସ ହେବ । ଦେଖ, ତୁମ୍ଭେ ଯାହା ଲେଖୁଛ ମୁଁ ସହଜରେ ଏଠାରେ ଲୁଚାଇ ଦେଇ ପାରିବି । କିନ୍ତୁ ମୋର ଭୟ, ତୁମ୍ଭ ଲେଖାଗୁଡ଼ିକ ଯଦି ପୋଲିଟିକେଲ୍ ଏଜେଂଟଙ୍କଠାକୁ ଯାଏ ତାହାହେଲେ, ମୋର ରକ୍ଷାନାହିଁ । ମୋର ଅନୁରୋଧ, ଖବର୍‌ଦାର୍! ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ କିଛି ପଠାଇବ ନାହିଁ । କେତେକ ସ୍ଥାନରେ ମୁଁ ଦେଖିଛି, ପୋଲିସ ଅଫିସର୍‌ମାନେ କୌଣସି ଅଫିସର୍‌ଙ୍କ ବିରୁଦ୍ଧରେ ଉପର ହାକିମଙ୍କଠାକୁ ଯାହା ଲେଖି ପଠାନ୍ତି, ପଠାଇଥିବା କଥା ତାଙ୍କୁ ଜଣାଇ ମଧ ଦିଅନ୍ତି । ଏଥିରେ ଉପର ହାକିମମାନେ ତାଙ୍କ ଲେଖାକୁ ଆହୁରି ବିଶ୍ୱାସ କରନ୍ତି ।" ମୋର ଉଦ୍ଦେଶ୍ୟ, ମୋ ବିରୁଦ୍ଧରେ ସେ ଯାହା ଲେଖୁଛନ୍ତି ତାହା ପୋଲିଟିକେଲ୍ ଏଜେଣ୍ଟଙ୍କ ଠାକୁ ପଠାନ୍ତୁ । ତାହା ହେଲେ ଧରାପଡ଼ିଯିବେ । ପ୍ରୋକ୍ତମତେ କହିଦେବା ମାତ୍ରକେ ସେ ହାତତାଳି ପିଟି କହିଲେ, "ଠିକ୍ କହିଲ, ତୁମ୍ଭଙ୍କୁ ମୁଁ ମୋର ଯେଉଁ ଡାଏରି ଦେବି ତହିଁରୁ କିତାଏ ନକଲ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ମଧ ପଠାଇବି ଓ ତାଙ୍କଠାକୁ ପଠାଇଥିବା କଥା ତୁମ୍ଭଙ୍କୁ ଦେଉଥିବା ଡାଏରିରେ ଲେଖିଦେବି । ଦେଖିବା, ବଣେଇରେ ତୁମେ ରହିବ କି ମୁଁ ରହିବି, ଏହା ହେଲା ମୋର ପ୍ରତିଜ୍ଞା ।" ଔଷଧ ଠିକ୍ ଧଇଲା । ସତକୁ ସତ, ଏହି ଉତ୍ତାରେ ଯେଉଁ ଡାଏରିମାନ ପାଇଲି ତହିଁରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ତହିଁର ନକଲ ପଠାଇବା କଥା ଲେଖାଥିଲା । ଏପରି ତିନିଚାରି ମାସର ଡାଏରି କ୍ରମାନ୍ୱୟରେ ପାଇଲି, ପ୍ରତ୍ୟେକଟିରେ ମୋ ନାମରେ କୁତ୍ସା ଓ ମିଥ୍ୟା ଅଭିଯୋଗ । ମୋର ଧ୍ରୁବ ବିଶ୍ୱାସ ହୋଇଥିଲା, ପୋଲିସ ଅଫିସରଙ୍କ ପକ୍ଷରେ ନିୟମ ଓ ଶୃଙ୍ଖଳାଭଙ୍ଗ ଅକ୍ଷମଣୀୟ । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଭାଗ- ୩୨

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**



### ॥ ମୁନା-ଏ ଲଭ୍ ଷ୍ଟୋରି ॥

'ନନ୍ଦିନୀ ଆଇ ଲଭ୍ ୟୁ' ରିଲିଜ୍ ହେବାର ଗୋଟାଏ ସପ୍ତାହ ପରେ ଅର୍ଥାତ୍ ଅଗଷ୍ଟ ୧୫ ତାରିଖରେ ମୁକ୍ତିଲାଭ କଲା 'ମୁନ୍ନା ଏ ଲଭ୍ ଷ୍ଟୋରି । ଅର୍ଥାତ୍ ପୂଜା ବଜାର ପାଇଁ ମୋର ଦୁଇଟି ଯାକ ଚଳଚ୍ଚିତ୍ର ମଇଦାନରେ । ଖର୍ଚ୍ଚ ଦୃଷ୍ଟିରୁ ଉଭୟ ଚଳଚ୍ଚିତ୍ର ହାଇ ବଜେଟର । ଫୁଲ କମରସିଆଲ ମସଲାରେ ଭରପୁର । ଷ୍ଟାର ଦୃଷ୍ଟିରୁ ଦେଖିବାକୁ ଗଲେ ଓଲିଉଡ୍‌ର ପ୍ରାୟ ଅଧିକାଂଶ ଆଗଧାଡ଼ିର କଳାକାର ଉଭୟ ଚିତ୍ରରେ ଅଭିନୟ କରୁଥାନ୍ତି । ଉଭୟ ଚିତ୍ର ମଧ୍ୟରେ ଜୋର୍‌ଦାର ଲଢ଼େଇ । ମୁଁ ନିଜକୁ ଖୁବ୍ ଉତ୍‌ଫୁଲ୍ଲିତ ମନେ କରୁଥାଏ । କାରଣ ନିଜର ଦୁଇ ସନ୍ତାନଙ୍କ ମଧ୍ୟରେ ଲଢ଼େଇ ମା' ମନକୁ କଷ୍ଟଦିଏ ତଥାପି ବି ଅବଚେତନ ସ୍ତରରେ ଗୋଟାଏ ସଫଳ ମାତୃତ୍ୱର ଆନନ୍ଦ ଲୁଚି କରିଥାଏ । ଜଣେ ସ୍ରଷ୍ଟା କ୍ଷେତ୍ରରେ ବି ସେଇଆ ।

'ନନ୍ଦିନୀ ଆଇ ଲଭ ୟୁ' ବୁଦ୍ଧାଦିତ୍ୟ ଓ ସିଦ୍ଧାର୍ଥଙ୍କୁ ନେଇ ଗତିଶୀଳ ଥିଲାବେଳେ 'ମୁନା ଏ ଲଭ୍ ଷ୍ଟୋରି'ରେ ଅନୁଭବଙ୍କ ସାଥିରେ ଦୁଇ ନାୟିକା ରୋମୀ ଓ ନୈନା । ମିହିର ଦାସ ଦମଦାର ଭିଲିଆନ୍ ।

'ମୁନ୍ନା ଆଇ ଲଭ୍ ଷ୍ଟୋରି'ର ପ୍ରଯୋଜକ ଥିଲେ କେ.ଏମ୍ ରାଓ । ଜମି ବ୍ୟବସାୟ ତାଙ୍କର ମୁଖ୍ୟ ବେଉସା । ଖବର କାଗଜ ପ୍ରକାଶନ ତଥା ଅନ୍ୟାନ୍ୟ ସାମାଜିକ ସାଂସ୍କୃତିକ କାର୍ଯ୍ୟ କଳାପରେ ତାଙ୍କର ସଂପୃକ୍ତି ଥାଏ । ପ୍ରାୟ ସିଟିଂ ମାନଙ୍କରେ ରାଓ ବାବୁଙ୍କ ସହ ମୋର ପରିଚୟ । ଖୁବ୍ ଖୁସି ମିଜାଜ୍‌ର ବ୍ୟକ୍ତି । ଅନେକ ମ୍ୟୁଜିକ୍ କ୍ୟାସେଟ୍ ତଥା ସର୍ଟ ଫିଲ୍ମର ପ୍ରଯୋଜନା କରିଥାନ୍ତି ଖାସ୍ ରୋମୀଙ୍କ ପ୍ରମୋସନ ପାଇଁ । ରୋମୀ ଓଲିଉଡ୍‌ରେ ନିଜ ସ୍ଥିତିକୁ ମଜ୍‌ଭୁତ କରିବା ପାଇଁ ଚେଷ୍ଟା ଚଳାଇଥାନ୍ତି । ଗଡ୍‌ଫାଦର କେ.ଏମ ରାଓ । ମତେ ରୋମୀଙ୍କ ସହ ପରିଚୟ କରାଇ ଦେଇଥିଲେ । ମୁଁ ମଧ ରୋମୀଙ୍କ ପାଇଁ ମୋ ସ୍ୱଳ୍ପ ପରିସର ମଧ୍ୟରେ ଚେଷ୍ଟା କରୁଥାଏ । 'ଭାଗ୍ୟଚକ୍ର' ଚଳଚ୍ଚିତ୍ରରେ ସହ ଅଭିନେତ୍ରୀ ମାମିନା ମିଶ୍ର ଅଧାରୁ ଛାଡ଼ିଦେଲେ । ତେଣୁ ଜୟୀଙ୍କ ସହ ରୋମୀଙ୍କୁ ଗେଷ୍ଟ ଆପିୟରାନ୍ସରେ ଗୋଟାଏ ଗୀତର ପିକ୍‌ଚରାଇଜେସନ କରାଯାଇଥିଲା । ଉକ୍ତ ଗୀତଟିକୁ କିନ୍ତୁ ସେନ୍‌ସର୍‌ବୋର୍ଡ ନିର୍ଦ୍ଦୟ ଭାବରେ ବାଦ୍ ଦେଲେ । ସେ ପ୍ରସଙ୍ଗ ଭିନ୍ନ, ତେବେ ରୋମୀଙ୍କ ସହିତ ଘନିଷ୍ଠତା ବଢ଼ିଯାଇଥିଲା । ଦିନେ ରୋମୀ ଫୋନ୍ କରି ଡକାଇଲେ । ରାଓ ବାବୁ ଗୋଟିଏ ଫିଲ୍ମ କରିବାକୁ ମନସ୍ଥ କରିଛନ୍ତି ସେ କଥା କହିଲେ । ରାଓ ବାବୁଙ୍କ ସହ ଆଲୋଚନା ହେଲା । କାହାଣୀ ନିର୍ବାଚନ କରିବା ପୂର୍ବରୁ ନିର୍ଦ୍ଦେଶନା ପାଇଁ ଚିନ୍ତା କରାଗଲା । ନିର୍ଦ୍ଦେଶକ ଏନ୍.ପାଢ଼ୀଙ୍କ ସହ ଆଲୋଚନା କରାଯାଇ ତାଙ୍କୁ ନିର୍ଦ୍ଦେଶନା ଦେବାପାଇଁ ଚୁକ୍ତିବଦ୍ଧ କରାଗଲା । ୟା ପରେ ଷ୍ଟୋରି ସିଲେକ୍‌ସନ୍ । ତିନୋଟି ହିନ୍ଦି ଚଳଚ୍ଚିତ୍ରର କାହାଣୀକୁ ନେଇ ଏକ ଷ୍ଟୋରୀ ଡେଭଲପ୍ କରାଗଲା ।

ଏହା ପରେ ନାୟକ ସମସ୍ୟା ।

ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ସେତେବେଳେ ହାତ ଗଣତି ନାୟକ, ଯାହାଙ୍କ ଉପରେ ବ୍ୟବସାୟିକ ଦୃଷ୍ଟିକୋଣରୁ ଭରସା କରାଯାଇପାରେ । କିନ୍ତୁ ଅନ୍ୟ ଗୋଟିଏ ସମସ୍ୟା ଆସିଲା । ନାୟିକା ରୋମୀଙ୍କ ସହ ଅଭିନୟ କରିବା ପାଇଁ ଅନେକ ଅନିଚ୍ଛୁକ, କାରଣ ରୋମୀ ନବାଗତା । ବିଶେଷ କରି ନାୟକ ଭାବରେ ଆମେ ସିଦ୍ଧାନ୍ତଙ୍କୁ ସ୍ଥିର କରି ନେଇଥିଲୁ, ତେଣୁ ଚଳଚ୍ଚିତ୍ରଟିର ନାମ ସିଦ୍ଧାନ୍ତଙ୍କ ନାମ ମୁନ୍ନା ରଖା ଯାଇଥିଲା । ମାତ୍ର ସିଦ୍ଧାନ୍ତ ଶେଷ ମୁହୂର୍ତ୍ତରେ ରାଜି ହେଲେନାହିଁ । ଆମର ଟେନସନ୍ ବଢ଼ିଗଲା । ବୁଦ୍ଧାଦିତ୍ୟ ମଧ କୌଣସି କାରଣରୁ ରାଜି ହେଲେ ନାହିଁ । ଶେଷରେ ଅନୁଭବଙ୍କୁ ରାଜି କରାଗଲା ଅନେକ ପ୍ରଚେଷ୍ଟାରେ । କାହାଣୀଟି ଅନୁଭବଙ୍କ ପସନ୍ଦ ଆସିଥିଲା । ରୋମୀଙ୍କ ସହ ଅନ୍ୟତମ ନାୟିକା ଭାବରେ ନୈନାଙ୍କୁ ନିଆଗଲା । ମା' ଭୂମିକାରେ ଅନୀମା ଦାସ ବଳିଷ୍ଠ ଅଭିନୟ କରିଥିଲେ ।

ବହୁ ଘାତ ପ୍ରତିଘାତ ମଧ୍ୟରେ ଚଳଚ୍ଚିତ୍ରଟିର ସିଡୁଲ ବଢ଼ିଚାଲିଲା । ବାରମ୍ବାର ସୁଟିଂ ବନ୍ଦ କରିବାକୁ ପଡୁଥିଲା । ଏନ. ପାଢ଼ୀ ଧୈର୍ଯ୍ୟର ସହ ସୁଟିଂ ଚାଲୁ ରଖିଥିଲେ । ମିହିର ଦାସଙ୍କ ଭାଇ ଭୂମିକାରେ ରାଇମୋହନଙ୍କୁ ନିଆଯାଇଥିଲା । ପ୍ରଥମେ ସବୁ ଠିକ୍‌ଠାକ୍ ଥିଲା । ମାତ୍ର ରାଇମୋହନଙ୍କର କିଛି ଅସୁବିଧା ସୃଷ୍ଟି ହେଲା । ଯାହାଫଳରେ ନିର୍ଦ୍ଦେଶକ ରାଇମୋହନଙ୍କ ରୋଲ୍‌ଟିକୁ କାଣ୍ଟଛାଣ୍ଟ କରିବାକୁ ମତେ କହିଲେ । ଯଦିଓ ଏସବୁ କାହାଣୀର ନିୟମ ବିରୁଦ୍ଧ ତଥାପି ମତେ ଏସବୁ କରିବାକୁ ପଡ଼ିଥିଲା । ନିର୍ଦ୍ଦେଶକ ରାଇମୋହନଙ୍କ ଇଣ୍ଟ୍ରଡକ୍‌ସନ ଓ ଶେଷ ସିନ୍‌ଟିକୁ ଚତୁରତାର ସହ ସୁଟିଂ କରି ନେଇଥିଲେ । ଫଳରେ ବିଶେଷ କିଛି ଅସୁବିଧା ହେଲା ନାହିଁ ।

ଜଟଣୀର ହରିରାଜପୁର ମେଳନ ପଡ଼ିଆରେ ଏ ଚଳଚ୍ଚିତ୍ରର କ୍ଲାଇମାକ୍ସ ସୁଟିଂ ହୋଇଥିଲା । ସେଦିନ ଅନୁଭବ, ମିହିର ଦାସଙ୍କୁ ଦେଖିବା ପାଇଁ ଶହଶହ ଲୋକଙ୍କ ଭିଡ଼ । ଜଟଣୀର ତତ୍‌କାଳୀନ ବିଧାୟକଙ୍କ ଘରେ ସୁଟିଂ କରାଯାଇଥିଲା । ମୁଁ ତାଙ୍କ ରାଜି କରାଇଥିଲି । ସେତେବେଳେ ମୁଁ ଜଟଣୀ କଲେଜରେ ଅଧାପନା କରୁଥାଏ । ତେଣୁ ସବୁଦିନ ସୁଟିଂ ସେଟ୍‌ରେ ପ୍ରାୟତଃ ଉପସ୍ଥିତ ରହୁଥିଲି ।

ଏହି ଚଳଚ୍ଚିତ୍ରର ବିଶେଷତ୍ୱ ଥିଲା ମିହିର ଦାସଙ୍କ ଅଭିନୟ । ତାଙ୍କ ପାଇଁ ଉଦ୍ଦିଷ୍ଟ ସଂଳାପକୁ ତିନୋଟିରୁ ଉର୍ଦ୍ଧ୍ୱ ଭାଷାରେ ଚମତ୍କାର ଭାବରେ ପ୍ରୟୋଗ କରୁଥିଲେ । ହିନ୍ଦୀ, ବଙ୍ଗଳା, ଭୋଜପୁରୀ ଓ ଦକ୍ଷିଣୀ ଭାଷାରେ ସଂଳାପକୁ ମଡ୍ୟୁଲ୍ୟୁସନ କରି କହୁଥିଲେ । ଚଳଚ୍ଚିତ୍ରଟି ରିଲିଜ୍ ପରେ ସିନେମା ହଲ୍‌ରେ ଦର୍ଶକମାନେ ତାଳି ମାରୁଥିଲେ । ସ୍ୱର୍ଗତଃ ସନ୍ତୋଷ ନାୟକ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ ।

ଚଳଚ୍ଚିତ୍ରଟିର ପ୍ରତ୍ୟେକ କ୍ଷେତ୍ରରେ ଅନୁଭବ ଇନ୍‌ଭଲ୍‌ଭ ଥିଲେ । ଏଡିଟିଂ ଠାରୁ ଆରମ୍ଭ କରି ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍, ସବୁଥିରେ ଅନୁଭବ ସକ୍ରିୟ ଥିଲେ । ଏହି ଚଳଚ୍ଚିତ୍ରଟିର ଛଅଗୋଟି ଗୀତ ସଂଯୋଜିତ ହୋଇଥିଲା । ଅଭିଜିତ୍ ମଜୁମ୍‌ଦାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ମୁଁ ନିଜେ ଟାଇଟିଲ୍ ଗୀତ 'ମୁନ୍ନାଭାଇ ଜେଣ୍ଟାଲ ମ୍ୟାନ୍ ବନିଗଲା' ଲେଖିଥିଲି । ଫିଲ୍ମଟି ବିଭିନ୍ନ କାରଣରୁ ବେଶ୍ ଚର୍ଚ୍ଚାରେ ରହିଥିଲା । (କ୍ରମଶଃ)

## କବିତା.... ଆମ ସମୟର

### ॥ ପାଗଳ ପୁରୁଷ ॥

**ସ୍ନେହାଶିଷ ମହାନ୍ତି**



ଆନକୁ ପରଖୁ ପରଖୁ
ନିଜକୁ କଳିବା ଭୁଲିସାରିଲେଣି
ବୋଧହୁଏ ଦାସେ ଆପଣେ !

କାହାର ରଙ୍ଗ କଣ ?
ସେ ଗୋରା ନା ସାବନା !
ତା ଲୋମକୂପମୂଳେ ଦ୍ୱେଷ ନା ଅନୁରାଗ
ତା ଆଖି, ସତ କହୁଛି ନା ମିଛ
ତା ପାଟିରୁ ମିଠା ବାହାରୁଛି ନା ବିଷ
ଏମିତି କେତେଯେ କଅଣ !

କାହା ବାଡ଼ିରେ ଟଗରେ ଫୁଟିଲା ମଲ୍ଲୀ
କିଏ ନିଜକୁ ମାରିଲା କାଲି
କାହା ନିଶ୍ୱାସେ ଝାଉଁଳେ ପତ୍ର
କୋଉ ବାପର କିଏ ପୁତ୍ର

ସବୁର, ନିକାସ ତୁମରି ଠେଇଁ
ତେବେ ରାତି ରାତି
ଶାନ୍ତିରେ ଶୋଉନା କାଇଁ !

କେଉଁ ପଥରରେ କେଉଁ ମୂର୍ତ୍ତି
କେଉଁ ମାଟିରେ ମିଶିଛି କୀର୍ତ୍ତି
କେଉଁ ଦେଉଳେ ନାହାନ୍ତି ଦିଅଁ
କେଉଁଠି ଈଶ୍ୱର ଖୋଳନ୍ତି ନିଅଁ
ଯଦି, ସବୁରି ଖବର ତୁମରି ପାଖେ
ତେବେ ନିଜର ଠିକଣା ଦିଅ ?

ତୁମେ ଦେଖିପାର ପକ୍ଷୀର ଡେଣାରେ
ସମୟ ଉଡିବା ଛବି
ତୁମେ ଗଢିପାର ଅତି ସନ୍ତର୍ପଣେ
ଶବ୍ଦର କାରିଗରୀ
ତୁମେ ମାପିପାର ପର ହୃଦୟର
ଦୈର୍ଘ୍ୟ ଓ ପରିସୀମା
ତୁମ କଲମରେ ଜୀବନ୍ୟାସ ପାଏ
ଅସ୍ତପ୍ରାୟ ଲାଲିମା ...

ମଶାଣି ଛାତିରେ ଦିଗମ୍ବର ତୁମେ
ଖଣ୍ଡ ଅସ୍ଥିରେ କବିତା ଲେଖ
ତୁମ ଚିତା ଯେବେ ମଥାନେ ଜଳିବ
ପାଖେ, କେହି ଥିବେକି ନଥିବେ ଦେଖ
କାଗଜ ଛାତିରେ କଲମ କାଳିରେ
ଜୀବନ ଲେଖୁଛ ସିନା !
ଦୁନିଆ କହିବ ପାଗଳଟେ ଥିଲା
ଖାଲି କାଗଜରେ ଖେଳୁଥିଲା ...॥

♥ ପାଣ୍ଡୁଦାସଖୁଣ୍ଟା, ଖୁଣ୍ଟା,
ମୟୂରଭଞ୍ଜ -୭୫୭୦୧୯
ମୋ -୭୦୦୮୭୦୨୮୮୧

### ॥ ଜହ୍ନରାତି ॥

**ବିଶ୍ୱରଞ୍ଜନ ଦାଶ**



ମୋ ମନ
ନିରୁଦ୍ଦିଷ୍ଟ କାଚକେନ୍ଦୁ ଅଛୁଆଁ ଆକାଶ
ତା ଆଖି
ଶୁଷ୍କ ଗାଡ଼ିଆରେ ତୃଷାର୍ତ୍ତ ଚାତକ,
ଆମ ପ୍ରେମ ଖୋଜେ ନିରୋଳା ଜହ୍ନରାତିଟେ
ଝର୍କା ସେପାଖ ନିଷିଦ୍ଧ ପୃଥିବୀରେ ।

ପାହାଡ଼ି ଝରଣା ଭଳି
ହଠାତ ଝରିପଡ଼େ ସମ୍ମୋହନ
ମୁଁ ମିଳେଇଯାଏ ସେ ଅଜଣା ରାଗରେ,
ହୁତୁ ହୁତୁ ନିଆଁ ଜଳେ ପାଣିରେ
ସେ ତରଳେ ମହମ ପରି
ପାଦ ମୋର ଢଳ ଢଳ ପାରଦ
ମତୁଆଲା ପବନ ବି ଛାଡି ଦେଇଯାଏ
ଅଫେରା ମହକର ଚିହ୍ନଟେ
ଦେହଘଷା ଉଲ୍କା ପରି ।

ପାହାନ୍ତାକୁ ନା ଭଲପାଏ ସେ କି ମୁଁ
ଚୋରେଇନିଏ ଯିଏ
ଜହ୍ନରାତିର ଶିହରଣ
ବିଶାଳ ସୀମାହୀନ ଭୟ ଡେଇଁ
ମୁଁ ପହଞ୍ଚିଯାଏ ତା ଝର୍କା ପାଖେ
ସେ ବୁଣି ହେଇଯାଏ ଦଲକାଏ ଆଶ୍ଚର୍ଯ୍ୟରେ
ମୋର ପହଞ୍ଚିବାକୁ ଅବିଶ୍ୱାସ କରି
ସରିଯାଏ ରତୁଟିଏ ତୃଷାର୍ତ୍ତ ଚାତକର
ଗୋଟେ ପ୍ରେମ ପକ୍ଷର ପ୍ରତୀକ୍ଷାରେ ।

ଦୁଷ୍ଟ ବସନ୍ତ ଯେତେ ଚହଲିଲେବି
କଷି ଦେହ ବୋହି
ସେ ପେଙ୍ଗୁଇନ ପ୍ରେମ
ଉଡି ପାରେନି ମୋ ଉଷ୍ଣତାର ସହରକୁ
ମନ ଖୋଲି କେବେ ଯଦି ଉଡେ,
ମୋ ପାପୁଲିରେ
ଯେତେ ଘୋଡେଇଲେ ବି ତାର ଡେଣା
ଅପହଞ୍ଚ ତା ଜଖମକୁ ମୋ ମଲମ
ମାଲୁମ ବାହାରେ
ଏଠି ପ୍ରତିଟି ରାତିର ଘା
ଏକା ଜହ୍ନରାତି ଭୁଲେଇବ କେମିତି ଯେ ॥

♥ ବୀରମହାରାଜପୁର, ସୁବର୍ଣ୍ଣପୁର
(ମୋ) ୯୭୭୮୧୧୫୯୦୪

### ॥ ଡାକବଙ୍ଗଳାରେ ଜହ୍ନ ॥

**ମାଧବାନନ୍ଦ ପାତ୍ର**



ନିହାତି ଘୋ ଘୋ ନିର୍ଜନ ନିଛାଟିଆ ରାତି,
ଏକ ଏକା ଗୀତ ଶୁଣେ ଡାକବଙ୍ଗଳା
ଗୀତ ଗାଏ ମନେ ମନେ ବେଳେ ବେଳେ,
କେହି କେହି ବିଦେଶୀଙ୍କ ଦାମୀ ପରଫ୍ୟୁମ ବାସ୍ନାରେ
ସଜେଇ ହୋଇପଡେ ସ୍ୱପ୍ନହୀନ ନିର୍ଜନତା,
ରାତିରେ କୋଠରି ବିଦେଶୀ ଗନ୍ଧରେ ହତ୍ୟା ହେବାବେଳେ
ଜହ୍ନରାତି ଠାରୁ ପ୍ରେମ ଗୀତ ଶୁଣେ ଡାକବଙ୍ଗଳା।

ଏକା ଏକା ବନ୍ୟ ହୋଇ ଘୁରେ ଡାକବଙ୍ଗଳାର ଭାଗ୍ୟ,
ଜହ୍ନରାତି ତାର କପାଳରେ ଟାଣି ଦିଏ
ସୁଖ,ସ୍ୱପ୍ନ ଆଉ ପ୍ରେମ ଭର୍ତି ଅଜସ୍ର ରେଖା।

ଡାକବଙ୍ଗଳା ଭିତରେ ନିଶା ଥାଏ
(ନିଜକୁ ଲାଗୁଥିଲା ଯାହା ନିହାତି ଅଲୋଡ଼ା)
ବାହାରେ ମତୁଆଲା ହୁଏ ଜହ୍ନରାତିର ପ୍ରେମରେ
ଡ଼ାକବଙ୍ଗଳା କଥା ହୁଏ ଚୁପ୍ ଚୁପ୍ ଜହ୍ନ ସାଥିରେ।

ନିସଂଗତା କଷ୍ଟ ଦିଏ,
ବେଶୀ ବେଶୀ ଜାଳେ ଏ ଅନ୍ଧାର,
ବନ୍ୟ,ହିଂସ୍ର ହୋଇ ଉଠେ କୋଠରି ଭିତର,
ସମ୍ମୋହନର ଗୀତ କିଏ ଗାଇବସେ ପ୍ରେମର ବଂଶୀରେ,
ସତେଜ ହୋଇଯାଏ ସ୍ୱପ୍ନ ଯେତେ ପୁଣି ଜିଇଁବାର।

ଜହ୍ନ ରାତି ଗୀତ ଗାଏ,
କାନ ଡେରି ଶୁଣୁଥାଏ କୋଠି,
ପ୍ରେମ ଯିଏ କରି ଜାଣେ ସିଏ ଦେଖେ ଜୀବନଟା
ଏଠି ସେଠି ଭରିଛି ସବୁଠି,
ଡାକବଙ୍ଗଳା ବଞ୍ଚିଥାଏ ପାଇବାକୁ, ଛୁଇଁବାକୁ, ଭୋଗିବାକୁ
ପୁଣି ଏକ ମିଠା ଜହ୍ନ ରାତି ।

♥ ଜ୍ଞାନ ମନ୍ଦିର, କଲେଜ ପାଖ, ମଦନପୁର, କେନ୍ଦ୍ରାପଡ଼ା,
ପିନ୍ - ୭୫୪୨୪୬
(ମୋ) ୯୯୩୭୨୧୨୭୯୫

### ॥ ପ୍ରେମର କିଛି ଦୃଶ୍ୟ ॥

**ଅଜୟ କୁମାର ଜେନା**



॥ ଏକ ॥

ଲାଳ ଜରଜର ତା' ଜିଭର ଖସଡ଼ା ଛାତିରୁ
ଖସିଡିପଡିଥିବା କେଇଟା ପାଣିଚିଆ ଶବ୍ଦ
ତିଆରି କରନ୍ତି ମୋ ଆଖିରେ ଆଖିଏ ସ୍ୱପ୍ନ!

ସେ ସ୍ୱପ୍ନସାରା ସୋରିଷ ଫୁଲର କ୍ଷେତ
କ୍ଷେତସାରା ହଳଦି ଫୁଲଙ୍କର ବାସ
ମାଗିନି! ଅଥଚ କେହିଜଣେ ଆଞ୍ଜୁଳିରେ
ଆଙ୍କିଦିଏ ଆକାଶ!

॥ ଦୁଇ ॥

କଥାଥିଲା ଜହ୍ନର ବିନ୍ଦୁଏ ଜ୍ୟୋତ୍ସ୍ନାରେ
ସେ ଗଢ଼ିଦେବ ମୋ ମଥାର ବିନ୍ଦି!
ଏବେ କିନ୍ତୁ ସେ ଅମଙ୍ଗ ହୁଏ!
କହେ; ସହରସାରା ଏବେ ରାତିର ଚିହ୍ନ
ଚାରିଆଡେ କଳାରଙ୍ଗି ଦୁଃଖ
ବାଲକୋନିରେ ମହକହୀନ ମଉଳା ମଲ୍ଲିକଢ଼!
ଓ ମୋ କାନ ପାଖରେ ଫିସ୍ ଫିସ୍ କହୁଥାଏ
ମୁଁ କୁଆଡେ ତା' ଜୀବନ ଯାକର ଜହ୍ନ!

॥ ତିନି ॥

ମୁଁ ସବୁଥର ତା' ମାତାଲପଣର ଶ୍ରାବଣଟେ
ଇଛେ
ଟୋପା ଟୋପା ବର୍ଷା ବିନ୍ଦୁ ଇଛେ
ଇଛେ ପୁଣି ବର୍ଷା ଭିଜା ନାଲି,ନୀଳ,
ଗୋଲାପି ଓ ହଳଦୀ
ରଙ୍ଗର ଫୁଲ ସବୁକୁ,
ଯାହା ସେ ସରାଗରେ ଉତ୍ତାରୀ ଦେଇଛି ତା'
ମନ ବଗିଚାରେ!

ମୁଁ ସେ ଫୁଲସବୁଙ୍କୁ ମୋ ଅଗଣାରେ
ସଜେଇଲା ବେଳେ
ସେ ଫୁଲମାନଙ୍କୁ କହୁଥାଏ, ମୁଁ ତା'ପ୍ରେମର
ପ୍ରସ୍ଫୁଟିତ ଫୁଲ
ଓ ତା' ମାଟିର ମହକାନ୍ୱିତ ମୂଳ!!

♥ ବିଡ଼ରମ୍ପାସ,କେନ୍ଦୁଝର
୬୩୭୨୨୬୦୪୭୯

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ବର, ରବିବାର, ୧୬ ଜାନୁଆରୀ, ୨୦୨୨

ପୃଷ୍ଠା ୪ ରବିବାର ଚିନ୍ତନ ସାପ୍ତାହିକ କ୍ରୋଡ଼ପତ୍ର


## ପ୍ରେମରେ ପ୍ରେମରେ ଗୀତି ....(୩୦)



### ॥ ଶବ୍ଦ କଳା ଉପହାସ ॥


ତୁମରି ରୂପକୁ ଗୀତରେ ଲେଖିଲି
ଶବ୍ଦ କଳା ଉପହାସ,
ନିଅଣ୍ଟ ପଡ଼ିବ ତୁମ ରୂପ ପାଇଁ
ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ।

ନିହାଣ ମୁଗୁର ଧରି ମୁଁ ଗଢ଼ିଲି
ଶିଳାରେ ଜୀବନ୍ତ କରି,
ମନ ମାନିଲାନି ତୁମ ରୂପ ଆଗେ
କୋଣାର୍କ ବି ଯିବ ହାରି,
ଅପସରା ପରା ନିଜକୁ ନିନ୍ଦନ୍ତି
ତୁମ ରୂପେ ହୋଇ ବଶ ।

ତୂଳିରେ ଆଙ୍କିଲି ସାତ ରଙ୍ଗ ଦେଲି
କେଉଁଠି ରହିଲା ଊଣା,
ତୁମ ରୂପ ଆଗେ ଫିକାଫିକା ଲାଗେ
ରଙ୍ଗ ନିଜେ ବାଟବଣା,
ତୁମରି ରୂପରେ ସାରା ଗୋପାଙ୍ଗନା
ଏକତ୍ର କରନ୍ତି ରାସ ।



■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୯୯୧


## ■ ସ୍ମରଣୀୟେଷୁ ■

# ଗୋଦାବରୀଶ ମହାପାତ୍ର



'ନିଆଁଖୁଣ୍ଟା' ଯାହାର ନାଁ ଶୁଣିଲେ ସ୍ୱାଧୀନତା ପରବର୍ତ୍ତୀ ସମୟର ଦୁର୍ନୀତିଖୋର ଲୋକ ମାନେ ଛାନିଆ ହୋଇଯାଉଥିଲେ । ଓଡ଼ିଆ ଭାଷାର ସେହି ପ୍ରଥମ ସମାଲୋଚନା ମୂଳକ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ ଗୋଦାବରୀଶ ମହାପାତ୍ର । ଗୋଦାବରୀଶ ଥିଲେ ଏକାଧାରାରେ ଜଣେ ସମାଲୋଚକ, ସାମ୍ବାଦିକ, କବି, ଗାଳ୍ପିକ, ପ୍ରାବନ୍ଧିକ ଓ ଔପନ୍ୟାସିକ ।

ଖୋର୍ଦ୍ଧା ଜିଲ୍ଲାର ବାଣପୁର ନିକଟବର୍ତ୍ତି କୁମାରଙ୍ଗ ଶାସନରେ ୧୮୯୮ ମସିହା ଅକ୍ଟୋବର ପହିଲାରେ ଜନ୍ମଗ୍ରହଣ କରିଥିଲେ ଗୋଦାବରୀଶ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ତାଙ୍କ ଆଦ୍ୟ ପାଠଶାଳା ।

ସତ୍ୟବାଦୀ ଯୁଗର ପଞ୍ଚଶଖା, ଗୋପବନ୍ଧୁ, ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ ମିଶ୍ର ଓ ଆଚାର୍ଯ୍ୟ ହରିହର ଥିଲେ ତାଙ୍କର ଗୁରୁ ତଥା ଆଦର୍ଶ । ସେହି ମହାନ ଜନନାୟକମାନଙ୍କ ପ୍ରେରଣା ତାଙ୍କୁ ପରେ ଦେଶସେବା ପାଇଁ ଉତ୍ସାହିତ କରିଥିଲା ।

ଗୋଦାବରୀଶ ୧୯୨୧ ମସିହାରେ ସତ୍ୟବାଦୀ ବନବିଦ୍ୟାଳୟରୁ ଶିକ୍ଷା ଶେଷ କରି କଟକର ରେଭେନ୍ସା ମହାବିଦ୍ୟାଳୟରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ପରେ ତାଙ୍କ ଗୁରୁ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ବାଣପୁର ଠାରେ ପ୍ରତିଷ୍ଠିତ ବିଦ୍ୟାଳୟରେ ସେ ଶିକ୍ଷକତା କରିଥିଲେ ଓ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ ।

ଦେଶରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଘମାଘୋଟ ସ୍ୱାଧୀନତା ସଂଗ୍ରାମ ଚାଲିଥିଲାବେଳେ ଏହା ପ୍ରତି ଜନଜାଗରଣ ସୃଷ୍ଟି ପାଇଁ ଯେଉଁ କେତୋଟି ପତ୍ର ପତ୍ରିକା ପ୍ରକାଶ ପାଉଥିଲା ସେଥିମଧ୍ୟରୁ ଅନ୍ୟତମ ଥିଲା ବ୍ରହ୍ମପୁରରୁ ପ୍ରକାଶିତ ଶଶୀଭୂଷଣ ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ ଖବରକାଗଜ 'ଆଶା' । ଆଶାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରି ଗୋଦାବରୀଶ ଆରମ୍ଭ କରିଥିଲେ ତାଙ୍କର ସାମ୍ବାଦିକ ଜୀବନ ।

୧୯୩୮ ମସିହା ମାର୍ଚ୍ଚ ବାର ତାରିଖ ଶନିବାର ଶୁଭ ଅବସରରେ ଗୋଦାବରୀଶ ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ଓଡ଼ିଆ ଭାଷାର ପ୍ରଥମ ବ୍ୟଙ୍ଗ ପତ୍ରିକା ନିଆଁଖୁଣ୍ଟା । ଗୋଦାବରୀଶ ଥିଲେ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ । ସେତେବେଳେ ଶାରଦା ପ୍ରେସ୍‌ରେ ମୁଦ୍ରିତ ସେହି ପତ୍ରିକାର ମୂଲ୍ୟ ଥିଲା ମାତ୍ର ଏକ ପଇସା । କିନ୍ତୁ ଗୋଦାବରୀଶଙ୍କୁ ଏହି ପତ୍ରିକା ଘରଘର ବୁଲି ବିକ୍ରି କରିବାକୁ ପଡୁଥିଲା । ବିଶ୍ୱ ଯୁଦ୍ଧ ସମୟରେ ଛପା କାଗଜର ଅଭାବ ଯୋଗୁ ପତ୍ରିକାଟି ଦୁଇ ବର୍ଷଯାଏ ବନ୍ଦ ରହିଥିଲା । ପୁନର୍ବାର ତାହା ୧୯୪୨ ମସିହାରୁ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ପ୍ରକାଶିତ ହେଉଥିଲା । ସେତେବେଳେ ଗୋଦାବରୀଶ ଏହାକୁ ବ୍ରହ୍ମପୁରରୁ କଟକକୁ ସ୍ଥାନାନ୍ତରିତ କରି ତାର ନୂତନ କଳେବରର ପ୍ରକାଶନ ଆରମ୍ଭ କରିଥିଲେ ।

ଗୋଦାବରୀଶ ତାଙ୍କର ସେହି ନିଆଁଖୁଣ୍ଟା ପତ୍ରିକାରେ ଓଡ଼ିଶାର ସାମାଜିକ ଓ ରାଜନୈତିକ ଦୋଷ ଦୁର୍ବଳତାକୁ ଖୋଲା ଖୋଲି ପ୍ରକାଶ କରୁଥିଲେ । ସେଥିପାଇଁ ସେ ଅନେକ ସମୟରେ ଖଳଲୋକଙ୍କ ଆକ୍ରମଣର ଶିକାର ହେଉଥିଲେ । ସେଥିକି ସେ ଭୃକ୍ଷେପ ନକରି ନିର୍ଭିକତାର ସହ ଦୁର୍ନୀତିଖୋର୍ ଲୋକଙ୍କ ମୁଖା ଖୋଲି ଦେଉଥିଲେ ।

ଶିଶୁ ସାହିତ୍ୟର ବିକାଶ ଓ ଶିଶୁ ମାନଙ୍କ ମାନସିକ ଅଭିବୃଦ୍ଧି ପାଇଁ ଗୋଦାବରୀଶ ୧୯୫୭ ମସିହାରେ ଟୁଆଁଟୁଇଁ ନାମକ ଏକ ଶିଶୁ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ । ଏଥିରେ ଶିଶୁ ମନଲାଖି ଗପ, କବିତା ଓ ନୂତନ ଜ୍ଞାନ ବିଜ୍ଞାନ ଆଧାରିତ ଲେଖା ମାନ ପ୍ରକାଶ ପାଉଥିଲା । ପତ୍ରିକାଟି ଶିଶୁ ମାନଙ୍କ ମଧ୍ୟରେ ଖୁବ୍ ଆଦର ଲାଭ କରିଥିଲା ।

ଗୋଦାବରୀଶ ମହାପାତ୍ର ଜଣେ ସାହିତ୍ୟ ସାଧକ ଭାବରେ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ କରିଛନ୍ତି ଋଦ୍ଧିମନ୍ତ । ତାଙ୍କର ପ୍ରତି ଲେଖାରେ ପ୍ରତିଫଳିତ ହୁଏ ତତ୍କାଳୀନ ଓଡ଼ିଆ ଜନଜୀବନର ଦୁଃଖ ଦୁର୍ଦ୍ଦଶା ଓ କୁସଂସ୍କାର ପରିପୂର୍ଣ୍ଣ ସମାଜର କରୁଣ ଚିତ୍ର । ତାଙ୍କ ଲେଖା ମାଧ୍ୟମରେ ପାଠକଙ୍କୁ କେବଳ ସାମାଜିକ ଦୋଷ ଦୁର୍ବଳତା ସମ୍ପର୍କରେ ଅବଗତ କରାଇ ନାହାନ୍ତି ତାର ଗଠନ ମୂଳକ ସମାଧାନର ସୂତ୍ର ମଧ୍ୟ ବତାଇଛନ୍ତି ।

ଜଣେ ଔପନ୍ୟାସିକ ଭାବରେ ଗୋଦାବରୀଶ ରଚନା କରିଛନ୍ତି ଛଅଗୋଟି ଉପନ୍ୟାସ । ରକ୍ତପାତ, ବିଦ୍ରୋହ, ବନ୍ଦୀର ମାୟା, ବୀର ଯୁବକ, ରାଜଦ୍ରୋହୀ ଏବଂ ପ୍ରେମପଥେ । ତାଙ୍କର ପ୍ରତି ଉପନ୍ୟାସ ରେ ପ୍ରତିଧ୍ୱନିତ ଜାତୀୟତାବୋଧର ବାଣୀ ।

ଗୋଦାବରୀଶ ଲେଖିଯାଇଛନ୍ତି ଅନେକ ଗୁଡିଏ କ୍ଷୁଦ୍ରଗଳ୍ପ । ସେଗୁଡ଼ିକ ମଧ୍ୟରୁ ଈଶ୍ୱରଙ୍କ ପାଖକୁ ଚିଠି, ଏବେ ମଧ୍ୟ ବଞ୍ଚିଛି, କଥା କାହାଣୀ, ମାଗୁଣିର ଶଗଡ଼, ହେ ମୋର କଲମ, ହାଣ୍ଡିଶାଳରେ ବିପ୍ଳବ, ମୁଁ ଦିନେ ମନ୍ତ୍ରୀ ଥିଲି, ପଟ୍ଟନାୟକେ ପଇସାଟିଏ, ନୀଳମାଷ୍ଟ୍ରାଣି ଓ ପଲ୍ଲୀଛାୟା ଆଦି ଅନ୍ୟତମ ।

ଗୋଦାବରୀଶ ମହାପାତ୍ର ଲେଖିଥିବା କାଳଜୟୀ କବିତା ଗୁଡିକ ହେଲା ବଙ୍କା ଓ ସିଧା, କଣ୍ଟା ଓ ଫୁଲ, ବାଣପୁର, ପ୍ରଭାତ କୁସୁମ, ଉଠ କଙ୍କାଳ ଇତ୍ୟାଦି ।

ଉଠ କଙ୍କାଳ କବିତାଟି ଆଜି ମଧ୍ୟ ପ୍ରତି ଓଡ଼ିଆ ଙ୍କ ମନରେ ନବଜାଗରଣର ବୀଜ ରୋପଣ କରିଥାଏ । ଏହି କବିତାଟି ୧୯୩୨ ମସିହାରେ ସାହିତ୍ୟ ପତ୍ରିକା 'ସହକାର'ରେ ପ୍ରଥମେ ପ୍ରକାଶିତ ହୋଇଥିଲା । ସେଥିରେ କବିତାଟିର ଶୀର୍ଷକ ଥିଲା- 'ଶ୍ମଶାନ ପୂଜାରୀର ଆହ୍ୱାନ' । ପରବର୍ତ୍ତୀ କାଳରେ ଲୋକମୁଖରେ ତାହା 'ଉଠ କଂକାଳ' ଭାବରେ ଖ୍ୟାତ ହୋଇଥିଲା ।

ତାଙ୍କର ପ୍ରାଣବନ୍ତ ସାହିତ୍ୟ କୃତି ନିମନ୍ତେ ଗୋଦାବରୀଶ ମହାପାତ୍ର ଥରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଓ ଦୁଇ ଥର ଓଡିଶା ସାହିତ୍ୟ ଏକାଡେମୀ ସମ୍ମାନ ରେ ସମ୍ମାନିତ ହୋଇଛନ୍ତି । କଣ୍ଟା ଓ ଫୁଲ କବିତା ପାଇଁ ୧୯୫୯ ଓ ଉଠ କଙ୍କାଳ କବିତା ପାଇଁ ୧୯୬୨ ମସିହାରେ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିବା ବେଳେ ବଙ୍କା ଓ ସିଧା କବିତା ପାଇଁ ୧୯୬୬ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଲାଭ କରିଥିଲେ ।

କବି ଓ ଲେଖକ ଭାବରେ ଗୋଦାବରୀଶ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଥିଲା । ଜଣେ ସମାଲୋଚକ ଭାବରେ ସମାଜପତିମାନେ ତାଙ୍କୁ ଡରୁଥିଲେ ଓ ଅନାଦର କରୁଥିଲେ । ରାଜନୀତିରେ ଯୋଗ ଦେବାପାଇଁ ତାଙ୍କୁ ଯଥେଷ୍ଟ ସୁଯୋଗ ମିଳିଥିଲା । ସେ କିନ୍ତୁ ତାଠାରୁ ଦୂରେଇ ରହି ରାଜନୈତିକ ଲୋକମାନେ କିଭଳି ଠିକ୍ ଭାବରେ ଦେଶ ଗଢିବାରେ ସହାୟକ ହୋଇପାରିବେ ସେଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ ।



୧୯୬୫ ମସିହା ନଭେମ୍ବର ୨୫ ତାରିଖରେ ସେହି ମହାନ ସାରସ୍ୱତ ସାଧକ ଇହଲୀଳା ସମ୍ବରଣ କରିଥିଲେ । ଉତ୍କଳ ଜନନୀ ହରାଇ ବସିଥିଲା ତାର ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ।


ଆଲେଖ୍ୟ : ଦିଲ୍ଲୀପ କୁମାର ସାହୁ

ଶଙ୍କରପୁର, ଚାରବାଟିଆ, କଟକ

ମୋ-୯୮୬୧୧୨୬୧୯୭


## ଧାରାବାହିକ ଉପନ୍ୟାସ

# ରାଜନୀତି


ସୃଷ୍ଟିଧର ପରିଡା

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୧୯

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଭାବି ପାରିନଥିଲା ମୌସୁମୀ କଣ କହିବ, କଣ କରିବ । ଆତ୍ମରକ୍ଷାର ରାସ୍ତା ଦିଶୁନଥିଲା । ଲାଗୁଥିଲା ଗୋଟେ ଅଜଗରର ଆଁ ତାକୁ ଗିଳିବାକୁ ବସିଛି । ଚାରିପାଖରେ ଅନ୍ଧାର ହିଁ ଅନ୍ଧାର । ଯୋଉ ଅନ୍ଧାର ଭେଦ କରିବା ପାଇଁ ଅନ୍ତତଃ ପକ୍ଷେ ଦୀପଟିଏ ଲୋଡା । କିଏ ଦେବ ସେଇମିତି ଚେନାଏ ଆଲୋକ । ମନେମନେ ଈଶ୍ୱରଙ୍କୁ ପ୍ରାର୍ଥନା କଲା ମୌସୁମୀ । ମୋତେ ରକ୍ଷାକର ପ୍ରଭୂ... ରକ୍ଷାକର । କାହିଁକି ଭଲା ଆସୁଥିଲି ଏମିତି ଗୋଟେ ସୁନା କଙ୍କଣଧରା ବାଘ ପାଖକୁ । ଯିଏ ରାଜନୀତିର ସୁନା କଙ୍କଣ ଦେଖାଇ ଗିଳିଦେବାକୁ ବସିଛି ତାର ନାରୀତ୍ୱ, ତାର ନିଜତ୍ୱକୁ । ବିଜୟାନନ୍ଦ ଥରେ ବିଜୟ ହାସଲ କରିନେଲେ ତାର ଆଉ କିଛି କରିବାର ନଥିବ । ହଜି ଯାଇଥିବା ଜିନିଷ କେବେବି ଆଉ ଫେରିବନାହିଁ ତା' ପାଖକୁ ।

ଏଥର ବିଜୟାନନ୍ଦ ତା' ଅଣ୍ଟା ଚାରିକଡରେ ବେଢେଇ ଆଣିଲେ ତାଙ୍କର ବଳିଷ୍ଠ ଦୁଇହାତ ।

ଲୁହ ଦି'ଧାର ବୋହିଗଲା ମୌସୁମୀ ଆଖିରୁ ।

ଗଭୀର ଆଶ୍ଲେଷରେ ତାକୁ ଛାତିରେ ଚିପି ଧରିଲେ ବିଜୟାନନ୍ଦ ।

ନିଜର ଦୁଇହାତକୁ ମଝିରେ ରଖି ପାଟି କରିଉଠିଲା ମୌସୁମୀ । ବିକଳରେ ସାହାଯ୍ୟ ପାଇଁ ହାତ ବଢେଇବା ବେଳକୁ ତା' ଦେହ ଓ ବିଜୟାନନ୍ଦର ଦେହ ଗୋଟିଏ ହୋଇ ସାରିଥିଲା । ଭାବୁଥିଲା ମୌସୁମୀ ତା' ପାଟିଶୁଣି କେହି ତ ଜଣେ ଗେଷ୍ଟରୁମ୍‌ର କର୍ମଚାରୀ ସେଠି ପହଞ୍ଚୁ ! କିନ୍ତୁ ବନ୍ଦ ଥିଲା ଘରର କବାଟ । କେହି ଜଣେ କଥାହେବାର ସୁଯୋଗରେ ବାହାରୁ କବାଟ ବନ୍ଦ କରିନେଇଛି ତାହା ଜାଣିପାରି ନଥିଲା ମୌସୁମୀ । ନିଜକୁ ମୁକୁଳେଇବା ଚେଷ୍ଟାରେ ଛାଟିପିଟି ହେଉଥିବା ବେଳେ ବିଜୟାନନ୍ଦର ହାତର ବନ୍ଧନୀ ଆହୁରି ଟାଣ ହେଉଥିଲା ଏବଂ ସେଇ ଚେଷ୍ଟା ଭିତରେ ମୌସୁମୀର ହାତ ଶିଥିଳ ହେଉଥିବାର ଅନୁଭବ କରିଥିଲା ମୌସୁମୀ ଏବଂ ବିଜୟାନନ୍ଦ ତାକୁ ଟେକି ନେଇଥିଲେ ବିଛଣା ଉପରକୁ । ସିନେମା ଷ୍ଟାଇଲରେ କିଛି ଘଟିବା ପୂର୍ବରୁ ନିଜର ଚେତା ହରଉଥିଲା ମୌସୁମୀ, ଅନୁଭବ କରୁଥିଲା ବିଜୟାନନ୍ଦର ମୁହଁ ତା' ମୁହଁ ଉପରକୁ ନଇଁ ଆସୁଛି ।

ଚେତା ଫେରି ଆସିବା ବେଳକୁ ବିଛଣାରେ ଏକା ଥିଲା ମୌସୁମୀ ।

ସକାଳର ସୂର୍ଯ୍ୟ କିରଣ ଝର୍କା କାଚ ଦେଇ ବିଛାଡି ହୋଇ ପଡିଥିଲା ତା' ବିଛଣା ଉପରେ । ସେ ଉଠି ବସିଲା । ନିଜ ବିପର୍ଯ୍ୟସ୍ତ ଲୁଗାପଟାକୁ ଚାହିଁଲା ବେଳକୁ ତାର ମନେ ପଡିଲା ବିଜୟାନନ୍ଦର କାମୁକତା କଥା । ଘର ଭିତରେ କିନ୍ତୁ କେହି ନଥିଲେ । ସେ ଧଡପଡ ହୋଇ ଉଠି ବସିଲା । ମୁଣ୍ଡ ଭାରି ଭାରି ଲାଗୁଥିଲା । ଅବଶ ଲାଗୁଥିଲା ଦେହ । ଦରଜା ପାଖକୁ ଆସିଲା ମୌସୁମୀ । ଭିତରୁ ଲକ୍ ଥିଲା ଘରର ଦରଜା । ମୌସୁମୀ ଫେରିଆସି ବସିଲା ସୋଫା ଉପରେ । ଓମ୍‌ଙ୍କୁ ଅପେକ୍ଷା କରିବା ଭିତରେ ରାତି ବଢିବା ଓ ରାତି ପାହିବା ଭିତରର ସମୟତକ ସ୍ୱପ୍ନ ଥିଲା ନା ଥିଲା ଦୁର୍ଘଟଣା, ଭାବି ପାରୁନଥିଲା ମୌସୁମୀ । ମୁଣ୍ଡକୁ ଚିପିଧରି ବସିଲା କିଛି ସମୟ । ତାକୁ ଏଥର ଫେରିବାକୁ ପଡିବ ।

ବାହାରକୁ ଆସିଲା ମୌସୁମୀ । ଦାଣ୍ଡପଟ ଡ୍ରଇଂରୁମ୍‌ରେ ବସିଥିଲେ ଓମ୍ ଆଉ ବିଜୟାନନ୍ଦ । ଦେଖୁଦେଖୁ ବିଜୟାନନ୍ଦ ତାକୁ ଗୁଡ୍‌ମର୍ଣ୍ଣିଂ କହିଲେ । ଓମ୍ କହିଲେ, ସରି ସୁମୀ, ଫେରୁଫେରୁ ଟିକେ ଡେରି ହୋଇଗଲା । ଫେରିଲାବେଳକୁ ତମେ ଶୋଇ ସାରିଥିଲ । ତମକୁ ଡିଷ୍ଟର୍ବ କରିବାକୁ ଇଚ୍ଛା ହେଲାନାହିଁ । ସାର୍ କହିଲେ ଏଇଠି ରହିଯିବାକୁ । ଏକାଥରେ ତମକୁ ନେଇଯିବି । ତମ ଉଠିବାକୁ ଯାହା ଅପେକ୍ଷାଥିଲା । ତମେ ଟିକେ ଫ୍ରେସ ହୋଇଯାଅ, ଆମେ ଯିବା ।

କାହାକୁ କିଛି କହିଲାନାହିଁ ମୌସୁମୀ । ବିଜୟାନନ୍ଦର ମୁହଁକୁ ଚାହିଁବାକୁ ବି ଇଚ୍ଛାନଥିଲା । ସେ ବାହାରକୁ ଯାଉଯାଉ କହିଲା, ଆମେ ଘରକୁ ଯିବା ।

ମୌସୁମୀର ଉଦାସ ଓ ଶୁଖିଯାଇଥିବା ମୁହଁକୁ ଚାହିଁ କିଛି କହିବକହିବ ହୋଇ କହିପାରିଲାନାହିଁ ଓମ୍ । ବୋଧହୁଏ ମୌସୁମୀର ଦେହ ଭଲନାହିଁ । ବିଜୟାନନ୍ଦ ବି କିଛି କହିଲେ ନାହିଁ । ତଳକୁ ଆସିଲା ବେଳକୁ ଗାଡି ପୋଛାପୋଛି କରୁଥିଲା ଡ୍ରାଇଭର । ଯନ୍ତ୍ରଚାଳିତ ପରି କାହାକୁ କିଛି ନକହି ଗାଡିରେ ବସିଲା ମୌସୁମୀ । ତା' ପଛେ ପଛେ ଓମ୍ । ଦୁହିଁଙ୍କୁ ନେଇ ଗାଡି କ୍ୱାର୍ଟରରେ ପହଞ୍ଚିଲା ପର୍ଯ୍ୟନ୍ତ ବି ଚୁପ୍ ଥିଲା ମୌସୁମୀ । ଡେରିରେ ଫେରିବା କାରଣକୁ ନେଇ ଯେ ସୁମୀ ଅତ୍ୟଧିକ ଅସନ୍ତୁଷ୍ଟ, ଏକଥା ଭଲଭାବେ ଜାଣନ୍ତି ଓମ୍ । ତେଣୁ ନିରବ ରହିବା ଗୋଟେ ଦୃଷ୍ଟିରୁ ନିରାପଦ । କ୍ୱାର୍ଟରରେ ପହଞ୍ଚି ଓମ୍ ତାଙ୍କର ପରବର୍ତ୍ତୀ ଟୁର୍ ପାଇଁ ରେଡି ହେଲାବେଳକୁ ମୌସୁମୀ କହିଲା ସିଏ ଘରକୁ ହିଁ ଯିବେ । ତୁମର ଯଦି ଯିବାରେ ଅସୁବିଧା ଅଛି ମୁଁ ଏକାଏକା ବସ୍‌ରେ ଚାଲିଯିବି ।

ଓମ୍ ବାଧ ହୋଇ ମୌସୁମୀକୁ ଛାଡିବା ପାଇଁ ଆସିଲେ ଗାଁକୁ ।

ରାସ୍ତା ସାରା ଗୁସ୍‌ସୁମ୍ ଥିଲା ମୌସୁମୀ । ଓମ୍‌ଙ୍କୁ ଚାହିଁବାର ମାନସିକତା ବି ତା'ର ନଥିଲା । ଏ ବୟସରେ ବି ତାକୁ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡିବ ତାହା ତାର ଚିନ୍ତା ଚେତନାର ପରିସରଭୁକ୍ତ ବି ନଥିଲା । ସିଏ ଜାଣିଥିଲା ବିଜୟାନନ୍ଦ ଜାଲ ବୁଣୁଛି । ତା' ସାନିଧ୍ୟ ପାଇବା ପାଇଁ ଯୋଜନା କରୁଛି । କିନ୍ତୁ ଏତେ ତଳସ୍ତରକୁ ଯେ ଜଣେ ଉଚ୍ଚପଦସ୍ତ ମନ୍ତ୍ରୀ ଓହ୍ଲେଇ ଯାଇ ପାରିବ ତାହା ତାର ବିଶ୍ୱାସଯୋଗ୍ୟ ନଥିଲା ।

ଏ କଥା କେମିତି କହିବ ସିଏ ଓମ୍ ଆଗରେ ? ଏକଥା ଶୁଣିବା ପରେ କେମିତି ରିଆକ୍ଟ କରିବ ଓମ୍ ? ତା'ଛଡ଼ା ଆଉ ସେସବୁକୁ ଓମ୍‌କୁ କହି ଲାଭ କ'ଣ ? ସେ ତ କ୍ଷମତା ପାଇଁ ଅନ୍ଧ । ଜଣେ ସ୍ତ୍ରୀର ଅଭିଯୋଗ କ'ଣ ସେ ବୁଝିପାରିବେ ?

ନିଜ ଉପରେ ନିଜର ଘୃଣା ଆସୁଥିଲା ମୌସୁମୀର । କୋଉକାଳେ ଦେହଟାକୁ ଗୁରୁତ୍ୱ ଦେଇନଥିବା ମୌସୁମୀ କିନ୍ତୁ ଭାଂଗିପଡୁଥିଲା ତା' ଦେହକୁ ବିଜୟାନନ୍ଦ ପରି ଗୋଟେ ଘୃଣିତ ଜୀବ ଯେ ନିଜ ଇଚ୍ଛା ମୁତାବକ ବ୍ୟବହାର କରିପାରେ, ତାହା ସେ ଭାବି ପାରୁନଥିଲା । ନିଜ ଭିତରେ ଗୋଟେ ଅବ୍ୟକ୍ତ କୋହ ଗୁମୁରୁଥିଲା ।

ଘରେ ପହଞ୍ଚିଲା ବେଳକୁ ଘରର ପରିବେଶ ଥିଲା ଶୁନ୍‌ଶାନ୍ । ଘରେ କାମ କରୁଥିବା ରୋଷେୟା ଆଉ ମାଳି କହିଲେ ଯେ ଅଭିଷେକ ପ୍ରାଚୀ ନାମକ ଝିଅଟିକୁ ନେଇ ଦୁଇଦିନ ହେଲା ଘରୁ ବାହାରି ଯାଇଛି ।

କୁଆଡେ ଗଲେ ?

ଏ ପ୍ରଶ୍ନର ଉତ୍ତରରେ ବିଶ୍ୱସ୍ତ ରୋଷେୟାଟି କହିଲା, ସେମାନେ ବିବାହ କରିବେ ଆଜ୍ଞା । ଆପଣମାନେ ତ କେହି ଘରେ ନଥିଲେ । ସେ ଝିଅଟିକୁ ଛୁଆବାବୁ ନେଇଆସିବା ପରେ ସାନବାବୁ ଆଉ ସାନମା' ବିରକ୍ତ ହେଲେ । ତେଣୁ ସେମାନେ ବାହାରିଗଲେ । ଗଲାବେଳେ ଛୁଆବାବୁ ଭାରି ମନଦୁଃଖରେ ବାହାରିଗଲେ । କହିଗଲେ ବାପା ମା' ପିଲାମାନଙ୍କର ସାହାରା ହୋଇଥାନ୍ତେ । କିନ୍ତୁ ମୋ କ୍ଷେତ୍ରରେ ତ ମୋ ବାପା କି ମା' କାହାର ମୋ ପାଇଁ ବେଳ ନାହିଁ । ତେଣୁ ପ୍ରାଚୀକୁ ନେଇ ଚାଲିଯାଉଛି ଗୋଟେ ନିରାପଦ ଦୂରତ୍ୱକୁ ଯୋଉଠି କାହାର ବାଧା ନଥିବ ।

ଥମ୍ ହୋଇଯାଇଥିଲା ମୌସୁମୀ ।

ବିଧାତାର ଏ କି ନିୟମ ! ନଇଁ ପଡିଥିବୁ ଯେତିକିବେଳେ, ବିଧାଏ ମାରିବ ସେତିକିବେଳେ !! ବୋଝ ଉପରେ ନଳିତା ବିଡା ପରି ଅଭିଷେକ ପ୍ରସଙ୍ଗ ତାକୁ ଖୁବ୍ ମ୍ରିୟମାଣ କରିପକାଇଥିଲା । ଏଣେ ବିନା କୌଣସି ମନ୍ତବ୍ୟରେ ଓଁକାରନାଥ ଫେରିଗଲେ ଭୁବନେଶ୍ୱର । ଏ ଘଟଣା ସମ୍ପର୍କରେ ସାମନ୍ୟତମ ପ୍ରତିକ୍ରିୟା ପ୍ରକାଶ ନକରି ବରଂ ମୌସୁମୀକୁ କହିଥିଲେ - ତୁମେ ହେଉଛ ମା' । ଘଟଣାଟି ପ୍ରଘଟ ହେବା ପୂର୍ବରୁ ଚତୁରତାର ସହ ଏହାର ସମାଧାନ କର ।

ମୌସୁମୀ ଜାଣେ ଏ ଘଟଣା ଲୁଚି ରହିବନାହିଁ । ବିଭିନ୍ନ ଗଣମାଧ୍ୟମ ଏହାକୁ ନେଇ କଳ୍ପିତ କାହାଣୀ ତିଆରି କରି ଛାପିବେ । କିଏ କେତେ କଥା କହିବେ । କିଏ କେମିତି ରଂଗ ଭରିବେ ଏ ଘଟଣା ସମ୍ପର୍କରେ ।

ହେଲେ ନିରବ ରହିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିଲା ମୌସୁମୀ ନିକଟରେ । ଭାବୁଥିଲା ଏ ସମ୍ପର୍କରେ ଓମ୍ ଯେତେବେଳେ ନୀରବ ତା'ର ବା ସାମର୍ଥ୍ୟ କେତେ ଏହାକୁ ସମାଧାନ କରିବା ପାଇଁ ? ତଥାପି ମନ ଘାଣ୍ଟି ହେଉଥିଲା ଅଭିଷେକ ପାଇଁ । କୋଉଠି ଖୋଜିବ ତାକୁ ? କେମିତି କରିବ ଏ ସମସ୍ୟାର ସମାଧାନ । କଣ କରିବ ନକରିବ ଭାବିପାରୁନଥିଲା ମୌସୁମୀ । ମାନସିକ ଭାରସାମ୍ୟ ଦୋହଲି ଯାଉଥିଲା ମୌସୁମୀର ।ଅଭିଷେକ ଓ ପ୍ରାଚୀପ୍ରଭା ଦୁହେଁ ପଛରେ ଛାଡି ଆସିଛନ୍ତି ନିଜର ଘର, ପରିବାର ଓ ଆତ୍ମୀୟସ୍ୱଜନଙ୍କୁ । ସେମାନେ ଏକ ଅଜଣା ପଥର ପଥିକ । ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ତାଙ୍କର ଅଭିଯାନ । ଦୁହେଁ ବିବାହ କରିବେ । ଖୁବ୍ ଅନ୍ତରଙ୍ଗ ଓ ଆପଣାର ହେବେ । ହାତ ଧରାଧରି ହୋଇ ବାଟ ଚାଲୁଚାଲୁ ଦୁହେଁ ଦୁହିଁଙ୍କୁ ଭଲ ଭାବରେ ଜାଣିବେ ଓ ବୁଝିବେ । ବହୁ ଦିନ ଧରି ରାଜନୀତିର ଦୁର୍ନୀତିକୁ ଦେଖିଛି ଅଭିଷେକ, ବ୍ୟଭିଚାର, ଭ୍ରଷ୍ଟାଚାରକୁ ବି ଅନୁଭବ କରିଛି । ତେଣୁ ତାକୁ ଭଲ ଲାଗେ କ୍ରାନ୍ତିର କଥା, ସାମ୍ୟବାଦର କଥା ।

ପ୍ରାଚୀପ୍ରଭାର କଥା ମନପ୍ରାଣ ଦେଇ ଶୁଣେ ଅଭିଷେକ ।

ସାମ୍ୟବାଦୀ ଆନ୍ଦୋଳନର ସୁନେଲି ପରିକଳ୍ପନା ଶୁଣିବା ପାଇଁ ଆଗ୍ରହୀ ହୋଇପଡ଼େ । ପ୍ରାଚୀପ୍ରଭା କହେ, ଏହି ସାମ୍ୟବାଦୀ ଆନ୍ଦୋଳନ ଯୋଗୁଁ ହିଁ ବହୁ ଭ୍ରଷ୍ଟାଚାରୀ ଅଧିକାରୀ ଓ ରାଜନେତା ଭୟଭୀତ ହୋଇ ନିଜର କାର୍ଯ୍ୟକୁ ଠିକ୍ ଭାବେ ସମ୍ପାଦିତ କରିବାକୁ ବାଧ ହେଉଛନ୍ତି । ସ୍କୁଲ, କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସୃଷ୍ଟି ହୋଇଥିବା ଅଚଳଅବସ୍ଥା ଏହି କ୍ରାନ୍ତି ଆନ୍ଦୋଳନ ପାଇଁ କିଛିମାତ୍ରାରେ ସଜାଡି ଯାଇଛି । ଅଧ୍ୟାପକ, ଶିକ୍ଷକ ଓ ସରକାରୀ ଅଧିକାରୀମାନେ ଠିକ୍ ସମୟରେ ଆସି ନିଜ ନିଜର କାର୍ଯ୍ୟ କରିଛନ୍ତି ।

ବହୁ ଶିଳ୍ପପତି ଓ ଶିକ୍ଷାନୁଷ୍ଠାନର ମାଲିକମାନେ ପୂର୍ବରୁ ଯେପରି ଶ୍ରମିକମାନଙ୍କୁ ଶୋଷଣ କରୁଥିଲେ ଏହି କ୍ରାନ୍ତିକାରୀ ଆନ୍ଦୋଳନ ଭୟରେ ସଜାଗ ହୋଇଯାଇଛନ୍ତି । ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା - ନିଘଞ୍ଚ ଜଙ୍ଗଲ ଭିତରେ ବହୁ ଦିନ ଧରି ଅବହେଳିତ ଅବସ୍ଥାରେ ରହୁଥିବା ଅଶିକ୍ଷିତ ଦରିଦ୍ର ବନବାସୀମାନେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ବି ଖୁବ୍ ସଚେତନ ହୋଇଉଠିଛନ୍ତି । ସେମାନେ ଏହି ଆନ୍ଦୋଳନ ପ୍ରତି ଗଭୀର ଭାବେ ଆକୃଷ୍ଟ ହୋଇପଡ଼ିଛନ୍ତି । ସେମାନଙ୍କର ପେଟ ପାଟଣାର ମାଧ୍ୟମ କେନ୍ଦୁପତ୍ର ଓ ବାଉଁଶ ରୟାଲଟି ବୃଦ୍ଧି କେବଳ ହିଁ ଏହି ସଙ୍ଗଠନ ଯୋଗୁଁ ସମ୍ଭବ ହୋଇପାରିଛି । ଏବେ ହଜାରହଜାର ମାଇଲ ନିଘଞ୍ଚ ଜଙ୍ଗଲରେ ରହୁଥିବା ବନ ଅଧିବାସୀମାନେ ଏହି ଆନ୍ଦୋଳନର ପ୍ରମୁଖ ପ୍ରବକ୍ତା ଓ ରକ୍ଷାକବଚ ସାଜିଛନ୍ତି ।

ଅଭିଷେକ ଶୁଣେ ପ୍ରାଚୀପ୍ରଭାର କଥାକୁ । ତା' କଥାରେ ଖୁବ୍ ବାସ୍ତବତା ଥିଲା ପରି ଲାଗେ । ଅନୁପ୍ରାଣିତ ହୁଏ ସେ ପ୍ରାଚୀପ୍ରଭାର ଜୀବନଦର୍ଶନରେ । ତାକୁ ଲାଗେ ପ୍ରାଚୀପ୍ରଭା ହିଁ ତାର ଉପଯୁକ୍ତ ସାଥୀ, ଯାହା ସାଙ୍ଗରେ ତାର ମନର ମେଳ ହୋଇପାରିବ । ସିଏ ଯାହା ଚାହେଁ ପ୍ରାଚୀପ୍ରଭାର ଆଦର୍ଶ ସହ ତା'ର ମେଳ ଥାଏ ।

ତା' ପାଦ ସହ ପାଦ ମିଶେଇ ଏକା ଚାଲିପାରିବ ପ୍ରାଚୀପ୍ରଭା ।

ସେ ଜାଣେ, ଆଜିର ରାଜନେତାମାନେ ଧନସମ୍ପତ୍ତି ପାଇଁ ଯେତେ ପାଗଳ ନୁହଁନ୍ତି ତାଠାରୁ ଅଧିକ ପାଗଳ କ୍ଷମତା ପାଇଁ । ରାଜନୀତିରେ ନିଜ ସ୍ଥିତିକୁ ସୁଦୃଢ କରିବା ହିଁ ସେମାନଙ୍କର ଚରମ ଲକ୍ଷ୍ୟ । ରାଜନୀତି ଆଉ କାହାର ନିଶା ନୁହେଁ କି ପେଶା ନୁହେଁ, ବରଂ ଯେମିତି ଗୋଟେ ମାରାତ୍ମକ ରୋଗ ! ସେ ରୋଗ ଯେଉଁ ନେତାକୁ ଥରେ ଗ୍ରାସ କରେ ସେ ରୋଗ କେବେ ଛାଡ଼ି ଯାଏ ନାହିଁ । ତା ବାପାଙ୍କ ପରି ଅନେକ ରାଜନେତା ମାନେ ଆଜି ଏ ରୋଗରେ ଆକ୍ରାନ୍ତ । (କ୍ରମଶଃ)

## ଅନୁବାଦ ଗଳ୍ପ

# ଦୁଇଟି ମିନି ଅନୂଦିତ ଗପ




ଅନୁବାଦ- ବିନୟ କୁମାର ଦାସ


### ॥ ଦୁଷ୍ଟ କୀଟ ॥

ମୂଳହିନ୍ଦୀ- ତୋଷୀ ଗୁପ୍ତା

ବସ୍‌ଟି ଚାଲିଥିଲା ଭଲ ସ୍ପିଡ୍‌ରେ ।

ଅନୁ ଥିଲା ସେଇ ବସ୍‌ରେ । କିଛି ବାଟ ଯିବା ପରେ ତାକୁ କାହିଁକି କେଜାଣି ଜଣାଗଲା ତା ପିଠିରେ ଗୋଟିଏ କୀଟ ଚାଲବୁଲ କରୁଛି । ତାକୁ ବହୁତ ଖରାପ ଲାଗିଲା କୀଟଟିର ସେମିତିକା ଚଳପ୍ରଚଳ । ପୁଣି ଏବେ ଜାଣିପାରିଲା ଯେ ସେ କୀଟଟି ସାଧାରଣ କୀଟ ବି ନୁହେଁ । ଦୁଷ୍ଟ କୀଟଟିଏ । ସେ ଏତକ ବି ଅନୁଭବି ପାରୁଥିଲା ଯେ କୀଟଟିର ଚଳପ୍ରଚଳ କ୍ରମଶଃ ଘନିଷ୍ଠ ହେବାକୁ ବି ଆରମ୍ଭ କରିଦେଲାଣି । ସେ ଅତିଷ୍ଠ ହୋଇ ପଡୁଥିଲା । ଏ ବାବଦରେ ସେ କିଛି ପ୍ରତିକାର କରିପାରୁ ନଥିଲା ଅଯଥା ମାନସିକ କଷ୍ଟରେ ସେ ମ୍ରିୟମାଣ ହୋଇ ପଡୁଥିଲା ଆସ୍ତେ ଆସ୍ତେ । ବସ୍ ଯାତ୍ରା ତ ସବୁବେଳେ ଝିଅଙ୍କ ପାଇଁ ପ୍ରାୟ ଏମିତି ଏମିତି । ନା ସହି ହୁଏ..ନା କିଛି କହି ହୁଏ ।

ଏତିକି ବେଳେ ଗୋଟିଏ ଜୋରଦାର୍ ବ୍ରେକ୍ କଷି ଦେଲା ଡ୍ରାଇଭର । ବୋଧହୁଏ ଅକସ୍ମାତ କେହି ଚାଲି ଆସିଲା ବସ୍ ସାମ୍ନାକୁ । ତେବେ ଏମିତି ହଠାତ୍ ବ୍ରେକ ହେବା କଥା କେହି ଭାବି ପାରି ନଥିଲେ । ଝଟକା ଏତେ ଜୋର ଥିଲା ଯେ କିଏ କିଏ ନିଜ ସିଟ୍‌ରୁ ଛିଟିକି ବି ପଡିଲେ । କିଏ ବି ସାମ୍ନା ସିଟ୍‌ରେ ଯାଇ ବାଡେଇ ହୋଇଗଲେ । ଅନୁ ପଛରେ ବସିଥିବା ସେଇ ଜାନୁଆର ରୂପୀ ମଣିଷଟି ଅତି କରୁଣ ସ୍ୱରରେ ଚିତ୍କାର କରି ଉଠିଲା...ଆଃ..ଆ...। ହଁ, ତା ଆଙ୍ଗୁଳି ଭାଙ୍ଗିଯାଇଥିଲା ଏଇ ଆକସ୍ମିକ ଝଟକାରେ । ନିଜର ଭଂଗା ଆଂଗୁଳିକୁ ଧରି ସେ ଚିତ୍କାର କରୁଥିବା ବେଳେ କିଛି ସହଯାତ୍ରୀ ଡ୍ରାଇଭରକୁ ଗାଳି ଗୁଲଜ କରିବାକୁ ଆରମ୍ଭ କରିଦେଲେ ।

ଅନୁ କିନ୍ତୁ ଇତି ମଧ୍ୟରେ ବେଶ୍ ସହଜ ଆଉ ସତେଜ ହୋଇ ସାରିଥିଲା । ସେ ଏବେ ନିରାପଦ । ମନରେ ଏକ ନିଶ୍ଚିନ୍ତ ଶାନ୍ତି ମିଳିଯିବାରୁ ବସ୍‌ର କାଚ ଝରକା ଦେଇ ସେ ବାହାରର ପ୍ରାକୃତିକ ମନୋରମ ଦୃଶ୍ୟରାଜିକୁ ଉପଭୋଗ କରିବାରେ ଲାଗିଗଲା । ଏବେ ସେ ନିଶ୍ଚିତ ଆଉ ନିଶ୍ଚିନ୍ତ ବି । କାରଣ ସେଇ ଦୁଷ୍ଟ କୀଟଟି ଆଉ ତା ଦେହରେ ଚଳପ୍ରଚଳ କରିପାରିବାର ସମ୍ଭାବନା ତ ନାହିଁ ।

### ॥ ଜବରଦଖଲ ॥

ମୂଳହିନ୍ଦୀ- ଗୋବିନ୍ଦ ଶର୍ମା

ଜଙ୍ଗଲ ଛାଡି କିଛି ମାଙ୍କଡ ଇତି ମଧ୍ୟରେ ସହରକୁ ପଳାଇ ଯାଇଥିଲେ । ଆଜି ସେମାନେ ଯେମିତି ପୁଣି ଜଙ୍ଗଲକୁ ଫେରି ଆସିଛନ୍ତି, ସେମାନଙ୍କର ଚିହ୍ନା ମାଙ୍କଡମାନେ ଆସି ସେମାନଙ୍କୁ ଘେରିଗଲେ ।

"କଣ ହେଲା ଭାରି ତେଜରେ ତ ଜଙ୍ଗଲ ଛାଡି ପଳାଇ ଯାଇଥିଲ ସହରକୁ ? ମନ ମରିଗଲା ତ ..?" ଗୋଟିଏ ମାଙ୍କଡ କହିଲା ।

"ଯିବା ବେଳେ କେତେ ମନା କଲୁ ଆମେ...ହେଲେ କୋଉ ଶୁଣିଲ ଆମ କଥା ? ଏବେ ମନ ଘର ଧରିଗଲା ତ ?"

"କିରେ ଆମେ ହେଲୁ ଜଙ୍ଗଲି ଜୀବ...ଏ ଜଙ୍ଗଲ ଆମ ଘର । ଏଇଠି ଜନମ..ଏଇଠି ମରଣ । ସେ ସହରରୁ ଆମକୁ କଣ ମିଳିବ ? ଆମର ଏଇଠି ହିଁ ରହିବା ସାର କଥା ।" ଏମିତି କିଏ କେତେ ପ୍ରକାରର କଥା କହିବାକୁ ଲାଗିଲେ । ତହୁଁ ସହରରୁ ଫେରିଥିବା ଗୋଟିଏ ମାଙ୍କଡ କହିଲା, ତୁମେ ତାହାଲେ ଧରି ନେଇଛ ଯେ ଏଇଠି ସବୁଦିନ ରହିବ ବୋଲି ?"

"ହଁ..ଏଥିରେ ଭାବିବାର ଆଉ କଣ ଅଛି ?"

"ସେ ଆଶା ମନରୁ ବାହାର କରିଦିଅ ବନ୍ଧୁ ।"

"ସେମିତି କଣ କହୁଚ ? କାହିଁକି ମିଛଟାରେ ଡରାଉଛ ଆମକୁ ?"

"ମିଛ ନୁହେଁ । ସତ କହୁଛି । ଆମେ ସହରରୁ ଶୁଣି ଆସିଲୁ, ଏଇ ନିକଟରେ ଏକ ନିର୍ବାଚନ ହେବାକୁ ଯାଉଛି । ଆଶାୟୀ ପ୍ରାର୍ଥୀମାନେ ଭୋଟରମାନଙ୍କୁ ନିଜ ଆଡକୁ ଆକର୍ଷଣ କରିବା ପାଇଁ ନାନା ପ୍ରକାରର ପ୍ରତିଶ୍ରୁତି ଦେବାକୁ ଲାଗି ପଡିଲେଣି । ସମସ୍ତେ ପ୍ରଚାର କରୁଛନ୍ତି, ସହରର ସବୁ ଲୋକଙ୍କ ପାଇଁ ସେମାନେ କୋଠାଘର ନିର୍ମାଣ କରିଦେବେ । ପାଖ ଜଙ୍ଗଲକୁ ଆଧୁନିକ ସହରରେ ପରିଣତ କରିଦେବେ । ତେଣୁ କୁହ...ଜଙ୍ଗଲ ରହିବ ଯେ ତୁମେ ରହିବ ଏଠି ?"

ଏତକ ଶୁଣି ସମସ୍ତେ ଚମକି ପଡିଲେ । ମନେମନେ ଭୟ ବି ପାଇଗଲେ ଏକ ଅଜଣା ଆଶଙ୍କାରେ । ଜଣେ ବୟୋଜ୍ୟେଷ୍ଠ ମାଙ୍କଡ କହିଲା, "ଏଇ କିଛି ବର୍ଷ ତଳେ ଆମକୁ ତିନି ତିନିଟା ଜଙ୍ଗଲ ଛାଡିବାକୁ ପଡିଲାଣି । ସେମାନେ ଜଙ୍ଗଲକୁ ଅତ୍ୟାଧୁନିକ ସହରରେ ପରିଣତ କରି ଚାଲିଛନ୍ତି । ଆଉ ଆମକୁ ଜଙ୍ଗଲ ଛାଡିବାକୁ ପଡୁଛି । ପୁଣି ଏ ଜଙ୍ଗଲକୁ ବି ଛାଡିବାକୁ ପଡିବ । ମଣିଷମାନଙ୍କର ଏମିତି ଜବରଦଖଲ କରିବା ମନୋବୃତି ସତରେ ଭାରି ଖରାପ । ଏମିତି ଜବରଦଖଲ କରିବା କଣ ଠିକ୍ ହେଉଛି ?"

ତହୁଁ ସହରରୁ ଫେରିଥିବା ଏକ ମାଙ୍କଡ କହିଲା, "ଉହୁଁ.. ସେମିତି କୁହନି କାକା । ମଣିଷମାନେ ଶୁଣିଲେ ମନ ଦୁଃଖ କରିବେ । ଜାଣିଛ, ସେମାନଙ୍କ ଭାଷାରେ ଏହାକୁ ଜବରଦଖଲ କୁହାଯାଏ ନାହିଁ.. ସେମାନେ ତ ଏହାକୁ କହୁଛନ୍ତି ବିକାଶ ।"


ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧

ମୋ- ୭୯୭୮୮୬୦୩୬୩

## ସମୀକ୍ଷାୟନ...

# କବି ରତ୍ନାକରଙ୍କ କବିତା କାନ୍‌ଭାସ : ଯେଉଁଠି ଛାଇ ପାଲଟିଯାଏ ବେଲାଳସେନ (୫)



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଠିକ୍ ସେହିପରି ତା' ଭିତରେ ଥିବା ତଥାକଥିତ ବଡ଼ ଷ୍ଟାମାନେ ଦୁର୍ବଳ ମଣିଷ ମାନଙ୍କ ଉପରେ ଅତ୍ୟାଚାର କରି ଚାଲିଥା'ନ୍ତି। 'ଜୋର୍ ଯା'ର, ମୂଲକ ତା'ର' ନ୍ୟାୟରେ ସେମାନଙ୍କର ଲମ୍ବା ହାତ ଲମ୍ବିଯାଏ ଗାଁ ପଞ୍ଚାୟତରୁ ସଚିବାଳୟ ଯାଏ। କେବଳ ଏତିକି ନୁହେଁ, ସେମାନଙ୍କର ଲାଲ୍ ଆଖିର ଶାସନ, ପ୍ରଚଣ୍ଡ ପ୍ରଭୁତ୍ୱର ଦାଦାଗିରି ବ୍ୟତିବ୍ୟସ୍ତ କରିଦିଏ ଗାଁର ବ୍ୟବସ୍ଥିତ ଜୀବନଧାରାକୁ। ଧୂଳିମାଟିର ମଣିଷମାନଙ୍କ ବହୁମତ ବି ଅପାଂକ୍ତେୟ ଏବଂ ଅନାଦୃତ ହୋଇ ଯାଉଛି। ଜଣେ ସ୍ୱାଧୀନଚେତା କବି ଏହା ହିଁ ଲେଖିପାରେ। କାରଣ କବିଟିଏ ମଣିଷ ଜୀବନ ପ୍ରତି ସଶ୍ରଦ୍ଧ ଅଂଗୀକାରବଦ୍ଧ। ସାମୁଏଲ ବାଟ୍‌ଲର କହିଛନ୍ତି - Independence is essential for permanent value of literature. ପ୍ରତ୍ୟେକ ଶିଳ୍ପୀ ବୃହତ୍ତର ବିଶ୍ୱ ଜୀବନରୁ ଶିକ୍ଷ, ବୈଚିତ୍ର୍ୟମୟ ମାନବ ଜୀବନର ସାଧକ ଏବଂ ଅସୀମ ଶାଶ୍ୱତ ଜୀବନ ପଥରେ ତୀର୍ଥଯାତ୍ରୀ ଭାବେ ଦଣ୍ଡାୟମାନ ହୋଇ ରହିଥାଏ। ଅନ୍ୟତମ କବିତା 'ନରୋତ୍ତମ ଦାସ କହେ' ଗୋଟିଏ ଚରିତ୍ରର ଆତ୍ମଲିପି। ମାଟିର ମଣିଷ ସେ। କୃଷି ଉପରେ ନିର୍ଭର କରିଥାଏ ତା'ର ଜୀବନ ଓ ଜୀବିକା । ସବୁଜ ଛନଛନିଆ ଫସଲକୁ ନେଇ ଗାଁର କୃଷକ ସ୍ୱପ୍ନ ଦେଖେ। ବଳ ପାଏ ତା'ର। ନିଜ ଗୋଡ଼ରେ ଠିଆ ହୋଇ ପାରିବାର ଆସ୍ୱର୍ଦ୍ଧା ପୋଷଣ କରେ। ମାତ୍ର ଚାଷୀ କୁଳର ସ୍ୱପ୍ନରେ କ'ଣ ସପ୍ତରଂଗର ଇନ୍ଦ୍ରଧନୁ ସୃଷ୍ଟି ହୋଇଛି। ସୁଖ ସମୃଦ୍ଧିର ସଂସାର ଗଢ଼ିବାରେ ସଫଳ ହୋଇପାରିଛି ? ଆଜିର ଶିଳ୍ପାୟନ ଯୁଗରେ ଚାଷୀ ହୋଇଛି ଅବହେଳିତ ଏବଂ ଉପେକ୍ଷିତ। କୃଷକର ଆତ୍ମକଥନିକାକୁ ବୁଝିବା ପାଇଁ କେହିବି ପ୍ରୟାସ କରି ନାହାନ୍ତି। ସେ ସମାଜ ସେବକ ହୁଅନ୍ତୁ ବା ଆମ ସରକାର ହୁଅନ୍ତୁ। ଏସବୁ ସତ୍ତ୍ୱେ ଉପାୟଶୂନ୍ୟ ହୁଏ କୃଷକ। ଋଣଭାରରେ ବୁଡ଼ି ମରିବା ଅପେକ୍ଷା ବିଷ ପାନ କରି ଆତ୍ମହତ୍ୟା କରିବାକୁ ପସନ୍ଦ କରେ। ଏମିତି ଅନେକ ହୃଦୟ ବିଦାରକ କାହାଣୀ ଦେଖିବାକୁ ମିଳୁଛି ଏ ସମାଜରେ। କବିଙ୍କ ବିଚ୍ଚର୍ଯ୍ୟ କବିତାରେ ବାବୁଲି ରାଉତ ସମଗ୍ର ଚାଷୀ କୁଳର ପ୍ରତିନିଧିତ୍ୱ କରିଛି। ଶସ୍ୟ କ୍ଷେତରେ ଯେଉଁ ଦୃଶ୍ୟ ସେ ଦେଖିଛି, ସେଥିରେ ବିଚଳିତ ହୋଇଯାଇଛି ସେ। ଆଶା ଆଶାରେ ମରିଛି। ପାଦତଳର ମାଟି ଖସିଛି। ଜୀବନ ପ୍ରତି ଦେଖା ଦେଇଛି ବୀତସ୍ପୃହ ଭାବ। ଫସଲ ଉଜୁଡ଼ି ଗଲା। ଧାର କରଜ କରି ସାର ବୁଣିଥିଲା। କିନ୍ତୁ ? ନଇବଢ଼ି ସବୁ ଧୋଇ ଦେଲା। ଏମିତି ଦୃଶ୍ୟ ଦେଖି ବାବୁଲି ରାଉତ କ'ଣ ଧୈର୍ଯ୍ୟ ଧରି ରହି ପାରନ୍ତା ! ବାଧ ହୋଇ ମୃତ୍ୟୁର ରାସ୍ତାକୁ ବାଛି ନେଇଛି, ଫଲିଡ଼ଲ ପାନ କରି। ଗାଁ ମାଟିରେ ସେ ଥିଲା ଏକମାତ୍ର ଭଲ ଚାଷୀ। ଛ' କୁଟୁମ୍ବ ସହ ଆନନ୍ଦରେ ଜୀବିକା ନିର୍ବାହ କରୁଥିଲା ସେ। ତା'ର ମୃତ୍ୟୁଜନିତ ସମ୍ବାଦ ଖବରକାଗଜ ପୃଷ୍ଠାରେ ପ୍ରକାଶ ପାଇଲା। ମାତ୍ର ତା'ର ମୃତ୍ୟୁ ଭିନ୍ନମୋଡ଼ ନେଲା ରାଜନୀତିର ପଶାଖେଳରେ। ସେ ଋଣ ପାଇଁ ମରିନାହିଁ ବରଂ ପାରିବାରିକ କନ୍ଦଳରୁ ଆତ୍ମହତ୍ୟା କରିଛି ବୋଲି ରିପୋର୍ଟ ପ୍ରକାଶ କଲେ ସର୍କାର। ସେଥିପାଇଁ କବି କହନ୍ତି - "ରାବଣ କି ରାମ ଯିଏ ରାଜା ହେଉ ଚାଷୀକୁଳ ସବୁକାଳେ ହୀନସ୍ଥା।" ନରୋତ୍ତମ ଦାସ ଏକ ନିମିତ୍ତ ମାତ୍ର। କବି କିନ୍ତୁ ନରୋତ୍ତମ ଦାସଙ୍କ କଣ୍ଠରେ ଚିତ୍କାର କରି କହିବୁଲିଛନ୍ତି। ସମସ୍ତେ ଶୁଣନ୍ତି କିନ୍ତୁ ଚ୍ଚୁ' ନଥାଏ କାହାର ପାଟି ଖୋଲିବା ପାଇଁ।

କବି ସ୍ୱପ୍ନ ଦେଖେ। ନିଜ ପାଇଁ ନୁହେଁ, ବରଂ ସମାଜ କଲ୍ୟାଣ ପାଇଁ। ଯଦି ସମସ୍ତଙ୍କ ପ୍ରଚେଷ୍ଟାରେ କଣ୍ଟକିତ ପଥରେ ଫୁଟିଯାଏ ଫୁଲ, ଫଳିଯାଏ ଅଭିଳଷିତ ଫଳ ତେବେ, କାହିଁକି ନବୁଝିବ ଦୁଃଖ ଓ ଯାତନା ସମସ୍ତଙ୍କର ସହଯୋଗରେ। ଯଦି ସଭିଏଁ ସ୍ୱାର୍ଥ ତ୍ୟାଗ କରନ୍ତି, ତେବେ ସେଇଟି ଝରିଯା'ନ୍ତା ପ୍ରଶାନ୍ତିର ଝର। ବାରୁଦ ଗନ୍ଧ ବଦଳରେ ଗଙ୍ଗଶିଉଳି ଫୁଲରେ ବିଚ୍ଛୁରିତ ହୁଅନ୍ତା ମଉଆଲା ସୁରଭି। ଧୂପ, ଦୀପ, ଅଗୁରୁ ବାସ୍ନାରେ ମହକିତ ହୋଇ ଉଠନ୍ତା ସମସ୍ତଙ୍କ ପ୍ରାଣ। ଏଇମିତି ଏକ ସମାଜର ପରିକଳ୍ପନା କରିଛନ୍ତି କବି ରାଉତ। Service to mankind is service to God ଆଦର୍ଶରେ ଜୀବନ ବିତାଇ ପାରିଲେ ଯେ, ସତ୍ୟଶିବ- ସୁନ୍ଦରର ପୃଥିବୀ ପ୍ରତିଷ୍ଠା ହୋଇପାରିବ, ଏମିତି ଏକ ଆଶା ଓ ବିଶ୍ୱାସ ରଖିଛନ୍ତି 'କେମିତି ହୁଅନ୍ତା' କବିତାରେ। 'ସମୟର ମାନଚିତ୍ର' କବିଙ୍କ ଅର୍ଥପୂର୍ଣ୍ଣ ଜୀବନର ନିଗୂଢ଼ ଦର୍ଶନ। ସେଠି ଜୀବନ ହେଉ ବା ଜୀବନର କୌଣସି ନୂତନ ମୂଲ୍ୟବୋଧ ହେଉ, ପ୍ରତ୍ୟେକ ନିଜ ନିଜର ଅମୃତ ସ୍ୱରରୁ ଖସି ଆସି ସମୟ ଭିତରେ ହଜିଯା'ନ୍ତି। ସେଇଥି ପାଇଁ ସମୟ ଚାକି ପାଖରେ ପାଲଟି ଯାଇଛି ଫୁଲପରା ଶାଢ଼ୀ। ସେଇ ଶାଢ଼ୀ ସମୟ ଦେହରେ ଏମିତି ଆଚ୍ଛାଦିତ କରିଛି ଯେ ଓଡ଼ଣୀ ଅବାଦ କାଦୁଅ ଝିଅଟିଏ ସତେ ଯେପରି ବାହାବେରୀ ଉପରକୁ ବାରୟାର ଆସୁଚି। ସମୟ ଏକ ହରଙ୍ଗୀ ପବନରେ ଉଡ଼ିଛି ଦୂରକୁ ବହୁଦୂରକୁ। ବେଳେବେଳେ ସମୟ ସୁଅରେ ରାଜାରାଣୀ ବୁଢ଼ୀ ଅସୁରୁଣୀ ଗପ ଶୁଣିଶୁଣି ଚୁପିଚୁପି ବାଆ ସମସ୍ତଙ୍କୁ ଛୁଇଁଯାଏ। ବଦଳେ ସମୟ। ବଦଳେ ଋତୁ। ରଂଗ ଲାଗେ ଦେହରେ। ଫୁଲ ଫୁଟେ ବଗିଚ୍ଚରେ। ପ୍ରଜାପତି ଖେଳେ। ମଳୟ ବହେ। ତଥାପି ବି ସମୟ ସମୟରେ ସମୟର ମାନଚିତ୍ର ବଦଳେ। କାହାଣୀ କାହାଣୀ ପରି ଲାଗେ ଅତୀତ। ବିସ୍ତୀର୍ଣ୍ଣ ମାଟିର ବୁକୁ ଅଣ୍ଡାଳି ଅଣ୍ଡାଳି ମଣିଷ ଖୋଜେ ନିଜ ଠିକଣା। ଏକ ମୋହ ମାୟା ଭରା ଜୀବନ ଜୀଇଁବାକୁ ଚାହେଁ। କାରଣ ଏକ ସୁନ୍ଦର ଜୀବନକୁ କିଏ ବା ହାତଛଡ଼ା କରିବ ?

ଏଇଠି କବି ଆଶାବାଦୀ ହୋଇଛନ୍ତି ଠିକ୍ ରବୀନ୍ଦ୍ର ଠାକୁରଙ୍କ ପରି 'ମରିତେ ଚାଇନା ଆମି'। ମନେହୁଏ କବି ରାଉତ ଅମୃତ ସୃଷ୍ଟି ପାଖରୁ ଦୂରେଇବାକୁ ଚାହିଁନାହାନ୍ତି। କବିଙ୍କ ଅନ୍ୟତମ କବିତା 'ପାଉଣା' ବାସ୍ତବ ଜୀବନର ଏକ ସୁନ୍ଦର ପରିଭାଷା। କବିତାଟି ଆରମ୍ଭ ହୋଇଛି ନେଉଳ ଛୁଆଠାରୁ। ସୁନୟନା ଏବଂ ନେଉଳ ଛୁଆର ସଂପର୍କ ପୁଣି ସେଇ ସଂପର୍କ ଭିତରେ ବିଭେଦର ପାଚେରୀ କବିତାଟିକୁ ଭିନ୍ନମୋଡ଼ ଦେଇଛି। ଯେଉଁଦିନ ପଡ଼ିଶା ଘରର କୁକୁଡ଼ା ଛୁଆ ହଜିଗଲା କେଉଁଠି। ପିଂଜରାରେ ଥିବା ମାଈ ନେଉଳ ଆଉ ଫେରିଲାନାହିଁ। ପୁରୁଷ ନେଉଳଟି ଖିଆପିଆ ଛାଡ଼ିଦେଲା। ଦୁଃଖରେ ଶଯ୍ୟାଶାୟୀ ହେଲା ସେ। କବିଙ୍କ କାବ୍ୟପୁରୁଷ କେବଳ ମଣିଷମାନଙ୍କ ପ୍ରତି ନୁହେଁ; ବରଂ ଇତର ପ୍ରାଣୀ ପ୍ରତି ସମ୍ବେଦନଶୀଳ ହୋଇଛି।

କବି କବିତାର ସାମ୍ରାଜ୍ୟରେ କେବଳ ମଣିଷର କଥା କହିନାହାନ୍ତି, କହିଛନ୍ତି ଅଶରୀର କଥା। କହିଛନ୍ତି ଜୀବକବଗତର କଥା ପୁଣି କେଉଁଠି ତନ୍ତ୍ରମନ୍ତ୍ରର କଥା। ସେଇଥି ପାଇଁ ନିର୍ଜିତ ପାଖୁଲିପରେ ହଜି ଯାଇଥିବା ସୃଷ୍ଟିକୁ ଲିପିବଦ୍ଧ କରିଛନ୍ତି। ଶଗଡ଼, ପାଲିକି, ଘୋଡ଼ାଗାଡ଼ି ତାଙ୍କ ପିଲାଦିନର ବିତିଥିବା ପ୍ରତିଟି ମୁହୂର୍ତ୍ତ ମନେପଡ଼ିଯାଉଛି। ଜୀବନର କେତେ ଉତ୍ଥାନ ପତନ ଦୁଃଖ, ସୁଖ, ମଣିଷମାନଙ୍କର ହିଂସ୍ରତା, ପ୍ରକୃତି ଉପରେ ଅତ୍ୟାଚାର ପ୍ରଭୃତି ଘଟଣା ତାଙ୍କୁ ବ୍ୟଥିତ କରିଛି। କବି ମୁକ୍ତ ଆକାଶରେ ବିଚରଣ କରିବା ପାଇଁ ଭଲ ପାଉଛନ୍ତି। ଯେଉଁ ବ୍ୟକ୍ତି ସ୍ୱାଧୀନ ହେବାକୁ ଭଲପାଏ, ସେ ବା କିରି ଫଂଜୁରୀ ଭିତରେ ପକ୍ଷୀଟିଏ ହୋଇ ରହିବ ? ପକ୍ଷୀଟିଏ ମୁକ୍ତ ଆକାଶର ଛନ୍ଦ ଯା'ର ପାଦରେ, ଯିଏ ମେଘଭର୍ତ୍ତି ଆକାଶ ତଳେ ଉଡ଼ିବାକୁ ଭଲପାଏ, ସେ କିପରି ଆବଦ୍ଧ ପଂଜୁରୀରେ ହସର ଫୁଲ ଫୁଟାଇବ। ସୁତରାଂ ପିଂଜରାବଦ୍ଧ ପକ୍ଷୀ ତା'ରି ଭିତରେ କରୁଥାଏ ଅସ୍ଥିର ପରିକ୍ରମା। ପକ୍ଷୀଟିର କରୁଣ ବିଳାପ କାହାରି କାନରେ ପଡ଼େନାହିଁ। ତା'ର ପ୍ରତିଟି ସ୍ୱର ଶୂନ୍ୟରୁ ମହାଶୂନ୍ୟ ପର୍ଯ୍ୟନ୍ତ ପ୍ରତିଧ୍ୱନି ସୃଷ୍ଟି କରି ପୁଣି ମିଳାଇ ଯାଏ। ଠିକ୍ ସେହିପରି ମଣିଷ ଆଜି ପରାଧୀନ। ଯେତେ ଶବ୍ଦ କଲେ ବି କର୍ଣ୍ଣପାତ କରନ୍ତିନି କେହି। ସୁତରାଂ କବି କଣ୍ଠ ତୋଳିଛି - "ଫୁଲ ପରି କୋମଳ ହୋଇପାରେ କେବେ କ'ଣ ବନ୍ଧନର ଜୀବନ।" (ପୃ: ୧୩୨)

ଏଇ ବନ୍ଧନ ଜୀବନ ଭିତରୁ କବି 'ଘୋଡ଼ା' ଆଡ଼କୁ ମୁହାଁଇଛନ୍ତି। ଘୋଡ଼ା ଶୌର୍ଯ୍ୟ ଏବଂ ଶକ୍ତିର ପ୍ରତୀକ। ସୃଷ୍ଟିକର୍ତ୍ତା ଈଶ୍ୱର ତାଙ୍କ ସୃଷ୍ଟିରେ ବିଚିତ୍ର ଖେଳ ଖେଳିଛନ୍ତି। ଜାଣିଶୁଣି ବୋଧହୁଏ ଘୋଡ଼ାକୁ ଶିଂଗ ଦେଇ ନାହାନ୍ତି। ଯଦି ଘୋଡ଼ା ପାଖରେ ଏମିତି ଦୁଇଟି ଶିଂଗ ଖଂଜା ଯାଇଥା'ନ୍ତା, ତେବେ କ୍ଷିପ୍ର ଗତିରେ ଦୌଡ଼ୁଥିବା ଘୋଡ଼ା ସାମ୍ନାକୁ ଯିବା ପାଇଁ କେହି ସାହସ କରନ୍ତେ ନାହିଁ। ସେଥି ପାଇଁ ମାଲିକ ତା' ମୁହଁରେ ବାନ୍ଧିଦିଏ ଦାନାର ତୋବଡ଼ା। କାରଣ ମାଲିକକୁ ଜଣାଥାଏ, ଘୋଡ଼ା ହେଉଛି ଦ୍ରୁତବେଗରେ ଧାଉଁଥିବା ଏକ ଶକ୍ତିଶାଳୀ ପ୍ରାଣୀ। କେଉଁ ମୁହୂର୍ତ୍ତରେ କିଛିବି ଅଘଟଣ ଘଟାଇପାରେ। ଠିକ୍ ସେହିପରି ସାଂପ୍ରତିକ ଯୁଗର ଯୁବକମାନଙ୍କ ଅଧିକାରକୁ ଛଡ଼ାଇ ନିଆଯାଉଛି। ସେମାନଙ୍କର ସ୍ୱତନ୍ତ୍ରତା ଉପରେ ଜୁଲୁମ୍ କରାଯାଉଛି। ଯେଉଁମାନଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରୁଛି, ସେମାନଙ୍କ ମୁହଁରେ ପ୍ରଶାସନ ତାଲା ପକାଉଛନ୍ତି। ଫଳରେ ବାକ୍ ସ୍ୱାଧୀନତା ହରାଇ ବସୁଛନ୍ତି ସେମାନେ। କବି ଏକ ଅବସୋସ ହୃଦୟରେ ଆତୁରତାର ସହ କହିଛନ୍ତି "ଭବିଷ୍ୟତ ହିଁ କହିବ / କିଏ କେତେ ଘୋଡ଼ାଙ୍କର / ମାଲିକ ସାଜି ଶାସନ ଦଣ୍ଡ ହାତକୁ ନେଉଛି / କାରଣ ଏବେ ଯାହାର ଯେତେ ଘୋଡ଼ା / ତା'ର ଦାମ ବଜାରରେ ସେତେ ଚଢ଼ା।" (ପୃ: ୧୩୫) କବିଙ୍କର ଶାଣିତ ବ୍ୟଙ୍ଗ ନିଶ୍ଚିତ ଭାବେ ପ୍ରତ୍ୟେକଙ୍କର ଆଖି ଖୋଲିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ।

୧୩୬ ପୃଷ୍ଠାରେ 'ତୁମେ ଯିବା ପରେ' ପରବର୍ତ୍ତୀ ଦୃଶ୍ୟ ଆଙ୍କିଛନ୍ତି କବିତାର କାନ୍‌ଭାସରେ। 'ତୁମେ' ଏକ ସର୍ବନାମ ପଦ। ଏହି ସର୍ବନାମକୁ କେନ୍ଦ୍ର କରି ସେ କହିଛନ୍ତି - "ତୁମେ ନାହଁ, ମେଘ ନାହିଁ, ନେତାଙ୍କ ପ୍ରତିଶ୍ରୁତି ପାଳନ ପରି / ତୁମ ଫେରିବାର ତାରିଖ ଗଡ଼ିଚାଲିଛି / ଆଜି ମେଘ ଭର୍ତ୍ତି ଆକାଶକୁ ଦେଖି ମୋର ଖୁସିର ସୀମା ନାହିଁ।" ଆଖି ବୁଜି ବର୍ଷାର ଟୋପାରେ କବି ପୁଲକିତ ହୋଇଛନ୍ତି। ଏଠାରେ 'ତୁମେ' ହୁଏ ତାଙ୍କ କାବ୍ୟନାୟିକା। ହୋଇପାରେ ମୟୂର ସହ ବର୍ଷାର ସଂପର୍କ ଯେମିତି ଠିକ୍ ତାଙ୍କ କାବ୍ୟନାୟିକା ସହ କବିଙ୍କର ସଂପର୍କ ଯୋଡ଼ି ହୋଇଯାଇଛି। ବର୍ଷାଭିଜା ଆକାଶର ଛାତ ତଳେ ଦୁଇଟି ବେଙ୍ଗ ପରସ୍ପର ନିବିଡ଼ ଆଶ୍ଳେଷରେ ଲିପ୍ତ ଥିବା ବେଳେ କବିଙ୍କ ତମାମ୍ ଶରୀରରେ ଏକ ଅଦୃଶ୍ୟ ଶିହରଣ ସୃଷ୍ଟି ହୋଇଛି। ସମୟ ବିତିଲା। ଆଲିଂଗନବଦ୍ଧ ବେଙ୍ଗଙ୍କର ରତି ସରିଲା। ଏମିତି ଏକ ମୁହୂର୍ତ୍ତରେ କବିଙ୍କ ଗାଲରେ ପ୍ରଜାପତିଟିଏ ବସିଚି। ତା'ର ମୁଲାୟମ ଡେଣାର ସ୍ପର୍ଶରେ କବିଙ୍କ ରୋମାଣ୍ଟିକ୍ ମନରେ ଏକ ଭାବତରଙ୍ଗ ସୃଷ୍ଟି ହୋଇଛି। ମାତ୍ର କବିତାଟି ଶେଷ କଲାବେଳକୁ କବିଙ୍କ ସରୀସୃପୀୟ ଭାବନା କବିତାର ଅନ୍ତଃସ୍ରୋତରେ ଅନ୍ତରାୟ ସୃଷ୍ଟି କରିଛି। ଯେମିତିକା "ଛାଇନିଦ ଲାଗିଯାଇଛି କେତେବେଳେ ମୋ ଅଜାଣତେ / ସ୍ୱପ୍ନ କି ସତ୍ୟ ମୁଁ ଜାଣେନା / ମୋତେ ଲାଗିଲା / ଗୋଟେ ସୁନା ରଂଗର ସାପ ଗୋଡ଼େଇଯାଇ / ମୋ ସାରା ଦେହରେ ଚୋଟ ଉପରେ ଚୋଟ ମାରି ଚାଲିଛି।" (ପୃ: ୧୩୮)

ଏମିତି ଏକ ଅପାସୋରା ମଧୁର ମୁହୂର୍ତ୍ତକୁ ସାଉଁଟୁ ସାଉଁଟୁ ନିଜର ସତ୍ତା ହରାଇଛନ୍ତି କବି।

ସରୀସୃପୀୟ ଚେତନାରେ କାମନାର ଅବଦମିତ ଇଚ୍ଛା ସତେ ଯେପରି କବିଙ୍କ ଉପରେ ଛାଇ ହୋଇଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ 'ଡର' ଶବ୍ଦ ଉପରେ କବି ତର୍ଜମା କରିଛନ୍ତି। ମଣିଷର ଅବଚେତନ ମନରେ ଥାଏ ଡର, ଥାଏ ଭୟ। ନିତି ପ୍ରତିଦିନ ଭୂତ, ପ୍ରେତ, ପିଶାଚ, ସାଧକ, ତାନ୍ତ୍ରିକ, ଗୁଣିଆ ମନ୍ତ୍ରତନ୍ତ୍ର ବିଷୟରେ ଅନେକ କାହାଣୀ ଶୁଣନ୍ତି କବି। କେଉଁ ଅତୃପ୍ତ ଆତ୍ମାର ଖେଳ ଉପରେ ଅଂକୁଶ ଲଗାଇବା ପାଇଁ ମନ୍ତ୍ରତନ୍ତ୍ରର ଆବଶ୍ୟକତା ପଡ଼ିଛି। ସମାଜ ଭିତରେ ଏଇମିତି ଅନେକ ଅନ୍ଧବିଶ୍ୱାସର ପରଂପରା ଚିରାଚରିତ ଚାଲିଛି। କବି କିନ୍ତୁ ଏହାର ପକ୍ଷପାତି ନୁହଁନ୍ତି। ଅନେକ କଥା ଶୁଣିଛନ୍ତି ସେ। କେଉଁଠି ଜ୍ୱର ହୋଇଥିବା ପାଂଚ ବର୍ଷର ପୁଅଠାରୁ ତନ୍ତ୍ରର କରାମତିରେ ଅତୃପ୍ତ ଆତ୍ମା ଅପସରି ଯାଇଛି ତ; ପୁଣି କେଉଁଠି ସାଧକ ଏବଂ ତାନ୍ତ୍ରିକର ମନଗଢ଼ା ମନ୍ତ୍ରର ଉଚ୍ଚାରିତ ସ୍ୱରରେ ଗାଁର ସାଧାରଣ ମଣିଷ ବୁଡ଼ି ରହିଛନ୍ତି। ଏଇମିତି ଅନେକ ଦୃଶ୍ୟ ଦୃଶ୍ୟାନ୍ତର କବି ଦେଖିଛନ୍ତି ବାରମ୍ବାର। ତାଙ୍କର ଅନ୍ତରଆତ୍ମା ବିଳାପ କରିଛି। ମଣିଷ ସୃଷ୍ଟ ଅନ୍ଧବିଶ୍ୱାସର ଅବସାନ ପାଇଁ କବି ପ୍ରୟାସ କରିଛନ୍ତି। ହୁଏତ ଏଇଥି ।ଇଁ କବି କଣ୍ଠର ସ୍ୱୀକାରୋକ୍ତି - "ସବୁ ଅଘଟଣ ସେହି କୁଚକ୍ରୀଙ୍କ ଖେଳ / ସେମାନେ ଦେଖି ସହି ପାରିଲେ ନାହିଁ ମୋ ପୁଅ ଶିରୀ / ତେଣୁ ଲାଗି ପଡ଼ିଛନ୍ତି ନି ।ତ କରିଦେବାକୁ ସବଂଶ।" (ପୃ: ୧୪୧) (କ୍ରମଶଃ)



ଡ. ରାଧାରଂଜନ ପଟ୍ଟନାୟକ୍
କାଦ୍ରାବାଦ, ସୁନହଟ, ବାଲେଶ୍ୱର,
ମୋ: ୯୪୩୮୨୯୦୦୭୨

---

## ସମୀକ୍ଷାୟନ...

# ନାଂଦନିକ ଅନୁଭବ : ରଫ୍‌ଖାତାର ଚିତ୍ର



ନକୁଳ ଚଂଦ୍ର ସାହୁ

(ଏକ)

ଇଂଲଣ୍ଡର ଏକ-

ପ୍ଲେ ସ୍କୁଲ । ଶିକ୍ଷୟିତ୍ରୀ ଘୋଷଣା କଲେ ଖେଳ ବିରତି । ଶିଶୁମାନେ ଖୁସିରେ କୋଳାହଳ କରି ଚାଲିଗଲେ କକ୍ଷ ବାହାରକୁ । ମାତ୍ର ମଝିରେ ବସିଥିବା ଜଣେ ଶିଶୁ କୁଆଡ଼କୁ ନ ଯାଇ ତା' ପେନ୍‌ସିଲ୍ ଓ ଖାତାଟି ସହିତ ଥିଲା ବ୍ୟସ୍ତ । କ'ଣ ସେ କରୁଛି ଏବଂ କାହିଁକି ବାହାରକୁ ଖେଳିବାକୁ ସେ ଯାଉନାହିଁ, ଲକ୍ଷ୍ୟ କରି ଶିକ୍ଷୟିତ୍ରୀ ତା' ପାଖକୁ ଯାଇ କଲେ ନିରୀକ୍ଷଣ ।

: ହ୍ୱାଟ ୟୁ ଆର ଡୁଇଂ ଓମେଭ୍ ? କଲେ ପ୍ରଶ୍ନ । ଶିଶୁଟିର ନାମ ଓମେଭ୍ । ସେ ସ୍ମିତ ହସରେ ଫାଟି ପଡୁଥାଏ, ମାତ୍ର ତା' ହାତର ପେନ୍‌ସିଲ ଫର୍ଦ୍ଦ ସାରା ଅନାବନା ଗାର ଭର୍ତ୍ତି, ଟାଣି ଚାଲିଥାଏ ରେଖାର ଦୃଶ୍ୟ ।

: କ'ଣ ତୁମେ ଆଙ୍କୁଛ ? ମାଇଁ ଚାଇଲ୍ଡ, ଏଗୁଡ଼ା ଅନାବନା ଗାର ନୁହେଁ, ଏଗୁଡ଼ା ଜୀବନ ! ଏବେ ତୁମେ ଜାଣି ପାରିବନି, ବଡ଼ ହେଲେ ଜାଣିବ ! ଏଗୁଡ଼ାକ କଂଟା ଜୀବନ ! କୁଆଡକୁ କେମିତି ଟାଣି ହୋଇ ଯାଉଛି ?

ଏହା ଲେଖିଛନ୍ତି ବିଂଶ ଶତକର ଜଣେ ପ୍ରସିଦ୍ଧ ଇଂଲିଶ୍ ଔପନ୍ୟାସିକ ବେନ୍ ଓକ୍ରୀ । ତାଙ୍କ ଉପନ୍ୟାସର ଶୀର୍ଷକ 'ଡେଂଜରିୟସ୍ ଲଭ୍' ।

ଦାର୍ଶନିକ ରଜନୀଶ କହନ୍ତି, ବୁକ୍ସ ଆର୍ ପାର୍ଟ ଅଫ୍ ଲାଇଫ୍ । ସେହିମାନଙ୍କ ପାଇଁ ବହି ମୂଲ୍ୟବାନ, ଦୋଜ୍ ହୁ ନୋ ହାଓ ଟୁ ଏଣ୍ଟର୍ ଇନ୍ ଟୁ ଲାଇଫ୍ ଏଣ୍ଡ୍ ଏକଜିଷ୍ଟେନ୍ସ !

ଅରୁନ୍ଧତୀ ସୁବ୍ରମଣିୟମ୍ ଲେଖିଛନ୍ତି, Art was the only place in which it seemed koner to wander about the meaning of life. ପ୍ରତ୍ୟେକ ସ୍ଥଳରେ ଜୀବନ ପ୍ରକ୍ରିୟାର ପ୍ରଶ୍ନ ମନେ ହୁଏ ଜଟିଳ କିଂବା ସାମାଜିକ ନିଷେଧ ! ଏହି ଭଳି ଗୋଟିଏ ପ୍ରଜ୍ଞାପୂର୍ଣ୍ଣ ନାଂଦନିକ ଭୂମିରେ ଜଣେ ଶବ୍ଦ ଶିଳ୍ପୀ ପ୍ରକାଶିତ କରିଛନ୍ତି ତାଙ୍କର ଅର୍ଥପୂର୍ଣ୍ଣ ଜୀବନର ଅର୍ଥ । ବହିଟିର ଶୀର୍ଷକ: **ରଫ୍‌ଖାତାର ଚିତ୍ର** । ବହିଟିର ଗଦ୍ୟ ସଜୀବ, ସରସ, ସହୃଦୟତା ଆକ୍ରାନ୍ତ, ଶାଣିତ ଓ ସ୍ୱଚ୍ଛ । ଭାବ ପ୍ରସନ୍ନୋଜ୍ଜ୍ୱଳ । ବହିଟି ସଦା ପ୍ରୀତିକର ଓ ବୈଦଗ୍ଧ୍ୟ ପ୍ରଫୁଲ୍ଲ ।

(ଦୁଇ)

"The moutain and the sea in a picture by juan gris," william says, "are not the mountain and the sea but a painting of the mountain and the sea."

-Octavio paz, On poet and others, page-17

'ରଫ୍‌ଖାତାର ଚିତ୍ର' ସଦ୍ୟ ପ୍ରକାଶିତ ସୈରିନ୍ଧ୍ରୀ ସାହୁଙ୍କ ଏକତ୍ରିଶଟି ସ୍ୱଚ୍ଛ, ସୂକ୍ଷ୍ମ ଓ ସୁଷମିତ ଗପ । ବରଂ ଏଗୁଡ଼ିକ ଅଙ୍କଖାତାର ଚିତ୍ର ! ଯେଣୁ ଜୀବନ ଏକ ଗଣିତ । ଯେଉଁ ଜୀବନକୁ ସେ ଅଙ୍କନ କରିଛନ୍ତି, ତାଙ୍କ ଦୃଷ୍ଟିରେ ଜ୍ୟାମିତି, ସମକାଳକୁ ବ୍ୟବଚ୍ଛେଦ କରିଛି । ସମାଜର Anatomy ସଂପର୍କର sensualityରୁ ସେ କରିଛନ୍ତି । ତାଙ୍କ ଶବ୍ଦ କଳା ଖଡ୍‌ଗର ଧାର ହୋଇ ସାମାଜିକତାର ସୌର ରଶ୍ମିରୁ ଶାଣ ଖାଉଛି ! ତେବେ ସେ ଯାହା ଲେଖିଛନ୍ତି, ତାହା ଜୀବନ ନୁହେଁ ଗପ । ଗପ କଳା, ଲୋକପ୍ରିୟ ଶବ୍ଦ କଳା । ନିଜ ଅନୁଭୂତି ଓ ଅନୁଭବକୁ ସେ Portrait କରି ତାହାର ଅଧ୍ୟୟନ କରିଛନ୍ତି ଉଇଦାଉଟ ଇନ୍ ଏ ଲୁକିଂ ଗ୍ଲାସ୍ ! ସେଗୁଡ଼ିକ ବାସ୍ତବିକ ଅବ୍‌ଜେକ୍ଟିଭିଟି ଦୃଷ୍ଟିରୁ ପ୍ରୋଫେଟସ୍ । ଯେଣୁ ସୈରିନ୍ଧ୍ରୀଙ୍କୁ ସ୍ଥାପତ୍ୟ ଗୀତିକ । ଯାହା ସିଏ ପୁନୋର୍ପ୍ରାଦିତ କରିଛନ୍ତି ତାହା ତାଙ୍କ ଅନ୍ତର୍ଅନୁଭୂତି । ସୀମାହୀନ ସାମାଜିକ ଘଟଣାମାନଙ୍କରୁ ବଛାବଛା କେତୋଟି ଦୃଷ୍ଟାନ୍ତ । ନିଜର ଆବଶ୍ୟକତା ଅନୁଯାୟୀ ସୈରିନ୍ଧ୍ରୀ ଚିତ୍ରଶିଳ୍ପୀ Labou Jadeଙ୍କ ପରି ଜଣେ ସେଲ୍ଫ-ମେଡ୍ ଆର୍ଟିଷ୍ଟ, ତେଣୁ ତାଙ୍କ ଶବ୍ଦ କଳାରେ ଖାଲି ସୁଷମା ନାହିଁ, ବରଂ ରହିଛି ରକ୍ତ ମାଂସ ! ସୃଜନଶୀଳତା ଓ ସୁଷମା ମଧ୍ୟରେ ସଂଯୋଗ ସେତୁ ସଂଗଠିତ ସାମାଜିକତାର ବାସ୍ତବତା ।

ଗପ ନୁହେଁ ଅଙ୍କ, ତାଙ୍କୁ ବୁଝାଇବା ଦରକାର ନଥାଏ । ଜୀବନ ଗଣିତ ଏବଂ ଗଳ୍ପର ଭିତ୍ତିଭୂମିରେ ରହିଛି ଜୀବନ । ସେହି ଜୀବନର ବହୁ ତଳକୁ କଳାର ସ୍କେଲ୍‌ରେ ମାପିଛନ୍ତି ସୈରିନ୍ଧ୍ରୀ । ଜୀବନ ଅନାବନା, ତେଣୁ ତାକୁ ରଫ୍‌ଖାତା ପ୍ରତୀକରେ ଅଙ୍କନ କରିଛନ୍ତି ଶିଳ୍ପୀ । ଜୀବନକୁ ସଜଡ଼ା ଯାଇ ହେବ, ସୁଂଦର କରି ହେବ, ଗପଗୁଡ଼ିକରେ ସଂଭାବନା ରଖା ଯାଇଛି । ଜୀବନ ସ୍ୱାଭାବିକ । ଆଧୁନିକ ମଣିଷ ତାହାକୁ ବିକୃତ କରି ଦେଉଛି । ଭୋଗୁଛି ଯାତନା । ଜୀବନ ଲାଗୁଛି ପିତା । ଗାଳ୍ପିକା କରିଛନ୍ତି ତାଙ୍କ ଶବ୍ଦ କଳାରେ ତାହାର ବିଶ୍ଳେଷଣ । 'ରଫ୍‌ଖାତାର ଚିତ୍ର' ତାଙ୍କର ଶେଷ ଗଳ୍ପ । ମୁକ୍ତିର ଆନଂଦ' ତାଙ୍କର ଆରମ୍ଭ ଶିଳ୍ପ । ଗଳ୍ପର କେଂଦ୍ରରେ ଗୋଟିଏ 'ଶୁଆ' ! ସଦାନଂଦ ଓ ତାଙ୍କ ପତ୍ନୀ ପାର୍ଶ୍ୱ ଚରିତ୍ର । ଗଳ୍ପ ବୟାନ କରିଛନ୍ତି ପ୍ରଚ୍ଛନ୍ନ ଚରିତ୍ର ହୋଇ ନିଜେ ଗାଳ୍ପିକା । ସିଏ ଶୁଆଟିକୁ ଦେଖି ତା' ମୁକ୍ତିର ଆନଂଦ ବିଷୟରେ ଭାବୁ ଥିବା ବେଳେ ବାସ୍ତବରେ ଦିନେ ସୁଯୋଗ ଦେଖି ଶୁଆଟି ପଂଜୁରୀରୁ ବାହାରି ବିସ୍ତୃତ ନୀଳ ଆକାଶ କୋଳରେ ହଜି ଯାଇଛି । ସଦାନନ୍ଦଙ୍କ କଣ୍ଠ ଭାରି ଭାରି । ପ୍ରଶ୍ନଚିହ୍ନଟିଏ କରୁଣ ରସର କାଳିରେ ଫୁଟି ଉଠିଛି; କେମିତି ଭୁଲିଗଲା ପକ୍ଷୀଟି ସେମାନଙ୍କର ଏତେ ଭଲ ପାଇବା ?

କ୍ଷୁଦ୍ରଗଳ୍ପ ଏକ ରସ ଘନ ସୂକ୍ଷ୍ମ କଳା । ଭାବରେ ରହିଛି ଏହାର ଦୀପ୍ତି । ଏହା ସୃଷ୍ଟି କରିଛି ସମ୍ମୋହନ । ସୈରିନ୍ଧ୍ରୀଙ୍କ ଗପ ମନୁଷ୍ୟର ବହୁବିଧ ଅନୁଭୂତିର ରସ-ରୂପାୟନ । ଏଥିରେ ଅଛି ବ୍ୟଂଜନାର ଚମତ୍କାରିତା, ଭାବରେ ତୀବ୍ରତା ଓ ଗଭୀର ଅନ୍ତର୍ଦୃଷ୍ଟି । ଗଳ୍ପ ଏକ ବହିଃ ସଂଗଠନ । ଏକକ 'ମୁଁ'ର ଏହା ବନ୍ଧନ । ଗଳ୍ପର ବହିର୍ଜଗତ ତାହାର ଅନ୍ତଃରୀଣ ଜଗତଠାରୁ ନୁହେଁ ଅଲଗା । ଘଟଣା ପ୍ରବାହ ଅନ୍ତଃରୀଣ ଜଗତକୁ ପ୍ରଭାବିତ କରିଥିବା ହେତୁ ବହିର୍ଜଗତଟି ହୋଇଛି ସଂଗଠିତ ।

ତାଙ୍କର ଦ୍ୱିତୀୟ ଗପ 'ସେଇ ଗଛଟି' !

ସାର୍‌ତ୍ରେ ଚିତ୍ରଶିଳ୍ପୀ Giacometti ଙ୍କ ଇମାଜିନାରୀ ଏବଂ ଇନ୍‌ଭିଜିବ୍ଲ ସ୍ପେସ୍‌ର ଆଲୋଚନା କଲା ବେଳେ ଉଲ୍ଲେଖ କରିଛନ୍ତି ଏକ Absolute distance କଥା । Giacometti ଦଶପାଦ କିଂବା କୋଡ଼ିଏ ପାଦ ଦୂରତାଠାରୁ ଆଙ୍କିଛନ୍ତି ତାଙ୍କ ପ୍ରଥମ ସ୍ଥାପତ୍ୟ 'ମଣିଷ' । ମାତ୍ର ତିନି ପାଦ ଦୂରରୁ କଥିକ । ଅଙ୍କନ କରିଛନ୍ତି ତାଙ୍କ ସେଇ ଆମ୍ବଗଛର ସ୍ମୃତିକୁ । ଗୋଟେ ପଟେ ଶିଳ୍ପୀର ଇମୋସନ୍ ଏବଂ ବିପରୀତ ପାର୍ଶ୍ୱରେ ମହାକାଳର ଅବ୍‌ସୋଲୁଟ ନିୟମ ! ଘୋଷବାବୁ ଗଛଟା କଟାଇଦେଲେ । ତାପରେ ପାହାଚ ଚଢ଼ୀବା ପରି ଘଟିଚାଲିଲା କାଳର କରାଳ ଦସ୍ତଖତ । ଏକ ଭୟାନକ ପରିଣାମ । ମାତ୍ର ସତଚାଳିଶ ବର୍ଷ, ହଠାତ୍ ହୃଦଘାତରେ ଖସିଗଲେ ଘୋଷବାବୁ । ଗଛମୂଳ ଭୂମି କ୍ରୟ କରିଥିବା ବ୍ୟକ୍ତିଙ୍କ ହଠାତ୍ ଘଟିଛି ପିତୃ ବିୟୋଗ, ଯେଉଁଦିନ ସେ ଖୋଳିଛନ୍ତି ନିଅଁ । ଘର ଶୁଭଦିଆ ଦିନ ଭଦ୍ରବ୍ୟକ୍ତିଙ୍କ କନ୍ୟା ବ୍ରେନ୍ ମେଲେରିଆରେ ହୋଇଛନ୍ତି ଆକ୍ରାନ୍ତ । ଛାତ ପଡ଼ିବା ଦିନ ଭଦ୍ରଲୋକଙ୍କ ପତ୍ନୀ ଭାଡାରୁ ପଡ଼ି ଅଣ୍ଟା ଭାଙ୍ଗି ଯାଇଛି । ଏହା କ'ଣ ଅଶୁଭ ଜାଗା ? ବରଂ ଲୋକ କହିଛନ୍ତି ବୃକ୍ଷରେ ଥିବା ଅତୃପ୍ତ ଆତ୍ମା ବେଘର ହୋଇଯିବାରୁ ନେଇଛି ପ୍ରତିଶୋଧ । ଗଳ୍ପ ସରିଲା ବେଳକୁ କଥିକାଙ୍କୁ ଦିଶି ଯାଉଥିଲା ଅବିକଳ ବୃକ୍ଷର ରୂପ ଏବଂ ଶୁଣା ଯାଉଥିଲା ବୃକ୍ଷର ଗମ୍ଭୀର ଦୀର୍ଘଶ୍ୱାସ !

ଏଠାରେ କଥା ଜଗତର ଆକ୍ଟିଭିଟୀ ଭାବନାରେ ତାହାର ମାର୍ମିକ ପୃଥିବୀକୁ ବାଢ଼ିଛି । ଗୋଟିଏ ଅବ୍‌ସଲୁଟ ଡିଷ୍ଟାନ୍ସ ତାହାର ମୂଲ୍ୟବାନ ପ୍ରାରମ୍ଭର ସମାପ୍ତିରେ ପହଂଚିଛି । ଏହା ଏକ ଇକୋଲୋଜିକାଲ୍ ଗଳ୍ପ । ଅସୀମର ସ୍ତମ୍ଭରେ ସବୁ ଦୃଢ଼ ଥିବା ବେଳେ ମଣିଷର କୃତକର୍ମ ସମୟକୁ ଦୋହଲାଇ ଦେଇଛି ।

'ରଫ୍‌ଖାତାର ଚିତ୍ର'ର ପରବର୍ତ୍ତୀ ଗଳ୍ପ 'ଭଙ୍ଗା ବେହେଲା' । ସୈରିନ୍ଧ୍ରୀଙ୍କ ଗଳ୍ପ ବର୍ଣ୍ଣନାତ୍ମକ ଏବଂ ବର୍ଣ୍ଣନା ରୋଚକ । 'ୱାର୍ଡ ଟେଷ୍ଟ'ର ଚାରୁତା ଉପଲବ୍ଧି ପାଇଁ ଉପସ୍ଥାପିତ କରୁଛି ଏହି ବାକ୍ୟ ଦୁଇଟି । ବାକ୍ୟ ଦୁଇଟିରୁ ଅନୁଭବ କରିହେବ ସୈରିନ୍ଧ୍ରୀଙ୍କ ଅନୁଭବ ଓ ଅଭିବ୍ୟକ୍ତିର ଗଭୀରତା !

ତା' ଆଖିରେ ଉଜ୍ଜ୍ୱଳି ଉଠୁଥିଲା ଗୋଟେ ଚମକରେ, ସୂର୍ଯ୍ୟୋଦୟର ରଙ୍ଗ ପରି । ମୋତେ କିଂତୁ ଦିଶୁଥିଲା ସୂର୍ଯ୍ୟାସ୍ତ ଚିତ୍ର, ଯୋଉଠି ଶେଷ ଚଢ଼େଇଟି ବସିଥିଲା ଗୋଟେ ଥୁଣ୍ଟା ଡାଳରେ ଏବଂ ଆକାଶ ସାରା ଛାଇ ହୋଇ ଯାଇଥିଲା ଅମାବାସ୍ୟା ।

**(ଭଙ୍ଗା ବେହେଲା)**

'ଭଙ୍ଗା ବେହେଲା' ଏକ କଂକ୍ରିଟ ସିଂବଲ୍ ପ୍ରତିଫଳିତ କରିଛି ଗୋଟିଏ current social situation correctly । ସ୍ୱାଧୀନତା ପରବର୍ତ୍ତୀ ରାସ୍ତା ଭଟକା ଗଣତନ୍ତ୍ରର ବାସ୍ତବତା । ଜୀବନ ଓ ସଂସାର ଉଜୁଡ଼ି ଯିବାର ରାଜନୀତିର ଭେଳିକି ।

ଚିତ୍ରଶିଳ୍ପୀ Labou jade ଜାଣିଥିଲେ lyrical painting ସମ୍ଭବ, ଉଲ୍ଲେଖ କରିଛନ୍ତି ସାର୍‌ତ୍ରେ (Essays in Aesthetics, page 112) । ସୈରିନ୍ଧ୍ରୀ ଜାଣିଛନ୍ତି ଗଳ୍ପକୁ କେମିତି ଲିରିକାଲ୍ ପେଣ୍ଟିଂ ଦ୍ୱାରା ଅଭିବ୍ୟକ୍ତ କରିହେବ ! ତାହା ଏହି ଗଳ୍ପରେ ଘଟିଛି । କଥାଟିରେ ସେ ଯେଉଁ ଅର୍ଥଟିକୁ ପ୍ରକଟିତ କରାଇଛନ୍ତି ତାହା ତାଙ୍କ ନିର୍ମଳ Aim-setting । ଗପରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସଂପାଦିତ ହେବା ସହିତ ଶତକର ସଚେତନତା ହୋଇଛି କମ୍ୟୁନିକେବ୍ଲ ।

ଚିତ୍ରଶିଳ୍ପୀ Jacobo ନିଜ ସର୍ଜନା ଉପରେ ରଖିଛନ୍ତି ଗୋଟିଏ ମର୍ମସ୍ପର୍ଶୀ ବାକ୍ୟ, ଓ paint for myself, serve as my own witness? ସୈରିନ୍ଧ୍ରୀ ଯାହା ଲେଖିଛନ୍ତି ତାହା ତାଙ୍କ ପାଠକମାନଙ୍କ ପାଇଁ ଏବଂ ସେ କଥାର ଘଟଣାଟିର ଜଣେ ସାକ୍ଷୀ । ସାକ୍ଷୀ ବିଚାର କରି ନଥାଏ କିଛି; ସେ ଶବ୍‌ଦରେ ଆଙ୍କି ଯାଇଥାଏ ସବୁକିଛି । ଚିତ୍ରୀ Tintoretto ଉଲ୍ଲେଖ କରିଛନ୍ତି, କଳା କାଳକୁ ଚିରିଦିଏ ଯେମିତି ଏକ ଜ୍ୱଳନ୍ତ ଖଡ୍‌ଗ ପରି । ଠିକ୍ ସେମିତି ସୈରିନ୍ଧ୍ରୀ ଗଳ୍ପ-କଳା ସମୟର ବଳୟକୁ ଚିରି ଅନନ୍ତ ଭଣ୍ଡାର ଭିତରକୁ ଚାଲି ଯାଇଛି ।

ଇଟାକାନ୍ଥ ଚାରିପଟେ ଶିଳ୍ପୀ ଦେଖିଛନ୍ତି Well and good । ସିଏ ଚଏସ୍ କରିଛନ୍ତି ଦାଁ ଭିନ୍ସଙ୍କ ପରି 'ସ୍ମୃତିର ପାଦଚିହ୍ନ' ଏବଂ ତାହାକୁ ପିକାଶୋଙ୍କ ପରି ସତ୍ୟର ନୀଳବର୍ଣ୍ଣରେ କରିଛନ୍ତି ପରିବେଷଣ । କଥିକାଙ୍କ କଥା ଗୁଡ଼ିକ ଖଣ୍ଡେ ଖଣ୍ଡେ Slice of life, ସିଏ ତାକୁ ନ୍ୟାଚୁରାଲିଷ୍ଟ ବାଗରେ କରିଛନ୍ତି ପରିବେଷଣ ।

ପିକାଶୋ ପ୍ରତ୍ୟାଖ୍ୟାନ କରିଥିଲେ 'Cajoling beauty' । ସିଏ ଦ୍ୱିତୀୟ ମହାଯୁଦ୍ଧ ପରେ ଆରମ୍ଭ କରିଥିଲେ a New beginning ଏବଂ ତାଙ୍କ ଆର୍ଟ ବଦଳି ଥିଲା ଏବଂ ସେମିତି ବଦଳି ଥିଲା ବିଶ୍ୱ । ସବୁ ହୋଇଥିଲା ଅବାଗିଆ । ସେହି ଅବାଗିଆକୁ ପିକାଶୋଙ୍କ ତୂଳୀ କରିଥିଲା ଜୀବନ୍ତ । କିଛି ବର୍ଷ ତଳେ 'କଥା କାହାଣୀ' ଲେଖିଥିଲେ ମ୍ୟାଡମ୍ ସୈରିନ୍ଧ୍ରୀ ସାହୁ । ତାହା ପରେ ତାଙ୍କର ଏହା ଏକ ନୂଆ ସାମାଜିକ ବିସ୍ଫୋରଣ, ଯାହାକୁ ବହନ କରିଛି 'ରଫ୍‌ଖାତାର ଚିତ୍ର' ଚିତ୍ରାୟନ । ଆଁଦ୍ରେ ବ୍ରିଟୋନ୍ ଲେଖିଛନ୍ତି ପିକାଶୋଙ୍କ ବିସ୍ଫୋରିତ ଶୃଙ୍ଖଳା (Explosantefixe) ସମୀକ୍ଷା ।

କଥିକାଙ୍କ କଥାର ଆରମ୍ଭ ଯେମିତି 'ହଠାତ୍' ଉପସଂହାର ସେମିତି ଚମକପ୍ରଦ । ଏହା ସୈରିନ୍ଧ୍ରୀଙ୍କ ଶୈଳୀର ବୈଶିଷ୍ଟ୍ୟ । ଆରମ୍ଭ ହେଲେ କଥାଟିଏ ତ ସରିବ ! ଆରମ୍ଭ ହେଲେ ଘଟଣାଟିଏ ତ ଘଟିବ । ମାତ୍ର ତାହାର ଉପସଂହାର ପାଦଚିହ୍ନ ବିସ୍ଫୋରକ ଭାବେ ହୃଦୟକୁ ଛୁଇଁବ ! ଦେଖନ୍ତୁ ଏହି ଗଳ୍ପର ଶେଷ ବାକ୍ୟ ଦୁଇଟିର ସ୍ନିଗ୍ଧ ସୁଷମା-

ଜୁଆର ପରେ ଭଟ୍ଟା ପଡ଼ି ଯାଇଥିବା ସମୁଦ୍ରର ଓଦା ଓଦା ଲାଗୁଥିବା ବାଲି ଉପରେ ସ୍ମୃତିର ପାଦଚିହ୍ନ ମୋତେ ସ୍ପଷ୍ଟ ଦିଶୁଥିଲା । ଭାବୁଥିଲି, କେତେ ତୀବ୍ର ସେ ବତାସ, ଯାହା ଦୋହଲେଇ ଦେଇ ପାରେ ସମୁଦ୍ରା ଛାତି ।

**(ରଫ୍‌ଖାତାର ଚିତ୍ର, ପୃଷ୍ଠା-୨୫)**

(ତିନି)

ମଣିଷ ପାଖରେ ଗୋଟିଏ ବଡ଼ ଜିନିଷ ଅଛି, ତାହା ହୃଦୟ ଏବଂ ହୃଦୟ ସହାନୁଭୂତିରେ ଭର୍ତ୍ତି । ପୃଥିବୀ ନିଃସଙ୍ଗ ହୋଇ ଯାଇଥିବା ବେଳେ ମଣିଷ ଏକେଲା ହୋଇ ଯାଉଛି । ଏକେଲା ମଣିଷର ପଥ ଅସରନ୍ତି, କିଂତୁ ଜୀବନଟି ସରନ୍ତି 'ଉଡ଼ା ଚଢ଼େଇ', ଗଳ୍ପର ଘଟଣାଟିକୁ କରିଛି ସମ୍ବୋଦନଶୀଳ । କଥା ବକ୍ତା ନିଜେ ଲେଖିକା, ତାଙ୍କ ଚରିତ୍ରର ଜାଜ୍ଜ୍ୱଲ୍ୟମାନ ଆଭା, ଗଳ୍ପର ଶୋଭାକୁ କରିଛି ମହିମା ମଣ୍ଡିତ । ନିଜ ଅନୁଭୂତିକୁ କ୍ଷେପା ଜାଲପରି କାଳନଦୀ ଜଳରେ ବିଛେଇ ସେ କଥାମାନଙ୍କୁ ଛାଣି ଆଣିଛନ୍ତି ।

ପରବର୍ତ୍ତୀ ଗପ 'କର୍ପୂରର ବାସ', ଉଡ଼ିଯିବା ଯାହାର ସ୍ୱଭାବ ! ବଂଧୁତାର ମୋହ ବଡ଼ ଟାଣ । ଦୈନଂଦିନ ଜୀବନର ଦୁଃଖ ହଠାତ୍ ନକହି ହେଲେ ବି ସତ୍ୟ ଖୁବ୍ ନିଷ୍ଠୁର । ଘଟଣାର କେଂଦ୍ରରେ ମୃତ୍ୟୁର ଅନ୍ୟପାର୍ଶ୍ୱ ପୂର୍ବ ଗଳ୍ପପରି ରଂଜିତ । ଅଦୃଶ୍ୟ ଅନୁରାଗ ଉପରେ ଆଧାରିତ ତିନୋଟି ଲଳିତ ଲାବଣ୍ୟ ଯୁକ୍ତ ଗପ, ୧-ହେ ଫଗୁଣ ତମେ... ୨-ନିଦାଘର ଋତୁ, ଏବଂ ୩- ପ୍ରେମର ପରିଭାଷା । କଥା ପ୍ଲଟରେ ନୂଆ ମୋଡ଼ ଆସିଛି ଏବଂ ଗୋଟିଏ ଲାବଣ୍ୟମୟ ଦୃଷ୍ଟି କଥାକୁ ରୋଚକ କରିଛି ।

ଜଣେ ଚିତ୍ରଶିଳ୍ପୀ Alexander calder, ସାର୍‌ତ୍ରେ ଲେଖିଛନ୍ତି, he captures and embellishes true, living movements. ସୈରିନ୍ଧ୍ରୀ ବି ତାଙ୍କ ଗଳ୍ପରେ ସତ୍ୟକୁ କଥା ପ୍ରତିମା ପ୍ରତୀକରେ କରିଛନ୍ତି ଉପସ୍ଥାପିତ । ଏଥିରେ ଥିବା କଥାଭଙ୍ଗୀ ଜୀବନ୍ତ । କାଲ୍‌ଡେରଙ୍କ କଳା ବିଷୟରେ ଥରେ volery said that the sea is a perpetral renewal, one of the calder's objects is like the sea-and equally spell binding: ever changing always new. ପ୍ରତ୍ୟେକ ମୁହୂର୍ତ୍ତରେ ସମୁଦ୍ର ତରଙ୍ଗମାଳା ଦ୍ୱାରା ବଦଳୁ ଥାଏ ଓ ନୂଆ ଦିଶୁଥାଏ । ଠିକ୍ ସେମିତି ପୁରୁଣା ପ୍ରଣୟ ଗପ, ନୂଆ ଅନୁଚିନ୍ତା ଓ ନୂଆ ନିର୍ଯ୍ୟାସ ସୈରିନ୍ଧ୍ରୀଙ୍କ ତିନୋଟି ଚିତ୍ରିତ ଗପକୁ ସବୁବେଳ ପାଇଁ ପ୍ରଦାନ କରିଛନ୍ତି ନୂଆ ରୂପ । ନୂଆ ରୂପର ସ୍ୱାଦ ଓ ଆକର୍ଷଣ ଚିରକାଳ ସୁନ୍ଦର । ଆଉ ଗୋଟିଏ ଲକ୍ଷଣୀୟ ବସ୍ତୁ, ସୈରିନ୍ଧ୍ରୀଙ୍କ ପ୍ଲଟରେ ସିଂବଲ୍ ଅଫ୍ ଡୋମେଷ୍ଟିକ୍ ଆସୋସିଏସନ୍ ତା' ସୃଷ୍ଟିକୁ ଆକର୍ଷଣର ବିଂଦୁରେ ରଖିଛି ସଂରକ୍ଷିତ ।

ଗୋଟିଏ ସମୟର ଚିତ୍ରକରଙ୍କୁ ବିଚଳିତ କରିଥିଲା ଦୁଇଟି ପ୍ରଶ୍ନ । ପ୍ରଥମ- How realistic it is ! ଦ୍ୱିତୀୟ- How true to life? ପ୍ରଶ୍ନ ଦୁଇଟି ପଚାରିଥିଲେ paolo vccello ଙ୍କ ଚିତ୍ର ପ୍ରଦର୍ଶନୀ ଦେଖି ଚିତ୍ରୀ Aretino ! ଏବେ ସେହି ପ୍ରଶ୍ନ ଦୁଇଟିକୁ 'ରଫ୍‌ଖାତାର ଚିତ୍ର' ପାଇଁ ଯଦି ସାମ୍ନାକୁ ଅଣାଯାଏ ତେବେ କହିବାକୁ ପଡ଼ିବନି ଉତ୍ତର ! ଗଳ୍ପମାନ ହିଁ ଅବବୋଧ କରାଇ ଦିଅନ୍ତି ସୈରିନ୍ଧ୍ରୀଙ୍କ ଦୃଷ୍ଟି ସାଂଘାତିକ ଭାବେ ବାସ୍ତବ । ଯାହା ଅନ୍ୟମାନେ ଭାବି ପାରନ୍ତିନି କି ଦେଖି ପାରନ୍ତି ନାହିଁ ତାହାକୁ ଅଭିବ୍ୟକ୍ତ କରିପାରିଛନ୍ତି ସିଏ । ଜୀବନ ପ୍ରତି ଗଳ୍ପବକ୍ତା ଗାଳ୍ପିକାଙ୍କ ରହିଛି ଅଙ୍ଗୀକାରବଦ୍ଧତା ନିଷ୍ଠା ।

Aretono କହିଥିଲେ Uccello କଦାପି ବିଶ୍ୱାସ କରନ୍ତି ନାହିଁ ଯେ ସେ ଅଙ୍କନ କରିଛନ୍ତି ! ମାତ୍ର ସୈରିନ୍ଧ୍ରୀଙ୍କ ଆସ୍ଥା ଓ ବିଶ୍ୱାସ ତାଙ୍କ ଶବ୍ଦକଳା ଉପରେ ରହିଛି । ସେ ବୃତ୍ତି ଓ ପ୍ରବୃତ୍ତି, ପେଷା ଓ ନିଶାକୁ ଏକ କରିଛନ୍ତି । ତାଙ୍କ ଗଳ୍ପ ପୂର୍ଣ୍ଣମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଏବଂ ନିପୁଣ କୁଶଳ ।

ଗଦ୍ୟରେ ସ୍ୱପ୍ନ ସାଇତି ରଖିଛନ୍ତି ଗାଳ୍ପିକା । ଅଭିବ୍ୟକ୍ତ ସ୍ୱପ୍ନିଳ ଉଡାଣ । ଚରିତ୍ର ଭାଷାଗତ ଛବିଳ ଆକାଶରେ ଗଳ୍ପର ପରିଣତି ଆଡକୁ ଭରିଛି ତା' ଉଡ଼ାଣ। କଥାର ରମଣୀୟତା ରହିଛି ଭାଷାରେ, ପ୍ଲଟରେ ରହିଛି ସମକାଳ ବିଷାକ୍ତ ସମସ୍ୟା । 'ଗୋଟିକିଆ ତାରା' ସଦାନଂଦବାବୁ ଏକମାତ୍ର ପୁତ୍ରର ସିଂବଲ୍ ଅନ୍ୟ ପକ୍ଷରେ କଥା ପରିଣତିରେ ତାଙ୍କ ମୁହଁ ଦିଶୁଥିଲା । ମ୍ଳାନ ଓ ଉଦାସ ଗୋଟିକିଆ ତାରାପରି । ଯେଣୁ ତାଙ୍କ ଚାକିରୀର ଶେଷଦିନ, ଆମେରିକାରେ ଥିବା ତାଙ୍କ ପୁଅ ଫୋନ୍‌ରେ କହୁଛି- ପ୍ଲିଜ୍ ଷ୍ଟପ୍ ବାବା, ତମେ ଏବେ ଘରେ ନାହଁ, ବୋଉ ବଂଧୁ ଘରେ ବସି ଏତେ ଗୁଡ଼େ ଟଙ୍କାର ପ୍ରୋଜେକ୍ଟ ତିଆରି କରୁଛ ? ଏ ଯୁଗରେ କାହାକୁ ବିଶ୍ୱାସ ? ତେବେ ସେଠି ଇଣ୍ଡିଆରେ କାହିଁକି ଘର କରି ଅର୍ଥଗୁଡ଼ା ନଷ୍ଟ କରିବ ? ମୋର ତ ଆଉ ସେଠିକୁ ଫେରିବାର ନାହିଁ । ବରଂ ମୋ ପାଖକୁ ସେଥିରୁ ଫିଫ୍ଟି ପର୍ସେଣ୍ଟ ପଠେଇ ଦିଅ । ତମ ବୋହୂ ପାଇଁ ଗିଫ୍ଟ ବାବଦରେ ମୁଁ ବି ଏଯାଏ ତାକୁ କିଛି ଦେଇ ପାରିନି । ଯଦିଓ ମୋ ଫାଦର ଇନ୍ ଲ' ମୋତେ କାର୍‌ଟିଏ ଗିଫ୍ଟ କରି ସାରିଛନ୍ତି... ।

ଭାରତୀୟ ରୀତିନୀତି ଓ ସଂସ୍କୃତି ଠାରୁ ଗୋଟିଏ ଅଲଗା ସଭ୍ୟତାର ମୁହାଣରେ ଆମ ଜୀବନ ମୋହିଁ ଯାଇଛି, ତାହାରି ବୟାନ ଦେଇଛି ଏହି ଚିତ୍ର । ପୁତ୍ର ଆତ୍ମଜ ପିତା ସଦାନଂଦ ବାବୁ ଅନୁଭବ କରୁଥିବା ବେଳେ ପୁତ୍ର ସ୍ୱାର୍ଥ ନିଶାରେ ବିବେକ ଶୂନ୍ୟ ଅନ୍ଧ । ଏମିତି ଦୁଃଖଦ ଓ ଉଦାସ ଭର୍ତ୍ତି କରୁଣ ଭାରତୀୟ ମଧ୍ୟବିତ୍ତ ଜୀବନ ।

ଏହି ଗପଟି ମନେ ପକାଇ ଦିଏ, Jacopo considered his master an alien or a thief. (Essays in Aesthetice, page-33) ।

ବାସ୍ତବରେ ଆମ ପିଲାମାନେ ପଢ଼ିଥିବା ପାଠ କେବଳ ଅର୍ଥ ଆୟ ମୁଖୀ, ସୁଶିକ୍ଷା ନହୋଇ ସ୍ୱାର୍ଥ ହାସଲମୁଖୀ ହୋଇଯାଇଛି । ଭୁଲ ଦିଶାରେ ଶିକ୍ଷାନୀତିର ଗତି । ସମକାଳ ମଣିଷ ଚରିତ୍ରର ଆତ୍ମାକୁ ସୈରିନ୍ଧ୍ରୀ ତାଙ୍କ ଚିତ୍ର (ଗପ)ରେ ପେଣ୍ଟ୍ କରିଛନ୍ତି । ତାଙ୍କ ସାମାଜିକ ସମୟକୁ, ତାଙ୍କ ସଭ୍ୟତାକୁ ପ୍ରାଚୁର୍ଯ୍ୟମୟ ଯୁଗକୁ ଏବଂ ମଣିଷର ବଂଚିବା ଶୈଳୀକୁ ସିଏ ବ୍ୟାଖ୍ୟା କରିଛନ୍ତି । ସାଧାରଣ ଚରିତ୍ରଙ୍କ ଜଗତ ତାଙ୍କ ଶବ୍ଦ କଳାରେ ପ୍ରତିଫଳିତ । Taine, Hippolyte Adolphe




ଙ୍କ ପ୍ରସିଦ୍ଧ ମୂଲ୍ୟାୟନ ଗ୍ରନ୍ଥ Literary History of the English people, ଭାଷା ପ୍ରବଂଧ । ମାତ୍ର ଓଡ଼ିଆ ଲୋକଙ୍କ ଚରିତ୍ରର ଇତିହାସ ସୈରିନ୍ଧ୍ରୀଙ୍କ ଗଳ୍ପ ଗ୍ରନ୍ଥ । ସେ ତାଙ୍କ ସମୟର ମଣିଷ ଚରିତ୍ରକୁ ତାଙ୍କ ଗପରେ ନିଖୁଣ ଭାବେ କରିଛନ୍ତି ପୁନସୃଷ୍ଟି । ସୋସିଓଲୋଜିକାଲ୍ ପାର୍ଶ୍ୱରୁ ତାଙ୍କ ଗଳ୍ପ କେବଳ ଗଳ୍ପ ନୁହେଁ, ବରଂ ସମକାଳର ସାହିତ୍ୟ ।

ଗଳ୍ପର ପ୍ରକୃତ ଚରିତ୍ର ଏବଂ ଚରିତ୍ରମାନଙ୍କ actual life କେତୋଟି ମିନିଟ ପାଇଁ ତାଙ୍କ ରଫ୍‌ଖାତାର ଫର୍ଦ୍ଦରେ ପାଠକଙ୍କୁ ଭେଟି ଦିଆଯାଇଛି । ମଣିଷ, ସଂପର୍କ ଓ ସରକମ୍‌ଷ୍ଟାନ୍ସ ତିନୋଟି ପ୍ରଧାନ ଉପାଦାନ ବିଂଦୁ ନିର୍ମାଣ କରିଛି ଗଳ୍ପର ପର୍ଯ୍ୟାୟକ୍ରମ (Sequence) । କ୍ଷୁଦ୍ରଗଳ୍ପ ଯେମିତି କ୍ଷୁଦ୍ରହେବା କଥା କଳେବର ଦୃଷ୍ଟିରୁ ଗଳ୍ପଗୁଡ଼ିକ ଦୈର୍ଘ୍ୟ ସେତିକି । ଡବ୍ଲୁ.ଏଚ.ହଡସନ୍ ଲେଖିଛନ୍ତି, a short story is a story that can be easily read at a single sitting! ଏହି ଦୃଷ୍ଟିରୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁତକ ଗଳ୍ପ ଛୋଟଛୋଟ ଏବଂ ଏକ ନିଶ୍ୱାସରେ ପଢ଼ି ହେଉଥିବା କୃତିତ୍ୱ । ସାହିତ୍ୟରେ କ୍ଷୁଦ୍ରଗଳ୍ପର ସ୍ଥାନ ସ୍ୱୀକୃତ ଏବଂ ଏବେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

**ଶେଷଗପ 'ରଫ୍‌ଖାତାର ଚିତ୍ର'** ।

ସ୍ୱାର୍ଥ ସର୍ବସ୍ୱ ସାମାଜିକ ଜୀବନ ଓ ମାନବିକତା ମଧ୍ୟରେ ମଧ୍ୟସ୍ଥି ହୋଇ ରହିଛି ଗପଟି । ମଣିଷ ଚାଲି ଯାଉଛି ମାତ୍ର ତାକୁ କାନ୍ଧ ଦେବାକୁ କେହି ନାହିଁ! ମଣିଷ ଅମୂଲ୍ୟ, କେହି କ'ଣ ବୁଝୁଚି ? ପ୍ରଚ୍ଛନ୍ନ ଭାବେ ମଣିଷର ମୂଲ୍ୟାୟନ ସମସ୍ତ ଗଳ୍ପରେ କରାଯାଇଛି ।

ଚରିତ୍ର ବିଶୁଭାଇନା ମିଠା ମିଠା ସ୍ୱପ୍ନ ବାଣ୍ଟୁଥିବା ଲୋକ ଏବଂ ସ୍ୱପ୍ନରେ ଆଣି ଭରିପାରେ ରଙ୍ଗ । ଆଣି ଦେଇପାରେ କୁହୁକ ଚଢ଼େଇ ଓ ବୁଣି ଦେଇପାରେ ଚଂଦନ ବନର ବାସ୍ନା ! କିଂତୁ ଅସଲ ବେଳକୁ ସେ ନିଜ ଛାଇ ସହିତ କରିଛି କପଟ । ମୂଲ୍ୟବୋଧ ଓ ନୈତିକତା ଭୁଷୁଡ଼ି ପଡ଼ିଛି ! ସମକାଳ ମଣିଷ ସ୍ୱାର୍ଥ ସର୍ବସ୍ୱ ମିଛ ମହାପୁରୁଷ; ଅନାବନା ଗାର ଭର୍ତ୍ତି ବେନ୍ ଓକ୍ରୀଙ୍କ ଶିଶୁ ଓମେଭ୍‌ର ଅଙ୍କିତ ଦୃଶ୍ୟ । ଜୀବନର ଅର୍ଥ ? ନଷ୍ଟ ମନୁଷ୍ୟତ୍ୱ । ଜୀବନ ଜୀବନ ନୁହେଁ, ଅନାବନା ଓ ତୁଚ୍ଛ । ସମାଜ ପାଇଁ ସଂସାର ପାଇଁ ଅନାବଶ୍ୟକ । ମନୁଷ୍ୟ ମନୁ ପୁତ୍ର, ଦେବ ଓ ଦାନବତ୍ୱ ସମିଶ୍ରିତ । ଶିବୋଅହମ୍ ଅସ୍ତିତ୍ୱ ଅବଲୁପ୍ତ । ଚିତ୍ରଗୁଡ଼ିକରେ ପ୍ରକୃତ ମାନବର ସାମାଜିକ ସ୍ଥିତି ଅବତରଣ କରାଇବା ଉଦ୍ଦେଶ୍ୟକୁ ସାର୍ଥକ କରିଛି ଗଳ୍ପଗୁଡ଼ିକ ।

ଶବ୍ଦଘର, ଗୋଡ଼ିସାହି, କଟକ-
୭୫୪୦୦୬,
ମୋ: ୯୪୩୭୭୪୦୨୬୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୬ ଜାନୁଆରୀ, ୨୦୨୨




## ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

# କାହାଣୀ ନଥିବା କଥାଟିଏ



**ଅଧ୍ୟାପକ ବିଶ୍ୱରଂଜନ**

ବହୁଦୂରେ, ଆଖି ପାଉନଥିବା ଏକ ଅପହଞ୍ଚ ଦୂରତାରେ ଠିଆ ହୋଇଛି ଝିଅଟିଏ ଝରଣା କୂଳରେ । ଥରେ ହେଲେ ସେ ଭେଟିନାହିଁ ମୋତେ । ଅଥଚ ମୋ ମୁହଁ ସେ ଦେଖୁଛି ପ୍ରତିଦିନ ଝରଣା କୂଳରେ ।
ଏହା କି ସମ୍ଭବ ସତରେ ?
ବାର୍ତ୍ତା ତା'ର ଭାସି ଆସେ ପବନରେ । ମୁଁ ଉତ୍ତର ଦିଏ ବା ନ ଦିଏ, ସେ କିନ୍ତୁ ଗପିଚାଲିଥାଏ ମୋ ସହ, ମନଇଚ୍ଛା ବେଳ ଅବେଳରେ ।
କି ସଂପର୍କ ମୋର ସେ ଝିଅ ସହ !
କେତେ ଦିନର ଏ ସଂପର୍କ ଅବା କେତେ ବର୍ଷ ଏ ଯୁଗର !
ଇତିହାସ କଡ଼ ଲେଉଟାଏ । ବୟସର ପାହାଚରେ ମୁଁ ଏଥର ପଛକୁ ଫେରେ । ଆଖି ମୁଦି ଦେଖିବାକୁ ଚେଷ୍ଟା କରେ । ଛାଇଟିଏ ନାଚୁଥାଏ, ଝରଣା ଜଳରେ । ମୁଁ ବି ଝରିବାକୁ ଆରମ୍ଭ କରେ । ଝରି ଝରି ଖୋଜୁଥାଏ ସେହି ରହସ୍ୟମୟୀକୁ । ଯାହାକୁ ମୁଁ କେବେ ବି ଭେଟିନାହିଁ ଏ ଜନ୍ମରେ ।
କିଏ ସିଏ ? ସେ କ'ଣ ମୋର ଝିଅ ଥିଲା ଅବା ମାଆ ! ପତ୍ନୀ ଥିଲା ଅବା ପ୍ରେମିକା ! କୌଣସି ପୂର୍ବ ଜନ୍ମରେ !
ମୋତେ ଜଣା ନାହିଁ ପୂର୍ବ ଜନ୍ମ, ପରଜନ୍ମ କଥା । ଏ ପାରିରେ ଠିଆ ହୋଇ କେମିତି ବା ଜାଣିବି ମୁଁ ସେପାରିର କଥା ! ଆଖି ମୁଦି ଦେଲେ ଦେଖୁଛି ମୁଁ ଠିଆ ହୋଇଛି ପାହାଡ଼ଟେ ହୋଇ । ଚାରିପଟେ ଘେରି ଅଛି ସୁନୀଳ ଶୂନ୍ୟତା । ଝରଣାର କୁଳୁକୁଳୁ ତାନ ସହ ଦୀର୍ଘ ନୀରବତା ।
ସ୍ଥିର ଓ ସ୍ଥବିର ପାହାଡ଼ଟିଏ ମୁଁ । ଅନୁଭବ କରେ, ମୋ ଦେହରେ ଏକ ଲମ୍ବା ପଣତକାନିର ସ୍ନେହ, ଶୀତଳତା ।
ଲାଗିପାରେ ଅବାସ୍ତବ । କିନ୍ତୁ ମୋ ପାଇଁ ବି ଏ ସବୁ ତ ଆଖି ଦେଖା, ଅଙ୍ଗେନିଭା ବାସ୍ତବତା ।

## ଗୋଟିଏ ବହିର ଆଲୋଚନା...

# ସାହିତ୍ୟ ସାଧକ ଡକ୍ଟର ଭଗବାନ ପଟେଲଙ୍କ 'ଆଧୁନିକ କାବ୍ୟଧାରା: ଅନ୍ୱେଷା ଓ ଜିଜ୍ଞାସା'



ଡକ୍ଟର ଭଗବାନ ପଟେଲ ଓଡିଆ ସାରସ୍ୱତ ସମୀକ୍ଷା କ୍ଷେତ୍ରରେ ନୂତନ ନୁହନ୍ତି ; ଯେହେତୁ ତାଙ୍କର ଏ 'ଆଧୁନିକ କାବ୍ୟଧାରା: ଅନ୍ୱେଷା ଓ ଜିଜ୍ଞାସା' -- ଓଡିଆ ସାହିତ୍ୟକୁ ବିଂଶତମ ଅର୍ଘ୍ୟ । ପୁସ୍ତକଟି ନୂତନ ହେଲେହେଁ ପୁସ୍ତକ ଅନ୍ତର୍ଗତ ଷୋହଳଟି ସମୀକ୍ଷା ନୂତନ ନୁହନ୍ତି । ବହୁ ସମୟରେ ଅନେକ ଗୁଡିଏ ପତ୍ର ପତ୍ରିକାରେ ସ୍ଥାନିତ ହୋଇ ତାର କଳେବରକୁ ମହିମ୍ନ କରିଦେଇଛନ୍ତି ।

କବିତା ସଂପର୍କୀୟ ଏ ଆଲୋଚନା ପୁସ୍ତକଟି ଆଦୌ ଚେତନାଜଗତର ବୋଝ ପାଲଟିନି ବରଂ ଆମ ଭଳି ପାଠକ ଚାହୁଁଥିବା ଦୃଷ୍ଟିକୋଣ ନେଇ ଉର୍ଜ୍ୱସ୍ୱଳ ହୋଇଉଠିଛି । ଗୁରୁ ଗମ୍ଭୀର ବିଷୟ, ତାତ୍ତ୍ୱିକ ବ୍ୟାଖ୍ୟା ଓ ବିଶ୍ଳେଷଣ ଏବଂ ନାନା ତଥ୍ୟର ବୋଝ ତଳେ ଚାପି ହୋଇ ଅଣନିଶ୍ୱାସୀ ହୋଇଯାଇ ନାହିଁ । ଆଲୋଚ୍ୟ ସଂକଳନକୁ ନେଇ ପ୍ରଥିତଯଶା ସାହିତ୍ୟିକ ଡକ୍ଟର ହୃଷୀକେଶ ମଲ୍ଲିକ କହନ୍ତି- 'ଭଲ ସମାଲୋଚନା ଜଣେ ସତ୍ ସମାଲୋଚକଙ୍କ ଠାରୁ ଏକ ସର୍ବନିମ୍ନ କାଣ୍ଡଜ୍ଞାନ ଆଶା କରେ । ଏହି କାଣ୍ଡ ଜ୍ଞାନ ନଥିଲେ ସମାଲୋଚକ ଯେତେ ବହୁପାଠୀ ହେଲେ ବି ଅଧିକ ଜ୍ଞାନର ଯଥୋଚିତ ବ୍ୟବହାର ଅଭାବରୁ ସେସବୁ ନିଷ୍ଫଳା ପ୍ରମାଣିତ ହୁଏ । ମୋର ବିଶ୍ୱାସ ଏଥିପ୍ରତି ଭଗବାନ ନିଶ୍ଚୟ ସଚେତନ ।'

( ଡକ୍ଟର ହୃଷୀକେଶ ମଲ୍ଲିକ, ' କବିତା ଚର୍ଚ୍ଚାର ଆହ୍ୱାନ', ପୁସ୍ତକ ' ଆଧୁନିକ କାବ୍ୟଧାରା: ଅନ୍ୱେଷା ଓ ଜିଜ୍ଞାସା' )

ଡକ୍ଟର ଶରତ ଚନ୍ଦ୍ର ମହାନ୍ତିଙ୍କ ମତରେ 'ସୃଷ୍ଟି ପରି ସମାଲୋଚନା ଜୀବନର ଏକ ଧାରା'। ବାସ୍ତବିକ ଏହା ସତ ଯେ ପ୍ରଣବଚେତନାର ପରିମାର୍ଜନା ସକାଶେ ଏହା ଏକ ବିଶେଷ ଦାୟିତ୍ୱ । ଏଇ ଭଳି ମନୋରଥ ନେଇ ସମାଲୋଚକ ଡକ୍ଟର ପଟେଲ ସମସ୍ତ ପ୍ରବନ୍ଧକୁ ପାଠକ ସମ୍ମୁଖରେ ଉପସ୍ଥାପନା କରିଛନ୍ତି । ନିରୋଳା ଜ୍ଞାନ ଧରି ପ୍ରବନ୍ଧ ସବୁ ପାଠକ ମାନଙ୍କୁ ଶିଳ୍ପୀ ସହ ସାକ୍ଷାତ୍ କରେଇଛନ୍ତି । ସତ୍ୟବାଦୀ ଯୁଗର କାବ୍ୟକବିତା ଠାରୁ ଆରମ୍ଭ କରି ବିନୋଦ ଚନ୍ଦ୍ର ନାୟକ, ବେଣୁଧର ରାଉତ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ବ୍ରଜନାଥ ରଥ, ସୌଭାଗ୍ୟ କୁମାର ମିଶ୍ର, ପ୍ରମୋଦ କୁମାର ମହାନ୍ତି, ନୀଳାଦ୍ରିଭୂଷଣ ହରିଚନ୍ଦନ, ନିତ୍ୟାନନ୍ଦ ନାୟକଙ୍କ ବାଟ ଦେଇ ସେ ଅପର୍ଣ୍ଣା ମହାନ୍ତି, ମମତା ଦାଶ, ଏପରିକି ଶୁଭଶ୍ରୀ ଲେଙ୍କାଙ୍କ କବିତା ଯାଏଁ ତାଙ୍କର ଅନୁଶୀଳନବୋଧକୁ ପରଖିବାକୁ ଚାହିଁଛନ୍ତି । ଶେଷ ଦୁଇଟି ପ୍ରବନ୍ଧରେ ସାଂପ୍ରତିକ ଓଡିଆ କବିତାର ଜୀବନବୋଧ ଏବଂ ଆର୍ତ୍ତ ମାନବାତ୍ମାର ସ୍ୱରକୁ ତୋଳି ଧରିବାର ପ୍ରଚେଷ୍ଟାରେ ମଗ୍ନ ହୋଇଯାଇଛନ୍ତି ।

ଆଲୋଚ୍ୟ ସଂକଳନର ପ୍ରତ୍ୟେକ ପ୍ରବନ୍ଧ ଅନାଲୋଚିତ ବହୁ ତଥ୍ୟକୁ ଆମ ଆଗରେ ଉପସ୍ଥାପିତ କରିଛି । ସ୍ୱୟଂ ସମାଲୋଚକଙ୍କର ସ୍ୱୀକାରୋକ୍ତି ବି ଏଇଆ ଯେ 'ମୋର ପ୍ରବନ୍ଧ ସଂକଳନରେ ମୁଁ ସାଂପ୍ରତିକ ସମୟଖଣ୍ଡର ସ୍ୱରକୁ ସ୍ଥାନିତ କରିବାପାଇଁ ଅଧିକ ମାତ୍ରାରେ ପସନ୍ଦ ଲାଗିଥାଏ । ଯାହା ପ୍ରାୟତଃ ଆଲୋଚନା ହୋଇନଥାଏ ସେ ଉପରେ ପ୍ରଥମେ ଆଲୋଚନା କରିବା ପାଇଁ ମତେ ବହୁତ ଭଲ ଲାଗେ ।'

( ଡକ୍ଟର ଭଗବାନ ପଟେଲ, ପ୍ରାକ୍ କଥନ , ' ଆଧୁନିକ କାବ୍ୟଧାରା: ଅନ୍ୱେଷା ଓ ଜିଜ୍ଞାସା' )

ଜଣେ ଉଚ୍ଚକୋଟୀର ସମାଲୋଚକର ପ୍ରତ୍ୟେକ ଗୁଣ ଧର୍ମ ନେଇ ସାଂପ୍ରତିକ ସମୟକୁ ତୀକ୍ଷ୍ଣ ତଥା ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ଦେଖିବାର ଆଗ୍ରହ ପ୍ରକାଶ କରିଛନ୍ତି ସମାଲୋଚକ ଭଗବାନ । ସତ୍ୟବାଦୀ ସାହିତ୍ୟର ନବମୂଲ୍ୟାୟନ, ବିନୋଦ ଚନ୍ଦ୍ର ନାୟକଙ୍କ ଦେହବାଦୀ ଚେତନାର ବିଶ୍ଳେଷଣ, ବେଣୁଧରଙ୍କ କବିତାର ଜୀବନଦୃଷ୍ଟିର ଅନ୍ତରଙ୍ଗ ସ୍ୱରପ୍ରତୀତି ଦେଇ ପ୍ରାବନ୍ଧିକଙ୍କ ଜ୍ଞାନ ଗ୍ରହଣୀୟ କୌତୁହଳତା (Insatiable curiosity of knowledge)

ଏବଂ ବହୁପାଠକୀୟତାର ପରିଚୟ ମିଳିଥାଏ । କେବଳ ସେତିକି ନୁହେଁ ଯଶସ୍ୱୀ କବି ରମାକାନ୍ତ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ମମତା ଦାଶ , ଅପର୍ଣ୍ଣା ମହାନ୍ତିଙ୍କ କବିତାରେ ଜୀବନର ପ୍ରତ୍ୟେକ ଭାବାନୁଭାବକୁ ପାଠକ ସମ୍ମୁଖରେ ଦର୍ଶେଇଦେଇଛନ୍ତି ଖିନ୍‌ଭିନ ବିଶ୍ଳେଷଣ କରି ।


ଡକ୍ଟର ପଟେଲ ବିଶ୍ୱ ସାହିତ୍ୟର ବହୁ ବିଜ୍ଞ ଦାର୍ଶନିକ ଏବଂ ସାହିତ୍ୟିକ ମାନଙ୍କର ମତାମତକୁ ନେଇ ସ୍ୱୀୟ ଆଲୋଚନାକୁ ତୁଳନାତ୍ମକ ଭାବରେ ସୁଦୃଢ କରିପାରିବାର ଧୀମତ୍ତା ସତରେ ଖୁବ୍ ପ୍ରଶଂସନୀୟ । ଏଥିରେ ତାଙ୍କର ବହୁପାଠକୀୟତାର ପରିଚୟ ମିଳିଥାଏ । ଟି ଏସ୍ ଇଲିୟଟ, ଏଜରା ପାଉଣ୍ଡ, ହ୍ୟୁମ, ଇମରସନ, ସେଲୀ, ବାଇରନ୍ ଆଦିଙ୍କ ମତକୁ ଉଦ୍ଧାର କରି ସେ ଚମକ ଖେଳାଇ ପାରିଛନ୍ତି ନିଜ ପ୍ରବନ୍ଧରେ ।

'Literature is the criticism of life' ବୋଲି ସ୍ୱୀକାର କରୁଥିବା ପ୍ରାବନ୍ଧିକ ଡକ୍ଟର ପଟେଲ ମହୋଦୟ ଉକ୍ତ ଗ୍ରନ୍ଥରେ ଯେଉଁ କେତୋଟି ଆଲୋଚନାତ୍ମକ ପ୍ରବନ୍ଧ ସଂକଳନ କରିଛନ୍ତି, ସେସବୁ ତାଙ୍କର ସାହିତ୍ୟ, ସମାଜ ଓ ସଂସ୍କୃତି ମନସ୍କତାର ଦିଏ ଯଥାର୍ଥ ପରିଚୟ । ଏ ସମୀକ୍ଷା ପୁସ୍ତକଟି ଓଡିଆ ସାହିତ୍ୟ ଜଗତ ପାଇଁ ଯେ ଏକ ନୂତନ ଦିଗଦର୍ଶନ, ଏଥିରେ କୌଣସି ଦ୍ୱିଧା ନାହିଁ ।



ଆଲେଖ୍ୟ:
ଡ. ମମତା ପ୍ରିୟଦର୍ଶିନୀ ସାହୁ
ଓଡିଆ ଅଧ୍ୟାପିକା,
ସରକାରୀ ଏସ୍ ଏସ୍ ଡି,ଏଚ୍ ଏସ୍ ଏସ୍ ,ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରା , ସୁନ୍ଦରଗଡ

## ସ୍ମୃତି ଶତଦଳ ୨୨୫



# ବିଦାୟ ଫ୍ଲୋରିଡା-୧

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଶାଳ ଏ ପୃଥିବୀ, ଯାହା ଉତ୍ତର ମେରୁ ଠାରୁ ଦକ୍ଷିଣ ମେରୁ ଯାଏ ପରିବ୍ୟାପ୍ତ ହୋଇଛି । ସବୁ ଦେଶର ସବୁ ସ୍ଥାନରେ ମାଟି ଏକ ଓ ଅଭିନ୍ନ । "ମାଟିତ ସବୁଠି ଏକ ଯାହା ଖାଲି ସ୍ଥାନର ଭିନ୍ନତା, ମା'ତ ସବୁଠି ଏକ ଯାହା ଖାଲି ନାମର ଭିନ୍ନତା ।" ଏ ଧରିତ୍ରୀର କାନ ମାଟି ଦେହରେ ପାତି ଶୁଣିଲେ ତା' ଭିତରୁ ଭାସି ଆସେ ଏକ ସୁନ୍ଦର ସ୍ୱର ଯାହା ଆନନ୍ଦ. କ୍ଳେଶ ଓ ଯନ୍ତ୍ରଣାର, ତଥା ଲୁହ, ଲହୁ ଓ ସ୍ୱେଦର ଏକ ସମ୍ମିଳିତ ସ୍ୱର । ତାହାହିଁ ବୋଧେ ଜୀବନର ସ୍ୱର, ତାହାହିଁ ବୋଧେ ସଂଗୀତର ଅନ୍ତଃସ୍ୱର ।

ତେବେ ଆଜି କାଲିକାର ଏ' ବ୍ୟସ୍ତ ବହୁଳ ଜୀବନରେ ମାଟି ଉପରେ କାନ ଥାପି ପୃଥିବୀର ଅନ୍ତଃସ୍ୱର ଶୁଣିବାକୁ କାହାର ବା' ବେଳ ଅଛି ? କେବଳ କବି ଓ ଲେଖକମାନେ ହିଁ ଏଇ ସ୍ୱରକୁ ନିଜ ହୃଦୟ ବୀଣାର ଅପରୂପ ରାଗିଣୀକୁ ଶୁଣିପାରନ୍ତି । ତାଙ୍କ ମନ ଭିତରେ ସବୁବେଳେ ଭାବ ଓ ଭାଷା ଅନ୍ତଃ ସଲୀଳା ନଦୀ ହୋଇ ବୋହି ଚାଲିଥାଏ, ଏକ ଅଖଣ୍ଡ, ଅନୁରାଗରେ । ଅନେକ ସାହିତ୍ୟିକଙ୍କ ମତରେ ଜୀବନ ସଂଗୀତରେ ଦୁଃଖର ସ୍ପର୍ଶ ନଲାଗିଲେ, କରୁଣତା ଭରି ନଗଲେ ସେ ସଂଗୀତ ମଧୁର ହୁଏ ନାହିଁ, ପୁଣି ଜୀବନରେ ଅଭାବ ବୋଧ ନରହିଲେ ଜୀବନ ପୂର୍ଣ୍ଣାଙ୍ଗ ହୁଏ ନାହିଁ । ଅପୂର୍ଣ୍ଣତା ହିଁ ସାହିତ୍ୟ ଓ ଜୀବନ ଉଭୟଙ୍କୁ ପୂର୍ଣ୍ଣତା ଆଣିଦିଏ । ସେମିତି ଗୋଟିଏ ଅଭାବବୋଧ ଆମକୁ ଘେରି ରହିଥିଲା, ଆମେ ଯେତେବେଳେ ପୁଅ ପାଖରେ ଫ୍ଲୋରିଡାରେ ଏକ ମାସ ରହି ପୁଣି ଫେରିବାର ଆୟୋଜନ କଲୁ ।

ଫ୍ଲୋରିଡାରେ ଏକ ମାସର ରହଣି କ୍ରମେ କ୍ରମେ ଶେଷ ହେବାକୁ ବସିଲା । ଆମେ ରିଟର୍ଣ୍ଣ ଟିକେଟ ଜୁନ ମାସ ଶେଷବେଳକୁ କାଟିଥିଲୁ । ଫ୍ଲୋରିଡାରେ ଏତେ ଥଣ୍ଡା ପଡେ ନାହିଁ । କିନ୍ତୁ ଆମେରିକାର ଅନ୍ୟ ସ୍ଥାନରେ ବହୁତ ଥଣ୍ଡା, ଏମିତିକି ମାର୍ଚ୍ଚ, ଏପ୍ରିଲରେ ମଧ୍ୟ ବରଫ ପଡେ । ଏତେ ଥଣ୍ଡା ସହି ହୁଏ ନାହିଁ । ତେଣୁ ପ୍ରାୟ ଜୁନ, ଜୁଲାଇ ବେଳକୁ ଆମେ ଆମେରିକା ଯାଇଥାଉ । ସେତିକିବେଳେ ପାଗ ଓ ପରିବେଶ ଖୁବ୍ ଭଲ ଥାଏ । ଏଥରକ ସେମିତି ଜିନିଷ ପତ୍ର ପ୍ୟାକ କଲାବେଳେକୁ ଆମ ଆଗରେ ଚାରୋଟି ଆଖି ଆଉ କୁନି କୁନି ହାତ ନେଇ ଲଭଲି ଓ ସ୍ମାଇଲି ଠିଆ ହୋଇ ଆମକୁ କହିଲେ, "ଜେମା ଆଉ ଜେପା", ଆଉ କିଛିଦିନ ରହିଯାଅ ଆମ ପାଖରେ, ଏତେ ଶୀଘ୍ର ଯାଅ ନାହିଁ , ସବୁବେଳେ ତ ପେସେଣ୍ଟ ଦେଖୁଛ, ଏବେ ଆମ କଥା ବୁଝ ।"

ଏପଟେ ସ୍ନେହ ମମତା ଆଉ ରକ୍ତ ବନ୍ଧନ, ସେପଟେ ନିଶା, ପେଶା, ରୋଗୀ, ହସପିଟାଲ ଏବଂ ସେମାନଙ୍କର ଆତୁର ଟେଲିଫୋନ୍ କଲ "ମ୍ୟାଡମ କେବେ ଫେରୁଛନ୍ତି ଆମେରିକାରୁ ? ଆମ ଡେଲିଭରି ଡେଟ୍ ଆସିଗଲାଣି । ଆମେ ଏବେ ଏ ଶେଷ ମୁହୂର୍ତ୍ତରେ କେଉଁଠିକି ଯିବୁ ?" ଏହାଛଡା ରିଟର୍ଣ୍ଣ ଟିକେଟ ବି କନ୍‌ଫାର୍ମଡ ହୋଇଯାଇଛି, ତେଣୁ ଟିକେଟ କ୍ୟାନସେଲ କଲେ ଅସୁବିଧା । ଏ ସବୁ କଥା ଚିନ୍ତା କଲାବେଳକୁ ଆମେରିକାର ଓଡିଶା ସୋସାଇଟି ଅଫ ଆମେରିକା 'ଓସା' ତରଫରୁ ମତେ କଲ ଆସିଲା । 'ଓସା' ତରଫରୁ ଆପଣଙ୍କୁ ନିମନ୍ତ୍ରଣ କରୁଛୁ, ଆପଣ ପ୍ରଭୁ ଜଗନ୍ନାଥଙ୍କ ଧାରା ବିବରଣୀ ଦେଉଛନ୍ତି, ତେଣୁ ତାଙ୍କ ଉପରେ କିଛି କହିବେ ଏବଂ ମହିଳାମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ କହିବେ । 'ଓସା'ରେ ଆମେରିକାର ବିଭିନ୍ନ ପ୍ରାନ୍ତରୁ ଓଡିଆମାନେ ଆସିଥାନ୍ତି । ସମସ୍ତେ 'ଓସା' ସମ୍ମିଳନୀକୁ ଚାହିଁ ବସିଥାନ୍ତି କେମିତି ପରସ୍ପର ଭିତରେ ଦେଖାହେବ, ସେମାନେ ଆପଣଙ୍କ କଥା ଶୁଣି ବହୁତ ଖୁସି ହୋଇଯିବେ" କିନ୍ତୁ ଆମର ଟିକେଟ କନଫାର୍ମଡ ଥିବାରୁ ଏବଂ ହସପିଟାଲରୁ ଏକ ମାସରୁ ବେଶୀ ସମୟ ଅନୁପସ୍ଥିତ ରହିଥିବାରୁ 'ଓସା' ସମ୍ମିଳନୀ ଯିବା ଆମ ପକ୍ଷରେ ସମ୍ଭବପର ହେଲା ନାହିଁ । ଯଦିଓ ମୋର ବହୁତ ଇଚ୍ଛାଥିଲା 'ଓସା' ସମ୍ମିଳନୀରେ କହିବା ପାଇଁ ତେବେ ସମୟର ଅଭାବ ହେତୁ ଆଉ ତିନି-ଚାରି ଦିନ ରହିବା ସମ୍ଭବପର ହେଲା ନାହିଁ । ଖୁବ୍ ନମ୍ରତାର ସହ ତାଙ୍କୁ ମନାକରି ଆମେ ଜିନିଷପତ୍ର ପ୍ୟାକ୍ କଲୁ । ଆମେ ଭାରତରୁ ଫ୍ଲୋରିଡା ଗଲାବେଳେ ଆମେରିକାନ୍ ଏୟାର ଲାଇନସ୍‌ରେ ଟିକେଟ ବୁକ୍ କରିଥିଲୁ । ତେଣୁ ନିଉୟର୍କ ନ ହେଇ ନେୱାର୍କରୁ ଆମର ଫ୍ଲାଇଟ ଥିଲା ।

> 'ଓସା'ରେ ଆମେରିକାର ବିଭିନ୍ନ ପ୍ରାନ୍ତରୁ ଓଡିଆମାନେ ଆସିଥାନ୍ତି । ସମସ୍ତେ 'ଓସା' ସମ୍ମିଳନୀକୁ ଚାହିଁ ବସିଥାନ୍ତି କେମିତି ପରସ୍ପର ଭିତରେ ଦେଖାହେବ, ସେମାନେ ଆପଣଙ୍କ କଥା ଶୁଣି ବହୁତ ଖୁସି ହୋଇଯିବେ" କିନ୍ତୁ ଆମର ଟିକେଟ କନଫାର୍ମଡ ଥିବାରୁ ଏବଂ ହସପିଟାଲରୁ ଏକ ମାସରୁ ବେଶୀ ସମୟ ଅନୁପସ୍ଥିତ ରହିଥିବାରୁ 'ଓସା' ସମ୍ମିଳନୀ ଯିବା ଆମ ପକ୍ଷରେ ସମ୍ଭବପର ହେଲା ନାହିଁ ।


ନିଉୟର୍କରେ ଆମର ସାଙ୍ଗ ଡଃ ଉମାବଲ୍ଲଭ ମିଶ୍ର ଏବଂ ତାଙ୍କର ପତ୍ନୀ ଶ୍ରୀମତୀ ଶାନ୍ତି ମିଶ୍ର ରହୁଥିଲେ । ଉମା ଓ ଡଃ ରମାରମଣ ଏମ୍.ବି.ବି.ଏସ୍ ପଢିବା ଦିନୁ ଖୁବ୍ ଭଲ ସାଙ୍ଗ ଥିଲେ । ଶାନ୍ତି ଖୁବ୍ ଭଲ ଛାତ୍ରୀ ଥିଲେ ଏବଂ ଫିଜିକ୍ସରେ ପି.ଏଚ.ଡି କରିବା ପାଇଁ ଆମେରିକା ଗଲେ । ତେଣୁ ଡଃ ଉମା ମଧ୍ୟ ଆମେରିକା ଯାଇ ସେଠି ରେଡିଓ ଥେରାପିରେ ପି.ଜି କରି କ୍ୟାନସର ସ୍ପେସାଲିଷ୍ଟ ହେଲେ । ବର୍ତ୍ତମାନ ତାଙ୍କର ନିଉୟର୍କରେ ନିଜ ହସପିଟାଲ ଅଛି ଏବଂ ସେମାନେ ସେଠି କାମ କରୁଛନ୍ତି । ଆମେ ଫ୍ଲୋରିଡାରେ ପୁଅ ପାଖରେ ଥିବାବେଳେ ପ୍ରାୟ କଥା ବାର୍ତ୍ତା ହେଉ । ଜ୍ୟାକସନଭିଲରୁ ଯାଇ ନିଉୟର୍କରେ ପ୍ରାୟ ଦିନ ୧୦ଟା ବେଳକୁ ପହଞ୍ଚିଲୁ । ଡଃ ଉମାବଲ୍ଲଭ ନିଜେ କହିଥିଲେ ଯେ, ମୁଁ ଓ ଶାନ୍ତି ଦୁହେଁ ଯାଇ ତୁମକୁ ନିଉଓ୍ୱର୍କ ଏଆରପୋର୍ଟରୁ ନେଇ ଆସିବୁ ଏବଂ ତୁମେ ଆମ ଘରେ ଲଞ୍ଚ ଖାଇ ଟିକେ ବିଶ୍ରାମ ନେଲା ପରେ ପୁଣି ଆମେ ତୁମକୁ ନେଇ ନିଉଓ୍ୱର୍କ ଏଆରପୋର୍ଟରେ ଛାଡିଦେବୁ । କାରଣ ଭାରତ ଫେରିବା ପାଇଁ ଫ୍ଲାଇଟ୍ ଥିଲା ରାତି୮ଟା ବେଳକୁ । ଜ୍ୟାକସନଭିଲ ଏଆରପୋର୍ଟରେ ଛାଡିବାକୁ ପୁଅ ବୋହୂ ଓ ଦୁଇ ନାତୁଣି ଆସିଥିଲେ । ଗଲାବେଳକୁ ଦୁହିଁଙ୍କର ଆଖି ଛଳ ଛଳ ହୋଇ ଯାଇଥିଲା ।

ଆମେ ନିଉଓ୍ୱର୍କରେ ପହଞ୍ଚିଲା ବେଳକୁ ଦେଖିଲୁ ଡଃ ଉମା ଓ ଶାନ୍ତି ଆସିଛନ୍ତି । ଏତେଦିନ ପରେ ତାଙ୍କୁ ଦେଖି ବହୁତ ଖୁସି ଲାଗିଲା । ୨୦୧୨ରେ ରଚେଷ୍ଟରରୁ ନିଉଓ୍ୱର୍କ ଆସିଲାବେଳେ ଆମେ ଦିନଟିଏ ଉମାଙ୍କ ଘରେ ଅତିଥି ହୋଇଥିଲୁ । ଏଥର ଭାବିଥିଲୁ କେବଳ ତାଙ୍କ ଘରକୁ ଯାଇ ପଳେଇ ଆସିବୁ । କିନ୍ତୁ ଆମକୁ ଆଶ୍ଚର୍ଯ୍ୟ କରିଦେଇ ଡଃ ଉମା ଓ ଶାନ୍ତି ଯେଉଁ ପ୍ରୋଗ୍ରାମ କରିଥିଲେ ତାହା ଥିଲା ଅତୁଳନୀୟ ଏବଂ ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟଠାରୁ କୌଣସି ଗୁଣରେ କମ୍ ନଥିଲା ।


ତାଙ୍କୁ ଦେଖି ଏସ୍.ସି.ବି ମେଡିକାଲ କଲେଜରେ ପଢୁଥିବା ଦିନର ସବୁ ସ୍ମୃତି ମନେ ପକେଇ ଆମେ ବହୁତ ହସିଲୁଁ ଏବଂ କଥାରେ କଥାରେ ଡଃ ଉମା କହିଲେ ଯେ, ଆଜି ଅନେକ ବର୍ଷ ପରେ ଗୋଟିଏ ସୁନ୍ଦର ଗେଟ୍ ଟୁଗେଦର ହେବ । ଆମେରିକାରେ ରହି ସେଟଲ କରିଥିବା ଆମର ଅନେକ ସାଙ୍ଗମାନଙ୍କ ସହ ଦେଖା ହେବ । ସେମାନେ ହେଲେ ଡଃ ନାନକରାମ ଅଗ୍ରୱାଲ, ଡଃ ଭାସ୍କର ନାୟକ, ଡଃ ଚାନ୍ଦିନୀ ଓ ଡଃ ନିତିନ୍‌ଙ୍କ ସହ । ଆମେ ଖୁସିରେ ଉଚ୍ଛୁଳି ପଡିଲୁ ଏବଂ ପ୍ରାୟ ପଇଁ ଚାଳିଶ ବର୍ଷ ତଳେ ଏମ.ବି.ବି ଏସ୍ ପଢୁଥିବା ବେଳେ କିଏ କେମିତି ଅଛନ୍ତି, ସେ କଥା ଭାବି ଆନନ୍ଦରେ ଉଦ୍‌ବେଳିତ ହୋଇ ଉଠିଲୁ । ଇତି ମଧ୍ୟରେ ଡଃ ଉମାବଲ୍ଲଭ ତାଙ୍କ ଗାଡି ଡଃ ନାନକରାମଙ୍କ ପୋର୍ଟିକୋ ତଳେ ପାର୍କ କରୁଥିଲେ । ବନ୍ଧୁତାର ସେ ଅନନ୍ୟ ଆକର୍ଷଣରେ ଆମେ ସମସ୍ତେ ଉଲ୍ଲସିତ ହୋଇ ଉଠିଥିଲୁ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୩)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ






ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

ଧୀରେ ଧୀରେ 'ଇଲେଭେନ ଷ୍ଟାର' ପୁରା ରାଜନୈତିକ ଆଖଡା ହୋଇ ଯାଇଥିଲା । ଟିମ ଦୁଇ ଦଳରେ ବିଭକ୍ତ ହୋଇ ଯାଇଥିଲା । ପ୍ରଥମ ଦଳର ଲିଡର ଥିଲା ଟିମର ଉପ-କପ୍ତାନ ମିକ୍କି । ତାର ବାପା କୋଲିଆରିରେ ସୁପରିଟେଣ୍ଡେଣ୍ଟ ଇଞ୍ଜିନିଅର (ଏସଇ) ଥିଲେ । ଆଉ ସୋନୁର ଡାଡ ଥିଲେ ଆସିଷ୍ଟାଣ୍ଡ ଜେନେରାଲ ମ୍ୟାନେଜର (ଏଜିଏମ ) ।

ଏଜିଏମର ପୁଅ ହୋଇଥିବାରୁ ସୋନୁର ମୁଣ୍ଡରେ ସବୁବେଳେ ଅହଂକାରର ଭୁତ ସବାର ହେଇକି ଥାଏ । ଆଉ ମିକ୍କି ମଧ ନିଜକୁ ତା ଠାରୁ କିଛି କମ ବୋଲି ଭାବୁ ନ ଥିଲା କାରଣ କୋଲିଆରିରେ ଏସଇ ପଦବୀ ବି ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା । କୋଲିଆରିରେ ଉଭୟଙ୍କର ପିତାଙ୍କ ମଧରେ ଅହିନକୁଳ ସମ୍ପର୍କ ଆଉ ସମାନ୍ତରାଳ ଭାବରେ ସ୍କୁଲ ଠାରୁ ନେଇ ଖେଳ ପଡିଆ ଯାଏଁ ଉଭୟ ଥିଲେ ଉଭୟଙ୍କର 'କମ୍ପିଟିଟର' ।

ଦୁଇ ଜଣ ସମବୟସୀ ଥିଲେ ଆଉ ଜିଲ୍ଲାର ନାମିଦାମୀ ସେଣ୍ଟ କଲମ୍ବସ କନଭେଣ୍ଟ ସ୍କୁଲରେ ସମାନ ଶ୍ରେଣୀର ଛାତ୍ର ଥିଲେ ।

ଅତଏବ ଦୁଇଜଣ ସ୍କୁଲ ଠାରୁ ନେଇ ଖେଳ ପଡିଆ ଯାଏଁ ଉଭୟ ଉଭୟଙ୍କୁ ନୀଚା ଦେଖେଇବାକୁ ଜୀବନ ମୂର୍ଚ୍ଛା ଚେଷ୍ଟାରେ ଲାଗିଥିଲେ ।

ମିକ୍କି ପାଠପଢାରେ ଖୁବ ଭଲ ଥିଲା । ଏଇ ବର୍ଷ ସେକେଣ୍ଡ ଟର୍ମ ଏଗଜାମରେ ତାକୁ ନବେ ପ୍ରତିଶତରୁ ଅଧିକ ମାର୍କ ମିଳିଥିଲା ଓ ସୋନୁକୁ ଅଶି ପ୍ରତିଶତ । ଖେଳ ପଡିଆରେ ମିକ୍କି ନିଜର ନାଇଣ୍ଟି ପରସେଣ୍ଟ ମାର୍କର ଢୋଲ ବଜାଉଥିଲା ଆଉ ସୋନୁ ଏହି ନ୍ୟୁନତାକୁ ଅତିକ୍ରମ କରିବାର ପ୍ରଚେଷ୍ଟାରେ ଚଉକା-ଛକା ମାରୁଥିଲା ଓ କୋଲିଆରିରେ ନିଜ ଡ୍ୟାଡଙ୍କର ପଦ-ପ୍ରତିଷ୍ଠାକୁ ନେଇ ବାହାସ୍ଫୋଟ ମାରୁଥିଲା ।

ସ୍କୁଲରେ ସେମାନେ କଣ କରୁଥିବେ ସେକଥା ପ୍ରଭୁଙ୍କୁ ଜଣା ........ହେଲେ ଖେଳପଡିଆରେ ନିତିପ୍ରତି କିଛି କଥାକୁ ନେଇ ପରସ୍ପର ମଧରେ ବଚସା କରୁଥିଲେ ।

ଦିନେ ମିକ୍କି ମୋତେ କହିଲା ଲାଷ୍ଟ ଟର୍ମରେ ସୋନୁକୁ ଓ ମୋତେ, ଦୁଇଜଣଙ୍କୁ ପଞ୍ଚସ୍ତରୀ ପ୍ରତିଶତ ନମ୍ବର ମିଳିଥିଲା । ଏହି ଟର୍ମରେ ଯେତେବେଳେ ତାକୁ ଅଶୀ ପ୍ରତିଶତ ନମ୍ବର ମିଳିଲା ତାର ଡ୍ୟାଡ ବହୁତ ଖୁସି ହେଲେ । ଏଇ ଖୁସିରେ ସିଏ ସୋନୁର ନମ୍ବର ପଚାରିବାକୁ ଭୁଲିଗଲେ । ହେଲେ ମିକ୍କିର ବାପା କଉ ଛାଡିବା ଲୋକ ।

ସୋନୁର ଡ୍ୟାଡଙ୍କୁ ଯେତେବେଳେ ଏକଥା ଜଣା ପଡିଲା ଯେ ମିକ୍କିକୁ ସୋନୁ ଠାରୁ ଦଶ ପ୍ରତିଶତ ଅଧିକ ନମ୍ବର ମିଳିଛି ସେତେବେଳେ ସିଏ ବିଚଳିତ ହୋଇଉଠିଲେ । ସାଙ୍ଗେ ସାଙ୍ଗେ ସିଏ ଘରକୁ ଫେରି ଆସିଲେ ଓ ସୋନୁକୁ ନୋଳା ଫାଟିବା ଯାଏଁ ପିଟିଲେ । ଝଞ୍ଝଞ୍ଝ

ମିକ୍କି ଓ ସୋନୁକୁ ଛାଡି ଟିମର ବାକି ପିଲାମାନେ ଆସିଷ୍ଟାଣ୍ଡ ମ୍ୟାନେଜର, ଇଞ୍ଜିନିଅର ଓ ଅନ୍ୟାନ୍ୟ କନିଷ୍ଠ ପଦରେ କାର୍ଯ୍ୟ କରୁଥିବା ସେକେଣ୍ଡ କ୍ଲାସ ମ୍ୟାନେଜରଙ୍କର ପୁଅ ଥିଲେ, ଯେଉଁମାନେ ଅଧା ଅଧା ହେଇ ମିକ୍କି ଓ ସୋନୁର ଦଳରେ ସାମିଲ ଥିଲେ ।

ଏକଥା ସତ ଯେ, ପ୍ରକୃତ ପକ୍ଷେ ପ୍ରତିଦ୍ୱନ୍ଦିତା କେବଳ ସମକକ୍ଷଙ୍କ ମଧରେ ହିଁ ହୋଇଥାଏ – ନିଜ ଠାରୁ ଛୋଟ କିମ୍ବା ବଡ ମଧରେ ନୁହେଁ । ବୋଧହୁଏ ସେଇଥିପାଇଁ ସେମାନଙ୍କର ମୋ ସହିତ ପ୍ରତିଦ୍ୱନ୍ଦିତା ନ ଥିଲା ।

ଅର୍ଥାତ ମୁଁ ହୁଏତ ସେମାନଙ୍କ ଉପରେ ଥିଲି....କିମ୍ବା ତଳେ ।

ନା-ନା ! ତାଙ୍କ ଠାରୁ ତଳେ କିମ୍ବା ତାଙ୍କ ଠାରୁ ଛୋଟ ତ ମୁଁ କେବେ ହେଲେ ନ ଥିଲି.... ମିକ୍କି ହେଉ କିମ୍ବା ସୋନୁ, କିମ୍ବା ଟିମର ଅନ୍ୟ କୌଣସି ପିଲା; ମଝିରେ ମଝିରେ, ମଉକା ମିଳିଲେ ମୁଁ ସେମାନଙ୍କୁ ସେମାନଙ୍କର ଶକ୍ତି-ସାମର୍ଥ୍ୟ କଥା ମନେ ପକେଇଦିଏ, ହେଲେ ସେମାନଙ୍କ ମଧରୁ କେହି ହେଲେ ମୋ ସହିତ ଲାଗିବାର ଆସ୍ପର୍ଦ୍ଧା କରୁ ନ ଥିଲେ ।

ଏଇ କଥା ସବୁ ଚିନ୍ତା କରି ମୋର ଛାତି କୁଣ୍ଢେମୋଟ ହୋଇ ଯାଉଥିଲା । ଆମ ଛୋଟ ସହରର ମଝିଆ ମଝି ଥିବା ବଜାରରେ ଥିଲା ରଫିକ ମିଆଁର ଜୋତା ଦୋକାନ । ଦୋକାନରେ ସବୁବେଳେ ଏକ ନିର୍ଦ୍ଦିଷ୍ଟ ଗଜଲର କ୍ୟାସେଟ ବାଜୁଥିଲା । ଗୋଟିଏ ଗଜଲର ଏକ ସାୟରୀର ଶେଷ ପଂକ୍ତି ମୋର ପୁରାପୁରି ମୁଖସ୍ଥ:

'କାହାର ଏତେ ଆସ୍ପର୍ଦ୍ଧା ଯେ ମୋର ଆଖିରେ ଆଖି ମିଶେଇବ !'

ମୁଁ ଯେତେବେଳେ ବି ଏହି ପଙ୍କ୍ତିକୁ ଗୁଣୁଗୁଣାଏ, ଏକ ଅଦ୍ଭୁତ ପ୍ରକାରର ଉତ୍ସାହ ଓ ପୁଲକ ମୋର ଶିରାପ୍ରଶିରାରେ ପ୍ରବାହିତ ହେବାକୁ ଲାଗେ । ସ୍ନାୟୁରେ ଖେଳିଯାଏ ଉତ୍ତେଜନା । ପରେ ମୋତେ କେହି ଜଣେ କହିଥିଲା ଯେ ସେହି ଗଜଲ, ଯାହାର ଅଂଶ ଥିଲା ସେଇ ସାୟରୀ, ତାହାକୁ ରଚନା କରିଥିଲେ ସୁନାମଧନ୍ୟ ସାୟର ଅହମଦ ଫରାଜ ଓ ଗାଇଥିଲେ ଗଜଲ-ସମ୍ରାଟ ମେହେନ୍ଦି ହସନ ।

ମିକ୍କି ଓ ସୋନୁର ପକ୍ଷ ଓ ବିପକ୍ଷରେ ସୃଷ୍ଟି ହୋଇଥିବା ଦଳ ମଧରେ ଏକ ରୋଚକ ଖେଳ ଆରମ୍ଭ ହୋଇ ଯାଇଥିଲା ଯେଉଁଥିରେ ଘୃଣା, ଈର୍ଷା, ଅବିଶ୍ୱାସ, ଉତ୍ତେଜନା, ବିଭିନ୍ନ ପ୍ରକାରର କପଟତାପୂର୍ଣ୍ଣ ରାଜନୀତି, ସବୁ କିଛି ଉପଲବ୍ଧ ଥିଲା ।

ଏହି ଖେଳରେ ମୋତେ ଭାରି ମଜା ଲାଗୁଥିଲା । ତା ସହିତ ଏକ କୁଶଳ ପ୍ରଶାସକ ଓ ରଣନୀତିଜ୍ଞ ହେବାର ସୁଖ ମଧ ମିଳୁଥିଲା ମୋତେ।

ଦିନେ ସକାଳେ ସୋନୁ ନିଜ ଦଳର ପିଲାମାନଙ୍କ ସହ ମୋ ବଙ୍ଗଳାରେ ଆସି ପହଞ୍ଚିଲା । ସିଏ ପୂର୍ବରୁ ମଧ ଥରେ, ଦୁଇଥର ମୋତେ କଥାରେ କଥାରେ ହିଣ୍ଟ ଦେଇଥିଲା ଯେ ସିଏ ଉପ-କପ୍ତାନ ହେବାକୁ ଚାହୁଁଛି । ଗତ ତିନି-ଚାରିଟି ମ୍ୟାଚରେ ତାର ପ୍ରଦର୍ଶନ ଭଲ ଥିଲା । ସପ୍ତାହେ ପୂର୍ବରୁ ଆମ ଅଞ୍ଚଳର ଏକ ଶକ୍ତିଶାଳୀ ଟିମ 'ସୁପର ଇଲେଭେନ' ବିପକ୍ଷରେ ଖେଳି ସିଏ ସବୁଠାରୁ ଅଧିକ ପଚିଶ ରନ କରିଥିଲା ଯେତେବେଳେ କି ଏକୋଇଶ ରନ କରିସାରି ଗୋଟେ ଛକା ମାରିବାର ଚେଷ୍ଟାରେ ମୁଁ ଲେଗ-ୱିକେଟ ବାଉଣ୍ଡାରୀରେ ଆଉଟ ହୋଇ ଯାଇଥିଲି ।

ସୋନୁ ଓ ତାର ଚାମଚାମାନଙ୍କୁ ମୁଁ ଖୁବ ସଙ୍କୋଚର ସହିତ ଡ୍ରଇଂରୁମର ବେତ ଚୌକିରେ ବସେଇଲି । ଚୌକିଗୁଡିକ ଦୁର୍ଲଭ ଦେଖା ଯାଉଥିଲେ ଓ ଦାମିକା ହୋଇଥିଲେ ମଧ କୌଣସି ଆକର୍ଷଣ ସୃଷ୍ଟି କରିବାରେ ଅକ୍ଷମ ଥିଲେ କାରଣ ସେଗୁଡିକ କେବେ ଦିନେ ଜେଜେବାପାଙ୍କ ଅମଳରେ କିଣା ହୋଇଥିଲା ଆଉ ତାଙ୍କ ପରେ ବୋଧହୁଏ କେବେ ହେଲେ ଆଉ ରଙ୍ଗ-ବାର୍ନିସ କରା ଯାଇ ନ ଥିଲା । ବଙ୍ଗଳାର କାନ୍ଥରେ ବି ବିଗତ ସାତ-ଆଠ ବର୍ଷ ଭିତରେ ଥରେ ହେଲେ ଡିସଟେମ୍ପର ଚଢି ନ ଥିଲା ଆଉ କାନ୍ଥରୁ ରଙ୍ଗ ଛାଡି ଯାଇ ସେସବୁ ବହୁତ ଖରାପ ଦିଶୁଥିଲେ । କାନ୍ଥରେ ଲଗା ଯାଇଥିବା ଫିକା ହଳଦିଆ ରଙ୍ଗର ଡିସଟେମ୍ପର ସ୍ଥାନେ ସ୍ଥାନେ ଖୋଳପା ପରି ଉଲୁରି ଯାଇଥିଲା ଆଉ ତା ପଛ ପଟୁ ରଙ୍ଗଛଡା ପୁରୁଣା ନୀଳ ରଙ୍ଗର ଡିସଟେମ୍ପର ଉଙ୍କି ମାରୁଥିଲା । ମୋର ହୃଦୟ ସରମରେ ଦହି ହେଇ ଯାଉଥିଲା ।

ମୁଁ ମନେ ମନେ 'କାହାର ଏତେ ଆସ୍ପର୍ଦ୍ଧା ଯେ ମୋ ଆଖିରେ ଆଖି ମିଶେଇବ'ର ଆତ୍ମଶକ୍ତି ସୂତ୍ରକୁ ଜପୁଥିଲି ।

"ଏହି ମ୍ୟାଚ ପରେ ଟିମର ଭାଇସ କ୍ୟାପଟେନ ହେବା ହେଉଛି ମୋର ଅଧିକାର", ବିନା କୌଣସି ଉପକ୍ରମଣିକାରେ ସିଏ ସିଧା ସିଧା ନିଜ କଥା ରଖିଲା । ତା ସହିତ ଆସିଥିବା ତାର ଚାମଚାମନେ ମଧ ତାର 'ହଁ' ରେ 'ହଁ' ମିଳେଇଲେ ।

ମୁଁ ଏବେ ଏକ ଅଜବ ପ୍ରକାରର ଧର୍ମସଙ୍କଟରେ ପଡି ଯାଇଥିଲି । 'ଧର୍ମ ସଙ୍କଟ 'ନୁହେଁ, ଏହାକୁ 'ପ୍ରେମ ସଙ୍କଟ' ବୋଲି ମଧ କହି ପାରିବେ । ପ୍ରକୃତରେ ମୁଁ ମିକ୍କିକୁ ବହୁତ ଭଲ ପାଉଥିଲି । ହେଲେ ନିଜର ଆଚାର ବ୍ୟବହାର ଦ୍ୱାରା ମୁଁ ଏହି କଥା ଟିମର ବାକି ପିଲାମାନଙ୍କୁ ଜାଣିବାକୁ ଦେଇ ନ ଥିଲି । ଏମିତି ନୁହେଁ ଯେ ମିକ୍କି କୌଣସି 'ସୁନା ଅଣ୍ଡା ଦିଆ ହଂସ' ଥିଲା ।

(କ୍ରମଶଃ)

ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

## ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭଙ୍ଗାଗଲା ଗଦରେଜ ଚାବି

ବାଲିଆପାଳ, ୧୫/୦୧ (ନି.ପ୍ର): ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ କରୁଥିବା ଅଧିକାରୀ ଦିବାକର ପ୍ରଧାନ । ଗତ ୩୧/୫/୨୧ରେ ଅବସରଗ୍ରହଣ କରିଥିଲେ ମଧ ଦାୟିତ୍ୱ ହସ୍ତାନ୍ତର କରୁନଥିଲେ । ଫଳରେ ଲୋକମାନେ ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପାଇପାରୁନଥିଲେ । ବାଲିଆପାଳ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡ.ବେଣୁଧର ହୁଇ ଏବିଷୟରେ ବାଲେଶ୍ୱର ସିଡିଏମ ଜଣାଇଥିଲେ । ଆଜି ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଏଡିପିଏଚଓ ଡା.ରଞ୍ଜନ କୁମାର ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ଥାନା ଏସଆଇ ଜଗନ୍ନାଥ ମାରାଣ୍ଡିଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ ବ୍ୟବହାର କରୁଥିବା ଆଲମାରୀର ତାଲା ଭଙ୍ଗା ଯାଇ ଇନଚାର୍ଜ ଡା. ଶ୍ରୀ ହୁଇଙ୍କୁ ସମସ୍ତ କାଗଜପତ୍ର ପ୍ରଦାନ କରାଯାଇଛି ।

## ପୂର୍ବତନ ନଗରପାଳଙ୍କ ବିୟୋଗରେ ଶୋକସଭା

ଜଳେଶ୍ୱର, ୧୫/୧(ନିପ୍ର): ଜଳେଶ୍ୱରର ପୂର୍ବତନ ପୌରପାଳ ତଥା ଲୋକପ୍ରିୟ ନେତା ବସନ୍ତ ସେନାପତିଙ୍କ ବିୟୋଗରେ ଆଜି କୋଟ ବଜାରଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କଂଗ୍ରେସ ନଗର ସଭାପତି ଗିରିଜା ଶଂକର ଦାସ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ଫରିଦ୍ ଅହମ୍ମଦ, କାଦମ୍ବିନୀ ରାୟ, ସୁଦାମ ପାତ୍ର, ରାଜିବ ପରିଡା, ହେମନ୍ତ ଗିରି, ରିଆଜ୍ ଖାଁ, ଜଗଦୀଶ ନନ୍ଦ. ଲକ୍ଷ୍ମୀଧର ସାମଲ, ସଂଜିବ ରାୟ, ପ୍ରଦୀପ ଭଂଜ, ସବ୍ୟସାଚୀ ଦାସ, ଦେବଦୁଲାଲ ଦାସ, ଗୋପାଳ ଚାନ୍ଦ, ରଂଗିତ ଗିରି, ଶୋଭିତ୍ ଜେନା ପ୍ରମୁଖ ସ୍ୱର୍ଗତ ବସନ୍ତ ସେନାପତିଙ୍କ ମାନବିକତା, ଆଦର୍ଶ ଏବଂ ଜଣେ ସୁକ୍ଷାତିସମ୍ପନ୍ନ ପୌରାଧକ୍ଷ୍ୟଭାବେ ତାଙ୍କୁ ଚିର ଅମର କରି ରଖିବ ବୋଲି କହିଥିଲେ ।

## ୧୦୭ ପୌରସଭା ଲାଗି ସଂରକ୍ଷଣ ଘୋଷଣା : ଜଳେଶ୍ୱର ଅଣସଂରକ୍ଷିତ

ଜଳେଶ୍ୱର ୧୫/୧(ନିପ୍ର): ଆଜି ବହୁ ପ୍ରତିକ୍ଷିତ ପୌରସଭା ନିର୍ବାଚନ ଲାଗି ପଦ ସଂରକ୍ଷଣ ଘୋଷଣ କରାଯାଇଛି । ସହରାଞ୍ଚଳ ବିଭାଗର ଚିଠି ନଂ ୯୩୩ ତା ୧୫-୧-୨୨ ଅନୁଯାୟୀ ରାଜ୍ୟର ୧୦୭ ଟି ପୌରସଭାଲାଗି ପଦ ଘୋଷିତ ହୋଇଥିବା ବେଳେ ୪୨ଟି ଅଣ ସଂରକ୍ଷିତ, ୪୦ଟି ମହିଳା, ୩ଟି ଜନଜାତି, ୫ଟି ଅନୁସୂଚିତ ଜନଜାତି ମହିଳା, ୮ଟି ଅନୁସୂଚିତ ଜାତି ଓ ୯ଟି ଅନୁସୂଚିତ ଜାତି ମହିଳାଙ୍କ ଲାଗି ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ଏଥିରେ ଜଳେଶ୍ୱର ପୌରପାଳିକା ଅଣସଂରକ୍ଷିତ ରହିଥିବା ଜଣାଯାଇଛି । ସୂଚନାଯୋଗ୍ୟ ପୌରନିର୍ବାଚର ଅବଧି ୩ବର୍ଷ ପରେ ଏପରି ନିର୍ବାଚନ ହେବାକୁ ଯାଉଥିବାରୁ ଆଶାୟୀ ପ୍ରାର୍ଥୀ ଓ ଭୋଟର ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଖିବାକୁ ମିଳିଛି । ଚଳିତ ନିର୍ବାଚନରେ ସିଧାସଳଖ ପୌରାଧକ୍ଷ୍ୟ ପଦବି ନିର୍ବାଚନ ହେବାକୁ ଯାଉଥିବାରୁ ଏଥିଲାଗି ଦଳୀୟ କର୍ମୀଙ୍କ ମଧ୍ୟରେ ଅଂକ କଷା ଆରମ୍ଭ ହୋଇଛି ।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର ଜନ୍ମ ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା ଦାବି



ବାରିପଦା,୧୫/୦୧ (ନି.ପ୍ର): ନବ ଉତ୍କଳର ଅନ୍ୟତମ ନିର୍ମାତା ମୟୂରଭଞ୍ଜର ପ୍ରାତଃ ସ୍ମରଣୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କର ଜନ୍ମ ଜୟନ୍ତୀ ଡିସେମ୍ବର ୧୭ ତାରିଖକୁ ସରକାରୀ ଛୁଟି ଭାବରେ ଘୋଷଣା କରିବା ପାଇଁ ଓଡିଆ ଜାଗରଣ ମଂଚ ମୟୂରଭଞ୍ଜ, ବାରିପଦା ଆନୁକୁଲ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ମୟୂରଭଞ୍ଜ ମହାରାଜାଙ୍କୁ ୩୬ଗୋଟି ଗଡ଼ଜାତ ରାଜ୍ୟ ଓ ସମଗ୍ର ଭାରତ ବର୍ଷରେ ୫୪୦ଟି ଗଡ଼ଜାତ ରାଜ୍ୟ ତାଙ୍କ ସଭାପତି ବା ମୁଖ୍ୟ ଉପଦେଷ୍ଟା ଭାବରେ ଗ୍ରହଣ କରିଥିଲେ । ତାଙ୍କ ଶାସନ ସମୟରେ ତାଙ୍କ ଶାସିତ ରାଜ୍ୟକୁ ମୟୂରଭଞ୍ଜର ସୁବର୍ଣ ଯୁଗ କୁହାଯାଉଥିଲା ଏବଂ ସମଗ୍ର ଭାରତବର୍ଷରେ ଗଣତନ୍ତ୍ର ଶାସନ ନଥିବା ବେଳେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ପ୍ରଜାସଭା ଥିଲା ଓ ପ୍ରଜାର ମତ ନେଇ ସେ ଆଇନ ପ୍ରଣୟନ କରୁଥିଲେ । ମୟୂରଭଞ୍ଜ ଛଉ ନୃତ୍ୟକୁ ପ୍ରସାହିତ କରି ବିଶ୍ୱସ୍ତରୀୟ ଲୋକନୃତ୍ୟ ରୂପରେ ସ୍ୱୀକୃତି ପ୍ରାପ୍ତ ହୋଇଥିଲା । ସମଗ୍ର ବିଶ୍ୱ ଭ୍ରମଣ କରି ଏକ ଦକ୍ଷ ସାଶନ ବ୍ୟବସ୍ଥା ପ୍ରଦର୍ଶନ କରିପାରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମୀକା ବେଶ ଗୁରୁତ୍ୱପୁର୍ଣ୍ଣ ଥିଲା । ସେ ମଧୁବାବୁଙ୍କ ଦ୍ୱାରା ଗଠିତ ଉତ୍କଳ ସମ୍ମିଳନୀରେ ପ୍ରଥମ ସଭାପତି ଭାବରେ ଅଧିଷ୍ଠିତ ହେବା ସହ ଓଡିଶାର ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଏଣୁ ତାଙ୍କ ଜନ୍ମ ଜୟନ୍ତୀକୁ ଛୁଟି ଘୋଷଣା ସଙ୍ଗେ ସଙ୍ଗେ ପାଠ୍ୟକ୍ରମ ଇତିହାସ ପୃଷ୍ଠାରେ ସ୍ଥାନିତ କରିବା ପାଇଁ ଦାବିପତ୍ରରେ ନିବେଦନ କରାଯାଇଅଛି । ଓଡିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବରିଷ୍ଠ କର୍ମକର୍ତ୍ତା ନରେନ୍ଦ୍ର ମୋହନ ସେନାପତି, ଲୋକନାଥ ଦାସ, ପିତାମ୍ବର ମଲିକ, ଗୋଲକ ଚନ୍ଦ୍ର ମହାନ୍ତି, ଲିଙ୍ଗରାଜ ମିଶ୍ର, ଉଦୟ ନାଥ ଜେନା, ଜ୍ଞାନରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିବା ସହିତ ମହାରାଜାଙ୍କ ଜୀବନୀ ସମ୍ବଳିତ ତଥ୍ୟ ମଧ ଏହି ଦାବିପତ୍ର ସହିତ ସଂଯୋଗ କରାଯାଇଅଛି ।

# ବାଲିଆପାଳ ବ୍ଲକ କଳାକାର ସଂଘ ତରଫରୁ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ମିହିର ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ବାଲିଆପାଳ, ୧୫/୦୧ (ନି.ପ୍ର): ବାଲିଆପାଳ ବ୍ଲକ କଳାକାର ସଂଘ ପକ୍ଷରୁ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାର ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ମିହିର ଦାସଙ୍କୁ ସଂଘ ପକ୍ଷରୁ ମହାତ୍ମା ମଠ ପରିସରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ସ୍ୱର୍ଗତ ମିହିର ଦାସ ପିଲାଦିନରୁ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରି ସବୁ ପ୍ରକାର ଚରିତ୍ରରେ ନିଖୁଣ ଅଭିନୟ କରି ସାରା ଓଡିଶାର ପୁର ପଲ୍ଲୀରେ ବେଶ ପରିଚିତ ହୋଇପାରିଥିଲେ । ତାଙ୍କ ବିୟୋଗରେ ଓଡିଶାର କଳାଜଗତରେ ଏକ ଅପୂରଣୀୟ କ୍ଷତି ହେଲା । ଏହି ମର୍ମରେ ସଂଘ ପକ୍ଷରୁ ସଭାପତି ଝାଡେଶ୍ୱର ପ୍ରଧାନ, ସଂପାଦକ ପ୍ରଫୁଲ କୁମାର ବାଗ, ପ୍ରକାଶ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ନାୟକ, ନିତ୍ୟାନନ୍ଦ ସାହୁ,ପୂର୍ଣ୍ଣଚନ୍ଦ୍ର ଦାସ, କମଳଲୋଚନ ଜେନା, ଭୋଳାନାଥ ଗିରି, ବରେନ୍ଦ୍ର କୁମାର ନାୟକ, ସଦାଶିବ ଜେନା,ସୁଧାଂଶୁ ଶେଖର ଗିରି, ଦୈତାରୀ ଲେଙ୍କା, ରାଧାରମଣ ରାଉତ, ମହେଶ୍ୱର ସାହୁ, ସୁଦର୍ଶନ ଦାସ ପ୍ରମୁଖ କଳାକାରମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ୧୫ ଦିନ ଅନ୍ଧକାର

ଜଳେଶ୍ୱର, ୧୫/୧(ନିପ୍ର): ରାଇବଣିଆ ଥାନା ଅନ୍ତର୍ଗତ କୁଅଁରପୁର ପାଣିଟାଙ୍କି ନିକଟସ୍ଥ ଟ୍ରାନ୍ସଫରମର ଗତ ୫ ତାରିଖରେ ପୋଡି ଯାଇଥିବା ବେଳେ ସମସ୍ତ ବକେୟା ବିଲ ପୈଠ କରାଯାଇଥିଲେ ମଧ୍ୟ ଟ୍ରନ୍ସଫରମର ସଂଯୋଗ ଦାବିରେ ଆଜି ଗ୍ରାମବାସୀଙ୍କ ପକ୍ଷରୁ ଗଣଧାରଣା ଅନୁଷ୍ଠିତ ହୋଇ ଯାଇଛି । ସିପୁ ଘଡେଇ, ଗୁରୁପ୍ରସାଦ ଘଡେଇ, ଗୋବର୍ଦ୍ଧନ ଘୋଷ, ପୂର୍ଣ୍ଣଚନ୍ଦ୍ର ଘୋଷ, ଶ୍ରୀପତି ପାଳ, ସୁଭେନ୍ ପାତ୍ର, ତପନ ପାତ୍ରଙ୍କ ନେତୃତ୍ୱରେ ଏହି ଘଣଧାରଣା ଚାଲିଥିବା ବେଳେ ରାଇବଣିଆ ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାନ୍ସଫରମର ଲଗାଇବା ପ୍ରତିଶ୍ରୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

# ଜିଲ୍ଲା ଚେୟାରମେନ୍ ଚୌକି ପାଇଁ ଗତିନନାଙ୍କ ସମ୍ମାନର ପ୍ରଶ୍ନ

## ନନାଙ୍କୁ ଦମନ ପାଇଁ ବିଜେପିର ସମୁଦ୍ରମନ୍ଥନ

ନୀଳଗିରି, ୧୫/୦୧ (ନି.ପ୍ର): ଆଗାମୀ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ବିଜ୍ଞପ୍ତି ପ୍ରକାଶ ପରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ପ୍ରାର୍ଥୀ ଚୟନ ଜୋରଦାର ଚାଲିଥିବା ବେଳେ ଜିଲ୍ଲା ପରିଷଦ ପାଇଁ ଉଭୟ ଶାସକଦଳ ଓ ବିରୋଧି ବିଜେପି ଦଳ ମଧ୍ୟରେ ଜୋରଦାର ଅଙ୍କ କଷା ଚାଲିଥିବା ବେଳେ ନୀଳଗିରି ନିର୍ବାଚନ ମଣ୍ଡଳୀରେ ଔପଦା ଓ ନୀଳଗିରି ବ୍ଲକରେ ୫ଟି ଜିଲ୍ଲା ପରିଷଦ ପଦବୀ ଥିବା ବେଳେ ବାହାନଗା ବ୍ଲକରେ ୫ଟି ପଂଚାୟତ ନୀଳଗିରି ନିର୍ବାଚନ ମଣ୍ଡଳୀରେ ରହିଥିବା ବେଳେ ମୁଖ୍ୟତଃ ୧୩ନଂ.ଜୋନ ଉପରେ ଉଭୟ ବିଜେଡି ଓ ବିଜେପି ଦଳର ଫୋକସ ରହିଛି । ବାଲେଶ୍ୱର ଜିଲ୍ଲାର ଚେୟାରମେନ ପଦବୀଟି ଜେନେରାଲଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲାର ବିଜେଡିର ବେଶ ଚର୍ଚ୍ଚିତ ଚେହେରା ଗତିକୃଷ୍ଣ ନନ୍ଦଙ୍କ ପାଇଁ ସମ୍ମାନର ପ୍ରଶ୍ନ ଉଠିଛି । ୧୩ନଂ. ଜୋନଟି ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଉକ୍ତ ଜୋନର ଚର୍ଚ୍ଚିତ ଚେହେରା ତଥା ରାଜ୍ୟ ବିଜେଡିର ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦଙ୍କ ନାମ ଚୂଡ଼ାନ୍ତ ହୋଇଥିବା ବେଳେ ଜିଲ୍ଲା ଚେୟାରମ୍ୟାନ ଚୌକି ପାଇଁ ଦାବିଦାର ରହୁଥିବା ନେଇ ବିଜେଡି ଦଳ ନେତୃମଣ୍ଡଳୀଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା ଜୋର ଧରିଥିବା ଶୁଣିବାକୁ ମିଳୁଛି । ଉକ୍ତ ଜୋନଟି ଗତି ନନାଙ୍କ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଗତି ନନାଙ୍କ ଜନତାଙ୍କ ସହ ସଂପର୍କ ପଂଚାୟତ ନିର୍ବାଚନରେ ଆର୍ଶିବାଦ ଢ଼ାଳି ପାରେ ବୋଲି ଜୋନରେ ଚର୍ଚ୍ଚା ଚାଲିଛି । ଗତି ନନାଙ୍କୁ ଟକ୍କର ଦେବା ପାଇଁ ବିରୋଧି ବିଜେପି ଦଳ ଉକ୍ତ ଜୋନର ତୁଙ୍ଗ ଯୁବନେତା ସମାଜସେବୀ ତାପସ ମହାନ୍ତି ଙ୍କ ନାମ ସୁପାରିଶ କରିଥିବା ବେଳେ ଶାସକ ବିଜେଡି ଦଳକୁ ଶକ୍ତଧକ୍କା ଦେବା ପାଇଁ ଏବେଠୁଁ ସମୁଦ୍ରମନ୍ଥନ ଆରମ୍ଭ କରିଛି । ମୋଦି ସରକାରଙ୍କର ଜନହିତକର କାର୍ଯ୍ୟ, ସୁଶାସନକୁ ମୁଦ୍ଦା କରି ନିର୍ବାଚନ ପାରହେବାକୁ ପ୍ରୟାସ ଜାରି ରଖିଛି । ତେବେ ମୋଟାମୋଟି ଉପରେ ୧୩ନଂ.ଜୋନଟି ଜିଲ୍ଲା ପରିଷଦ ପଦବୀ ପାଇଁ ଶାସକ ବିଜେଡି ଦଳ ପାଇଁ କର ବା ମର ପରିସ୍ଥିତିଉପୁଜିଛି ।

# ଫେଟ ଲକ୍ସ ପ୍ରିମିୟର ଲିଗମ୍ୟାଚ : ୫ମ ଦିନରେ ମା' ଭୂଧାରଚଣ୍ଡି ବିଜୟୀ



ନୀଳଗିରି, ୧୫/୦୧ (ନି.ପ୍ର): ନୀଳଗିରିର ଅଗ୍ରଣୀ ବହୁ ପୁରାତନ ଫ୍ୟାଟଲକ୍ସ କ୍ଲବ ପକ୍ଷରୁ ଫ୍ୟାଟ ଲକ୍ସ କ୍ରିକେଟ ପ୍ରିମିୟମ ଲିଗ୍ ମ୍ୟାଚରେ ଆଜି ୫ମ ଦିନରେ ମା ଭୂଧାରଚଣ୍ଡି ୱାରିୟର୍ସ ଓ ମା ବଡ଼କାଳିଆ ଟିମ ମଧ୍ୟରେ ଖେଳ ହୋଇଥିବାବେଳେ ମା' ଭୂଧାରଚଣ୍ଡି ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା ବେଳେ ମା ବଡ଼କାଳିଆ ଟିମ୍ ୧୦ ଉଇକେଟ ହରାଇ ୪୫ରନ ରେ ପରାଜୟ ହୋଇଛି । ଯଶୋବନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଛି । ଆଜିର ଖେଳକୁ ମାନସ ସିଂ, ଜଗନ୍ନାଥ ଦାସ ପରିଚାଳନା କରିଥିବା ବେଳେ ସୋମନାଥ ନାୟକ ଓ ଉମାଶଙ୍କର ରାଉତ ସହଯୋଗ କରିଥିଲେ । ବିଜୟୀ ଦଳକୁ କ୍ଲବର ପୂର୍ବତନ ସଭାପତି ଦୀପ୍ତିକାନ୍ତ ପୃଷ୍ଟି ଓ ନୂତନ ସଭାପତି ଉଦୟଜ୍ୟୋତି ମହାନ୍ତି ସଂପାଦକ ସବ୍ୟସାଚୀ ମହାପାତ୍ର ପୁରସ୍କୃତ କରିବା ସହ କ୍ଲବର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ।

# କୋର୍ଟରେ ଚାଲିଛି ଛାଡ଼ପତ୍ର ମାମଲା : ସ୍ତ୍ରୀକୁ ଫେରାଇ ନେବାକୁ ଆସି ଛେଚା ଖାଇଲେ ସ୍ୱାମୀ

ନୀଳଗିରି, ୧୫/୦୧ (ନି.ପ୍ର): ବିବାହର ୧ମାସ ନ ପୁରୁଣୁ ନିର୍ଯ୍ୟାତନା ଆରମ୍ଭ କରିଥିଲା ସ୍ୱାମୀ । ସ୍ୱାମୀଙ୍କ ନିର୍ଯ୍ୟାତନାକୁ ପିଠିରେ ପକାଇ ଦୀର୍ଘ ୧୨ବର୍ଷ ଧରି ସ୍ୱାମୀଙ୍କ ପାଖରେ ରହିଆସୁଥିଲା ସ୍ତ୍ରୀ । ନିର୍ଯ୍ୟାତନାର ସୀମା ଟପିଲା ପରେ ଆଜକୁ ୧୦ମାସ ଧରି ଛାଡ଼ି ପଳାଇ ଆସିଥିଲା ନିଜ ମାମୁଁ ଘର ଅଯୋଧ୍ୟାକୁ । ୧୨ବର୍ଷର ଝିଅ ଓ ୫ବର୍ଷର ଝିଅକୁ ମୁହଁକୁ ନ ଅନାଇ ସ୍ୱାମୀଙ୍କ ଠାରେ ଛାଡ଼ି ଦେଇ ପଳାଇ ଆସିଥିଲା । ଏହା ଭିତରେ ବାଲେଶ୍ୱର ଫ୍ୟାମିଲି କୋର୍ଟରେ ଗତ ତା.୦୯.୧୧.୨୧ରିଖରେ ଛାଡ଼ପତ୍ର ମାମଲା ଦାଏର କରିଛନ୍ତି । ଗତକାଲି ସନ୍ଧ୍ୟା ପ୍ରାୟ ୭ଘଟିକା ସମୟରେ ସ୍ୱାମୀ ନିଜର ସଂପର୍କୀୟମାନଙ୍କୁ ଧରି ୨ଟି ଗାଡ଼ିରେ ମାମୁଁ ଘର ଅଯୋଧାରେ ପହଂଚିଥିଲେ । ସ୍ତ୍ରୀକୁ ଫେରାଇ ନବୋପାଇଁ ସାଙ୍ଗରେ ୨ଟି ଝିଅକୁ ଆଣିଥିଲେ । ବହୁ ବୁଝାସୁଝା କଲା ପରେ ବି ସ୍ତ୍ରୀ ସ୍ୱାମୀଙ୍କ ସହିତ ନ ଯିବା ପାଇଁ ଯିଦ୍ ଧରିବାରୁ ସ୍ୱାମୀ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀକୁ ପିଟାମରା କରିଥିଲେ । ଚିତ୍କାର ଶୁଣି ଗାଁ ଲୋକେ ଏକଯୁଟ ହୋଇ ସ୍ୱାମୀ ପିଟାମରା କରିଥିଲେ । ପରେ ଅଯୋଧା ଫାଣ୍ଡି ଅଧିକାରୀ ପ୍ରବୋଧ ମଲ୍ଲିକ ନୀଳଗିରି ଆଇ.ଆଇ.ସି. ଦ୍ରୌପଦୀ ଦାସ, ସବ୍‌ଇନିସପେକ୍ଟର ବାସୁଦେବ ଜୟସିଂ, ଘଟଣାସ୍ଥଳରେ ପହଂଚି ସ୍ୱାମୀକୁ ନୀଳଗିରି ଥାନାକୁ ଆଣିଥିଲେ । ପରେ ସ୍ତ୍ରୀ ଏ ନେଇ ନୀଳଗିରି ଥାନାରେ ଅଭିଯୋଗ କରିଅଛି । ସୂଚନାଥାଉକି ବଡ଼ସାହି ଥାନା ଅଧିନସ୍ଥ ଅଜିତ ଜେନାଙ୍କ ଝିଅ ଦେବସ୍ମିତାକୁ ବୈଦିକ ରୀତିରେ ବସ୍ତା ଥାନା ଅଧିନସ୍ଥ ସମରାୟପୁର ଗାଁର ପ୍ରଥମଦାସ ଅଧିକାରୀଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ସ୍ୱାମୀ ପ୍ରମଥ ଦେବସ୍ମିତାକୁ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲା । ଦୀର୍ଘ ୧୨ବର୍ଷ ଧରି ସ୍ୱାମୀ ଙ୍କ ନିର୍ଯ୍ୟାତନାକୁ ସହି ଆସୁଥିଲା ପରେ ନିର୍ଯ୍ୟାତନା ର ସୀମା ଟପିଯିବାରୁ ଆଜକୁ ୧୦ମାସ ପୂର୍ବରୁ ସ୍ୱାମୀ ଓ ଦୁଇ ଝିଅକୁ ଛାଡ଼ି ନିଜର ମାମୁଁ ଘର ଅଯୋଧା ଗ୍ରାମର କ୍ଷିତିଶ କୁମାର ନାୟକଙ୍କ ଘରେ ରହି ଆସୁଛନ୍ତି । ଦେବସ୍ମିତାର ରହିବା ପାଇଁ ମାମୁଁ ଅଯୋଧା ଗ୍ରାମରେ ୨ବଖରା ଆଜବେଷ୍ଟସ ଘର ମଧ କରିଦେଇଥିଲେ । ଉକ୍ତ ଘରେ ଦେବସ୍ମିତା ଏକାକି ରହି ଆସୁଥିଲେ । ବାଲେଶ୍ୱର ଫ୍ୟାମିଲି କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିବା ବେଳେ ଗତ୧୪ତାରିଖ ସନ୍ଧ୍ୟାରେ ସ୍ୱାମୀ ଅଯୋଧାରେ ପହଂଚି ନିଜସ୍ତ୍ରୀ କୁ ପିଟାମରା କରିଥିଲା । ପିଟାମରାରେ ଦେବସ୍ମିତା କ୍ଷତବିକ୍ଷତ ହୋଇଥିବା ଦେଖିବାକୁ ମିଳିଛି । ଏ ନେଇ ଦେବସ୍ମିତା ନୀଳଗିରି ଥାନାରେ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଷଲ । ନୀଳଗିରି ଥାନା ପକ୍ଷରୁ ୨୫/୨୨ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଟେଷ୍ଟ ଅଧିନାୟକ ପଦ....

ବିଶ୍ୱାସ କରୁଥିବାରୁ ବିରାଟ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଭାରତୀୟ କ୍ରିକେଟ୍ ଟିମ୍‌କୁ ଆଗେଇ ନେବେ ବୋଲି ଧୋନି ସବୁବେଳେ ବିଶ୍ୱାସ କରୁଥିବା ବିରାଟ ଏଥିରେ ଉଲ୍ଲେଖ କରିଛନ୍ତି । ବିରାଟ କୋହଲି ଟେଷ୍ଟ ଅଧିନାୟକ ପଦ ଛାଡ଼ିବା ପରେ ବିସିସିଆଇ ଟ୍ୱିଟ୍ କରି ତାଙ୍କ ନେତୃତ୍ୱର ପ୍ରଶଂସା କରିଛି । ୨୦୧୪ ମସିହାରେ ବିରାଟ କୋହଲି ଭାରତୀୟ ଟିମ୍‌ର ଟେଷ୍ଟ ଅଧିନାୟକ ଭାବେ ଦାୟିତ୍ୱ ନେଇଥିଲେ । ସେ ମହେନ୍ଦ୍ର ସିଂହ ଧୋନିଙ୍କ ଠାରୁ ଏହି ଦାୟିତ୍ୱ ନେଇଥିଲେ । ତାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ୬୮ଟି ଟେଷ୍ଟ୍ ମ୍ୟାଚ୍ ଖେଳିଥିବା ବେଳେ ୪୦ଟିରେ ବିଜୟ ହାସଲ କରିଛି । ଗତ ବର୍ଷ ଡିସେମ୍ବରରେ ବିରାଟଙ୍କୁ ଟିମ୍ ଇଣ୍ଡିଆର ଦିନିକିଆ ଅଧିନାୟକ ଦାୟିତ୍ୱରୁ ମୁକ୍ତ କରାଯାଇଥିଲା । ଏହି ଦାୟିତ୍ୱ ରୋହିତ ଶର୍ମାଙ୍କୁ ଦିଆଯାଇଛି ।

## ଦିଲ୍ଲୀରେ ବେକାବୁ ଓମିକ୍ରନ....

୨୪ ଘଂଟା ଭିତରେ ଏହାର ସଂଖ୍ୟା ୫.୧ ପ୍ରତିଶତ ବୃଦ୍ଧି ପାଇଛି । ତେବେ ୨୪ ଘଂଟାରେ ୧ଲକ୍ଷ ୨୨ହଜାର ୬୮୪ଜଣ ସୁସ୍ଥ ହେଲେଣି । ଦେଶରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩କୋଟି ୪୯ଲକ୍ଷ ୪୭ ହଜାର ୩୦୯ ରହିଛି । ସ୍ୱାସ୍ଥ୍ୟବିଶେଷଜ୍ଞ କହିଛନ୍ତି ନୂଆ କରୋନା ପ୍ରଜାତି ଦ୍ରୁତ ବେଗରେ ମାଡୁଛି ତ କିନ୍ତୁ ଏହା ବିଶେଷ କ୍ଷତିକାର ସାବ୍ୟସ୍ତ ହେଉନି । ତେଣୁ ଡାକ୍ତରଖାନାରେ ରୋଗୀଙ୍କ ଭର୍ତି ସଂଖ୍ୟା ପୂର୍ବ ଦୁଇ ଲହର ଅନୁପାତରେ କମ୍ ରହିଛି । ଟିକାର ଡବଲ ଡୋଜ ବ୍ୟକ୍ତି କମ ସଂକ୍ରମିତ ହେଉଛନ୍ତି । ପ୍ରଟୋକୋଲ ଭାଙ୍ଗିବା ଯୋଗୁଁ ସଂକ୍ରମଣ ବୃଦ୍ଧି ପଛରେ ପ୍ରମୁଖ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ।ଏବେ ସୁଦ୍ଧା ଦେଶରେ ୧୫୬ କୋଟି ୨ ଲକ୍ଷ ପାଖାପାଖି ଲୋକଙ୍କୁ ଟିକା ଦିଆ ସରିଛି । ୨୪ ଘଂଟାରେ ୫୮ଲକ୍ଷ ୨ହଜାର ୯୭୬ଜଣଙ୍କୁ ଟିକାକରଣ ହୋଇଛି । ଦେଶରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଦିଲ୍ଲୀ, ତାମିଲନାଡୁ, ପଶ୍ଚିମବଙ୍ଗରୁ ଅଧିକ ସଂକ୍ରମିତ ଚିହ୍ନଟ ହେବା ଚିନ୍ତା ବଢାଉଛି । ଦେଶରେ ମୋଟ୍ ସଂକ୍ରମଣର ୫୩ ପ୍ରତିଶତ ମାମଲା କେବଳ ଏହି ୫ ରାଜ୍ୟରୁ ରହିଛନ୍ତି ।

## ବଢିବ ଶୀତ : ୨୦ ପର୍ଯ୍ୟନ୍ତ ....

କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଛି ଯେ ରାଜ୍ୟରେ ଆସନ୍ତା କିଛି ଦିନ ପ୍ରବଳ ଶୀତ ଅନୁଭୂତ ହେବ । ୩ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ କହିଛି ।

## ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ....

୨୨ ତାରିଖରେ ଶେଷ ହେବାକୁ ଯାଉଛି । ତେବେ ଏଠାରେ ଶାସନ କ୍ଷମତା ହାତେଇବାକୁ ହେଲେ, କୌଣସି ଦଳ କିମ୍ବା ମେଣ୍ଟକୁ ୫୯ଟି ଆସନ ଜିତିବାକୁ ହେବ । ୨୦୨୨ରେ ଯେଉଁ ସବୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି, ସେ ମଧ୍ୟରୁ କଂଗ୍ରେସ ହେଉଛି ଏକମାତ୍ର ରାଜ୍ୟ, ଯେଉଁଠି କଂଗ୍ରେସ ଶାସନ କରୁଛି । ତେଣୁ ଏଠାରେ ବିଜେପି ଏବଂ ଆପ୍ ଶାସନ କ୍ଷମତା ଦଖଲ କରିବାକୁ ଚେଷ୍ଟା କରୁଥିବାବେଳେ, କଂଗ୍ରେସ ପୁଣି ଥରେ ନିଜର ଶାସନ ଅକ୍ତିଆର କରିବାକୁ ଅଙ୍କ କଷୁଛି ।

## ଗୋରଖପୁରରୁ ନିର୍ବାଚନ ଲଢିବେ....

କେଶବ ପ୍ରସାଦ ମୌର୍ଯ୍ୟ ପ୍ରୟାଗରାଜ ଜିଲ୍ଲା ସାରିଥୁ ଆସନରୁ ଲଢିବେ ବୋଲି ଦଳ ଘୋଷଣା କରିଛି । ୮୩ ଜଣ ବର୍ତ୍ତମାନର ବିଧାୟକଙ୍କ ମଧ୍ୟରୁ ୬୩ ଜଣଙ୍କୁ ପୁନଃସୁଯୋଗ ମିଳିଛି । ବାକି ୨୦ ଜଣଙ୍କୁ ବଦଳାଇ ନୂଆ ମୁହଁକୁ ସୁଯୋଗ ଦିଆଯାଇଛି । ପ୍ରଥମ ପ୍ରାର୍ଥୀ ତାଲିକାରେ ୬୦ ପ୍ରତିଶତ ଓବିସି ଓ ଏସସି ପ୍ରାର୍ଥୀ ଅଛନ୍ତି । ୪୪ଟି ସିଟରେ ଓବିସି ଏବଂ ୧୯ଟି ଆସନରେ ଏସି ପ୍ରାର୍ଥୀ ଘୋଷଣା କରାଯାଇଛି । ବିଜେପି ତାର ପ୍ରଥମ ପ୍ରାର୍ଥୀ ତାଲିକାରେ ଦଳିତ ସଂପ୍ରଦାୟରୁ ୧୯ ଜଣଙ୍କୁ ସ୍ଥାନଦେଇଛି । ସେହିପରି ୧୦ ଜଣ ମହିଳା ପ୍ରାର୍ଥୀଙ୍କ ନାଁ ମଧ ଘୋଷଣା କରାଯାଇଛି । ୪୦୩ ସଦସ୍ୟ ବିଶିଷ୍ଟ ୟୁପି ବିଧାନସଭା ଲାଗି ଫେବ୍ରୁଆରୀ ୧୦ ତାରିଖରୁ ଭୋଟ ଗ୍ରହଣ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ୫୮ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫୫ ଏହିପରି ୧୧୩ଟି ଆସନରେ ମତଦାନ ହେବାକୁ ଥିବାବେଳେ ଏହି ଦୁଇ ପର୍ଯ୍ୟାୟ ଲାଗି ୧୦୫ ଜଣ ପ୍ରାର୍ଥଙ୍କ ନାଁ ଘୋଷଣା କରିଛି ବିଜେପି । ୟୁପି ନିର୍ବାଚନ ପୂର୍ବରୁ ଦଳିତ ଓ ପଛୁଆ ବର୍ଗଙ୍କୁ ନେଇ ଜୋରଦାର ହେବାରେ ଲାଗିଛି ରାଜନୀତି । ଓବିସିଙ୍କୁ ନ୍ୟାୟ ମିଳିନଥିବା ଅଭିଯୋଗରେ ଅସନ୍ତୁଷ୍ଟ ବିଜେପି ମନ୍ତ୍ରୀ ଓ ବିଧାୟକ ଅଖିଳେଶଙ୍କ ହାତ ଧରୁଥିବାବେଳେ ଏପଟେ ଦଳିତଙ୍କ ଘରେ ଖାଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ସୂଚନାଯୋଗ୍ୟ ଯେ, ୨୦୧୭ରେ ଅଣ-ଯାଦବ ଓବିସି ଭୋଟ୍ ଉପରେ ଆଖି ପକାଇଥିଲା ବିଜେପି । କାରଣ ଯାଦବ ଓ ମୁସଲମାନ ଭୋଟ୍ ସମାଜବାଦୀ ପାର୍ଟି ସପକ୍ଷରେ ରହିଆସିଛି । ଏଥର କିନ୍ତୁ ଓବିସି ନେତାଙ୍କୁ ନିଜ ଆଡକୁ କରି ଅଣ-ଯାଦବ ଓବିସି ଭୋଟ୍ ହାତେଇବା ଚକ୍କରରେ ରହିଛି ଏସପି । ଯାହା ବିଜେପି ପାଇଁ ବଡ ଆହ୍ୱାନ ହେବାକୁ ଯାଉଛି ।

# ଗୋଟିଏ ଦିନରେ ୧୦୮୫୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୮୫୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୨୨୭୩୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୨୧ ଓ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୫୨ ହଜାର ୩୯୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୧୮୦୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୮୫୬ ଜଣଙ୍କ ମଧ୍ୟରୁ ୬୨୯୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୫୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୦୮୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୪, ବାଲେଶ୍ୱର ଜିଲ୍ଲାରୁ ୩୨୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩୮, କଟକରୁ ୯୦୯ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୧୩୫, ଗଂଜାମ ଜିଲ୍ଲାରେ ୧୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୨୨, ଯାଜପୁରରୁ ୨୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପ୍ରାନ୍ତୀୟ ସଭାପତି ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ବାରିକଙ୍କ ଦେହାନ୍ତ



ବାଲେଶ୍ୱର, ୧୫/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାରିକ ସମିତିର ପୂର୍ବତନ ସଭାପତି ତଥା ପ୍ରାନ୍ତିୟ ସଭାପତି ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ବାରିକଙ୍କର ଆଜି ସକାଳ୫-୧୦ ହେ ମିନିଟ ସମୟରେ ଆତ୍ମଲୋକ ଗମନ କରିଛନ୍ତି । ସେ କିଛିଦିନ ଅସୁସ୍ଥ ଥିଲେ । ଶେଷ ସମୟରେ ପରିବାରର ସମସ୍ତ ସଦସ୍ୟ ସଦସ୍ୟା, ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ ।ଖବର ପ୍ରଚାରିତ ହେବାପରେ ସେଲୁନ ଭାଇମାନଙ୍କର ସୁଅ ଛୁଟିଥିଲା ଶେଷ ଦର୍ଶନ ପାଇଁ । ସେ ଜଣେ ଆଦର୍ଶବାଦୀ ପରୋପକାରି, ସତ୍ୟନିଷ୍ଠ ବ୍ୟକ୍ତି ଥିଲେ ବି । ତାଙ୍କର ଉପରେ ଭରସା କରି ଯିଏ କେହି ଆସିଲେ ବି ,ସେ ଖାଲି ହାତରେ ଫେରୁ ନଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବାକୁ ଆସିଥିଲେ । ବର୍ତ୍ତମାନର ସଭାପତି ଏଡଭୋକେଟ ଅରବିନ୍ଦ ବାରିକ,ଉପସଭାପତି ପରମାନନ୍ଦ ବାରିକ,ସମ୍ପାଦକ ବିମଲ ବାରିକ,ଉପଦେଷ୍ଟା ବରିଷ୍ଠ ଏଡଭୋକେଟ କମଳ ଲୋଚନ ବାରିକ ଇତ୍ୟାଦି ଗଭୀର ଶୋକ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ସାନ୍ତୋନା ପ୍ରଦାନ କରିଛନ୍ତି ।

# ପଂଚାୟତ ଭୋଟର ତାଲିକାରେ ନାହିଁ ନୂତନ ଆବେଦନକାରୀଙ୍କ ନାଁ

ଜଳେଶ୍ୱର, ୧୫/୧(ନିପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ଆସନ୍ତା ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ମିଳିଥିବା ଚୂଡାନ୍ତ ଭୋଟର ତାଲିକାରେ ବହୁ ଆବେଦନକାରୀଙ୍କ ନାମ ଦରଜ ହୋଇନଥିବା ଦେଖିବାକୁ ମିଳିଛି । ଫଳରେ ଏହି ଯୁବ ପିଡି ମାନଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖିବାକୁ ମିଳିଛି । ଆଜି ଏ ସମ୍ପର୍କରେ ମହମ୍ମଦନଗରପାଟଣା ପଂଚାୟତର ସେକସରାଇ ଗାଁ ଦୀପଙ୍କର ଜେନାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୭-୧୧-୨୧ରେ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଭୋଟର ତାଲିକାରେ ଅର୍ନ୍ତଭୁକ୍ତ ହେବାପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସେ ସମସ୍ତ କାଗଜପତ୍ର ଓ ଫର୍ମ ପୁରଣ କରି ରସିଦ୍ ପାଇଥିଲେ । କିନ୍ତୁ ଆଜି ତାଙ୍କ ନାମ ଭୋଟର ତାଲିକାରେ ନ ଥିବାର ଦେଖି ଆସନ୍ତା ନିର୍ବାଚନରେ ଭାଗ ନେଇନପାରିବା ଆଶଙ୍କାରେ କ୍ଷୁବ୍ଧ ହୋଇଛନ୍ତି । କେବଳ ସେ ଏକା ନୁହନ୍ତି, ସେହିପରି ଜଳେଶ୍ୱର ବ୍ଲକର ବହୁ ଲୋକଙ୍କ ଭୋଟର ତାଲିକାରେ ନ ଥିବାରୁ ସେମାନେ ବିଡିଓଙ୍କ ଠାରେ ଅଭିଯୋଗ କରିଛନ୍ତି ।

ବାଲେଶ୍ୱର, ରବିବାର, ୧୬ ଜାନୁଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ପୂର୍ତ୍ତବିଭାଗ ପରିବର୍ଦ୍ଧିତ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର

ପୁରୀ,୧୫/୦୧ (ନି.ପ୍ର): ପିକେଡ଼ିଏ ଛକ ଠାରୁ ଆଚାର୍ଯ୍ୟ ହରିହର ଛକ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ପୂର୍ତ୍ତବିଭାଗର ପରିବର୍ଦ୍ଧିତ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ରାସ୍ତା ସମ୍ପ୍ରସାରଣ ଲାଗି କୌଣସି ଘରୋଇ ଯାଗାରୁ ଉଚ୍ଛେଦର ଆବଶ୍ୟକତା ନଥିବାବେଳେ ପରିବର୍ଦ୍ଧିତ ରାସ୍ତା ନିର୍ମାଣ ଏଷ୍ଟିମେଟ ଅନୁଯାୟୀ କରାଯାଇନାହିଁ। ଅନ୍ୟପକ୍ଷରେ ଧାର୍ଯ୍ୟ ସମୟସୀମା ଅନୁଯାୟୀ ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବାବେଳେ କାର୍ଯ୍ୟ ଶେଷହେବା ବର୍ଷ ପୁରି ନଥିଲେ ମଧ ରାସ୍ତାରୁ ପିଚୁ ଉଠି ଗଲାଣି। ଜଳ ନିଷ୍କାସନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସଠିକ ଡ୍ରେନ୍ ନିର୍ମାଣ କରାଯାଇନାହିଁ। ଡ୍ରେନ୍‌ର ଅନେକ ସ୍ଥାନରେ ମୁକୁଳା ପଡ଼ିଛି। ଫଳରେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ଦେଖାଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପିକେଡ଼ିଏ ଛକ ଠାରୁ ଏସ୍‌ସିଏସ୍ କଲେଜ ଓ କଚେରୀ ରୋଡ଼ ଦେଇ ରାସ୍ତାକୁ ୧୦ମିଟର ଚଉଡ଼ା କରିବା ପାଇଁ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା। ସମ୍ପୃକ୍ତ ରାସ୍ତାରେ ଇରିଗେସନ୍ ଇନିସ୍ପେକସନ୍ ବଙ୍ଗଳା, ପୂର୍ତ୍ତବିଭାଗର ଉପଖଣ୍ଡ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,ଜିଲ୍ଲା ଜଜ୍‌ଙ୍କ କ୍ୱାଟର, ଶ୍ରୀମନ୍ଦିର ପ୍ରଶାସକଙ୍କ କ୍ୱାଟର, କଲେକ୍ଟୋରେଟ୍ ବିଲଡ଼ିଂ ଆଦିକୁ ବାଦ୍‌ଦେଲେ ରାସ୍ତାର ଉଭୟ ପାର୍ଶ୍ୱରେ କୌଣସି ଘରୋଇ ଯାଗା ନଥିଲା। ସମ୍ପୃକ୍ତ ସରକାରୀ ଅଫିସ୍ ଓ କ୍ୱାଟର ପ୍ରଭୃତି ଯୋଗୁ ସଙ୍କୀର୍ଣ୍ଣ ହୋଇଥିବା ଏହି ରାସ୍ତାକୁ ଆପାତତଃ ୧୭ରୁ୨୦ ଫୁଟ୍ ଜବର ଦଖଲ ମୁକ୍ତ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉଠାଇବା,ଗଛ କଟାଯିବା ଓ ବାଉଣ୍ଡରି ୱାଲ ଉଚ୍ଛେଦ ଲାଗି ସ୍ୱତନ୍ତ୍ରଭାବେ ଅର୍ଥ ବ୍ୟବସ୍ଥା କରାଯାଇଥିଲା ।ଏହାର କାର୍ଯ୍ୟାଦେଶ ଗୋଟିଏ ଘରୋଇ ନିର୍ମାଣକାରୀ ସଂସ୍ଥାକୁ ଦିଆଯାଇଥିଲା। ଏଥିଲାଗି ଗତ ୨୦୧୮ଜୁନ୍ ୨୮ ତାରିଖରେ ପୁରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

## ବିଶିଷ୍ଟ ସାରସ୍ୱତ ସାଧକ ଇଂ ପ୍ରଶାନ୍ତ ଦତ୍ତଙ୍କ ବିୟୋଗରେ ଧ୍ୱନି ପ୍ରତିଧ୍ୱନି ପରିବାରର ଗଭୀର ଶ୍ରଦ୍ଧାଂଜଳି

ବାଲେଶ୍ୱର,୧୫/୧ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ଇଂ ପ୍ରଶାନ୍ତ ଦତ୍ତଙ୍କର ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ବାଲେଶ୍ୱର ସହରର ନଳମଗଂଜର ଶେଫାଳି ବାସ ଭବନରେ ସେ ରହୁଥିଲେ। ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ଲିଖିତ ପୁସ୍ତକ 'ଋତୁ ବସନ୍ତ' ଓ ଅନ୍ୟାନ୍ୟ ଗଳ୍ପ 'ଆଲୋକ ବୃତ୍ତ ବାହାରେ' ଭ୍ରମଣ କାହାଣୀ ପ୍ରଭୃତି ଲେଖି ସେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମର ଶରୀର ନିକଟରେ ବହୁ ସାହିତ୍ୟିକ, ବନ୍ଧୁ, ସମାଜସେବୀ, ଆତ୍ମୀୟସ୍ୱଜନ, ପରିବାର ବର୍ଗ, ଜନସାଧାରଣ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଦୈନିକ ଖବରକାଗଜ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା, ରଂଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ବାଲେଶ୍ୱରର ଧ୍ୱନି ପ୍ରତିଧ୍ୱନି ଖବର କାଗଜ, ସାଗରିକା ପତ୍ରିକା, ଧ୍ୱନି ପ୍ରତିଧ୍ୱନି ପରିବାର, ଫକୀର ମୋହନ ସାହିତ୍ୟ ପରିଷଦ, ନୃତ୍ୟ ସଂଗୀତ କଳାମନ୍ଦିର ପ୍ରଭୃତି ବହୁ ଅନୁଷ୍ଠାନ ସହିତ ସ୍ୱର୍ଗତ ଦତ୍ତଙ୍କର ଉତ୍ତମ ସଂପର୍କ ରହିଥିଲା। ଅନେକ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଐତିହାସିକ କାହାଣୀ ଲେଖି ଓଡ଼ିଶାର ସାହିତ୍ୟ ଜଗତରେ ସ୍ୱର୍ଗତ ଦତ୍ତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଅନେକ ରଂଗମଂଚରେ ସେ ସୌଖୀନ କଳାକାର ଭାବେ ସୁନ୍ଦର ଅଭିନୟ କରିଥିଲେ। ରାସ୍ତା ଓ ଗୃହ ବିଭାଗର ସହକାରୀ ଯନ୍ତ୍ରୀ ଭାବେ ଚାକିରୀରୁ ଅବସର ନେଇ ସେ ନିଜ ଭାବନରେ ସାରସ୍ୱତ ସାଧନାରେ ମଗ୍ନ ରହୁଥିଲେ।

## ରାଜଧାନୀରେ ୨୪ ଘଂଟାରେ ୧୨୩୩ ପଜିଟିଭ୍

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ରାଜଧାନୀରେ କରୋନା ସଂକ୍ରମଣ ବଢ଼ି ବଢ଼ି ଚାଲିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶନିବାର ଆଉ ୧୨୩୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୯ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୨୦୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୪୧୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୧୧୪୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଖଣ୍ଡଗିରି ଅଂଚଳରୁ ୧୫୫ ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି ପଟିଆ ଅଂଚଳରୁ ୧୧୯ ଜଣ, ଚନ୍ଦ୍ରଶେଖରପୁରରୁ ୧୧୩, ନୟାପଲ୍ଲୀରୁ ୧୦୪, ଓଲ୍ଡଟାଉନ୍ ରୁ ୭୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୩୨୨୧୫ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୩୭୮୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୦୩ ରେ ପହଂଚିଛି । ବର୍ତ୍ତମାନ ଆଉ ୭୩୦୯ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

## ରାଜ୍ୟରେ ଆଉ ୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୪୮୭୮ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ଜଣେ ଲେଖାଏ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ରାଜ୍ୟ ସ୍ତରୀୟ ନିଶିଗନ୍ଧା ସମାବର୍ତ୍ତନ ଉତ୍ସବ, ମକର ମେଳଣ ତଥା ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳନ

ଭୁବନେଶ୍ୱର, ୧୫/୦୧ (ନି.ପ୍ର): ରିଖ ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ସେବକ୍ଷ ପ୍ରତିଷ୍ଠାନ ଫାଉଣ୍ଡେସନ ଟ୍ରଷ୍ଟ, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ତଥା ନିଶିଗନ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ଜୟନ୍ତୀ, ନିଶିଗନ୍ଧା ସମକ୍ଷବର୍ତ୍ତନ ଉତ୍ସବ, ପଞ୍ଜିକରଣ ଦିବସ ତଥା ମକର ମେଳଣ ଆଭାସି ପ୍ରଣାଳୀରେ ପାଳିତ ହୋଇଯାଇଛି । ଉତ୍ସବର ବରେଣ୍ୟ ଅତିଥି ତଥା ଓଡିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ଼ଃ ସଂଗ୍ରାମ ଜେନା ତାଙ୍କରି ସଂକ୍ଷିପ୍ତ ଆଭାସି ବକ୍ତବ୍ୟ ମାଧ୍ୟମରେ, ଗ୍ରାମ୍ୟ ସାରସ୍ୱତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା, ନବାଗତ କବି, ଲେଖକଙ୍କ ସୃଷ୍ଟିକୁ ପତ୍ରିକାରେ ପ୍ରକାଶିତ କରି ସେମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ସର୍ବୋପରି ଉକ୍ତ ପ୍ରତିଭାଙ୍କୁ ରଚିତ ସାହିତ୍ୟ ପଠନର ସୁଯୋଗ ପ୍ରଦାନ କରିବାକୁ ଉପସ୍ଥିତ ଶ୍ରୋତୃବର୍ଗଙ୍କୁ ଆହ୍ୱାନ ଦେଇଥିଲେ । ଇତି ଅବସରରେ ସେ, ବ୍ୟାସ କବି ଫକୀରମୋହନଙ୍କ ସ୍ମୃତି ଚାରଣ ମଧ କରିଥିଲେ । ସମ୍ମାନିତ ଅତିଥି ତଥା ନିଶିଗନ୍ଧାର ମାର୍ଗଦର୍ଶକ, ପୂର୍ବତନ ସଂକ୍ଷସଦ ପ୍ରସନ୍ନ କୁମାର ପକ୍ଷଚ୍ଛଶାଣି ମହୋଦୟ ତାଙ୍କରି ଅଭିଭାଷଣରେ, ଓଡିଶାର ପ୍ରତ୍ୟେକ ଗାଁ ରେ ପାଠାଗାର ସ୍ଥାପନ କରି ଓଡ଼ିଆ ସାହିତ୍ୟକୁ ଲୋକାଭିମୁଖୀ କରାଇବା ସହିତ ପ୍ରକାଶିତ ପତ୍ରିକାଗୁଡିକ ଗ୍ରାମ୍ୟ ପାଠକଙ୍କ ନିକଟକୁ ପହଂଚାଇବାକୁ ପ୍ରୟାସ କରିବାକୁ କହିଥିଲେ । ଅନ୍ୟତମ ଅତିଥି,ଓଡ଼ିଆ ଚଳଚିତ୍ର ସଂଳାପକାର ଡ଼ଃ ରଜନୀରଞ୍ଜନ ଦାଶ, ପୂର୍ବତନ ଅର୍ଥମନ୍ତ୍ରୀ ତଥା ରାଜନୀତି ସମୀକ୍ଷକ ପଞ୍ଚାନନ କାନୁନଗୋ, ଆଡ଼ଭୋକେଟ ଚିତ୍ତରଞ୍ଜନ ନନ୍ଦ ଉପସ୍ଥିତ ରହି ଆଜିର ଉତ୍ସବର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନକ୍ଷ କରିଥିଲେ । ଆଭାସୀ କାର୍ଯ୍ୟକ୍ରମରେ ନିଶିଗନ୍ଧାର ସଭାପତି ଚକ୍ରଧର ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ପ୍ରତିଷ୍ଠାତା ବଳରାମ ତରାଇ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଆକାଶବାଣୀର ସୁନାମଧନ୍ୟ କଣ୍ଠଶିଳ୍ପୀ ଗଗନ ବିହାରୀ ସ୍ୱାଇଁ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ କବି ସୌରଭ କୈଳାଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଚକ୍ଷଳନ ଓ ସାହିତ୍ୟିକା

## ଫକୀର ମୋହନ ଭେଷଜ ମହାବିଦ୍ୟାଳୟରେ ସିଟ୍ ସଂଖ୍ୟା ବୃଦ୍ଧି ଦାବି

ବାଲେଶ୍ୱର,୧୫/୦୧ (ନି.ପ୍ର): ଓଡ଼ିଶାରେ ସମସ୍ତ ସରକାରୀ ଓ ଘରୋଇ ଭେଷଜ ମହାବିଦ୍ୟାଳୟରେ ଚଳିତ ବର୍ଷ ଡାକ୍ତରୀ ଶିକ୍ଷା ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟନ୍ୟ ଭେଷଜ ମହାବିଦ୍ୟାଳୟ ଭଳି ଚଳିତବର୍ଷ ବାଲେଶ୍ୱର ଫକୀରମୋହନ ଭେଷଜ ମହାବିଦ୍ୟାଳୟରେ ସିଟ ସଂଖ୍ୟା ବୃଦ୍ଧ ପାଇଁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟ ପକ୍ଷରୁ ଦାବି ହୋଇଛି। ବିଗତ ତିନୋଟି ଶିକ୍ଷାବର୍ଷ ଧରି ଏମସିଆଇ ଦ୍ୱାରା ଅନୁମୋଦିତ ୧୦୦ ସିଟକୁ ଚଳିତ ଶିକ୍ଷାବର୍ଷରେ ବୃଦ୍ଧି କରାନଯାଇ ବାଲେଶ୍ୱର ପ୍ରତି ଅବିଚାର କରାଯାଇଛି ବୋଲି କ୍ରିୟାନୁଷ୍ଠାନ କମିଟି ମତବ୍ୟକ୍ତ କରିଛି। ବାଲେଶ୍ୱରରେ ଡାକ୍ତରୀ ଶିକ୍ଷାଦାନ ପାଇଁ ଏମ୍.ସି.ଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଭିତ୍ତିଭୂମି ଥିବାରୁ ଚଳିତବର୍ଷ ବାଲେଶ୍ୱରରେ ଅନ୍ୟୁନ ଅଧିକ ୫୦ଟି ଡାକ୍ତରୀ ସିଟ୍ ବୃଦ୍ଧିପାଇଁ ଦାବି କରାଯାଇଛି। ଆସନ୍ତା ସପ୍ତାହରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟବିଭାଗକୁ ଜିଲାବାସୀଙ୍କ ଏହି ଅସନ୍ତୋଷ ଲିଖିତ ଭାବେ ଜଣାଇବାକୁ ଶନିବାର ଦିନ ଅପରାହ୍ନରେ ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପରିଡ଼ା, ଡା. ତାରାକାନ୍ତ ନନ୍ଦ, ଯଶୋଦା ନନ୍ଦନ ଆସ୍, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ପୁରୁଷୋତ୍ତମ ବେହେରା, ବିଜନ ଦେ, ଇଂ. ବିନୋଦ ଦାସ, ଡ. କେଶବ ଚରଣ ପଣ୍ଡା ଓ ଯତୀନ ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ବିଶିଷ୍ଟ ଅନୁବାଦକ, ସୁସାହିତ୍ୟିକ, ସମାଜସେବୀ, ଇଂ. ପ୍ରଶାନ୍ତ ଦତ୍ତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବନ୍ଦନା ବିଶ୍ୱାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚାଇଲ୍ଡ ଲାଇନ ତରଫରୁ ସଡକ ସୁରକ୍ଷା ସପ୍ତାହ ଦିବସ ପାଳିତ



ବାଲିଆପାଳ, ୧୫/୦୧ (ନି.ପ୍ର): ଚାଇଲ୍ଡଲାଇନ ସବସେଣ୍ଟର ବାଲିଆପାଳ ପକ୍ଷରୁ ଜାତୀୟ ସଡକସୁରକ୍ଷା -୨୦୨୨ ସପ୍ତାହ ପାଳନ ଅବସରରେ ଘଂଟିଆଡି ଛକ ନିକଟରେ ବାଲିଆପାଳ ପୁଲିସ ସହାୟତାରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ଚାଇଲ୍ଡଲାଇନ ମୁଖ୍ୟ ପ୍ରଶାନ୍ତ ରାଉତ , ନିର୍ଦ୍ଦେଶକ ରାଜେନ୍ଦ୍ର ରଣା, ଉତମ ନାୟକ, ସପ୍ନାରାଣୀ ଜେନା ସହିତ ବାଲିଆପାଳ ଆଇଆଇସି ପର୍ଶୁରାମ ସାହୁଙ୍କ ନିର୍ଦ୍ଦେଶର ଏସଆଇ ପ୍ରୀଥ ହେମ୍ବ୍ରମ, କନେଷ୍ଟବଳ ସୁବ୍ରତ ମିଶ୍ରଉପସ୍ଥିତ ରହି ଲୋକମାନଙ୍କୁ ସଡକସୁରକ୍ଷା, ହେଲମେଂଟ ପିନ୍ଧିବା, କମବେଗରେ ଗାଡି ଚଳାଇବା, ନିସା ସେବନ ନ କରି ଗାଡିଚଳାଇବା ଟ୍ରାଫିକ ନିୟମ ମାନିବା ଇତ୍ୟାଦି ସବୁ ନିୟମ ସହିତ କୋଭିଡ ପାଇଁ ମାସ୍କ ପିନ୍ଧିବା ପାଇଁ ଲୋକମାନଙ୍କୁ ସଚେତନତା ବାର୍ତା ଜଣାଇଥିଲେ ।

## କୁଳଡିହା ଅଭୟାରଣ୍ୟରେ ହାତୀ ମୃତ : କାରଣ ଅସ୍ପଷ୍ଟ

ନୀଳଗିରି, ୧୫/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟରେ ଏକ ହାତୀର ମୃତ୍ୟୁକୁ ନେଇ ବନବିଭାଗ ସନ୍ଦେହ ଘେରରେ ରହିଥିବା ବେଳେ ନିଜର ଦୋଷକୁ ଲୁଚାଇବା କୁ ଯାଇ ଆଜି ତରବରିଆ ଭାବେ ମୃତ ହାତୀଟିକୁ ପୋଡ଼ି ଦିଆଯାଇଛି । ସୂଚନା ମୁତାବକ କୁଳଡିହା ଅଭୟାରଣ୍ୟ ଅର୍ନ୍ତଗତ ମଙ୍ଗଳପୁର ବିଟ୍ ହାତୀଖୁଲିଆ ସେସ୍କନ ଅଂଚଳରେ ୧୦ରୁ ୧୫ଦିନ ତଳର ଏକ ହାତୀର ଗଳିତ ମୃତଦେହ ବନବିଭାଗ କର୍ମଚ୍ଚରୀ ଜାଣିବାକୁ ପାଇଥିଲେ । ଖବର ପାଇ ବାଲେଶ୍ୱର ଡି.ଏଫ.ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଏ..ସି.ଏଫ.ଓ ଓ କୁଳଡିହା ରେଂଜର ଅନନ୍ତ କୁମାର ଜେନା ଘଟଣାସ୍ଥଳରେ ପହଂଚି ତଦନ୍ତ କରିଥିଲେ । ପରେ ବନବିଭାଗ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ହାତୀଟିକୁ ପୋଷ୍ଟମର୍ଟମ କରିବା ପରେ ଗଳିତ ହାତୀର ଶବକୁ ପୋଡ଼ିଦେଇଥିଲେ । ସୂଚନାଥାଉକି ଅଭୟାରଣ୍ୟର କଡ଼ାକଡ଼ି ପେଟ୍ରୋଲିଂ ଚାଲିଥିବା ବେଳେ ଦୀର୍ଘ ୧୫ଦିନ ଧରି ମୃତ ହାତୀର ସନ୍ଧାନ ପାଇ ପାରି ନ ଥିଲା ବେଳେ ପରିବେଶବିତ ଓ ବନାଂଚଳବାସୀ ଘୋର ନିନ୍ଦା କରିଛନ୍ତି । ଦୁଃଖ ଓ ପରିତାପର ବିଷୟ ଉକ୍ତ ମୃତହାତୀଟି ମାଈକି ଅଣ୍ଡିରା , କେତେ ବୟସ ,ହାତୀଟିର ଦାନ୍ତ ଥିଲା କି ନାହିଁ ବୋଲି କୁଳଡିହା ରେଂଜର ଶ୍ରୀ ଜେନାକୁ ପଚାରିବାରୁ ମୋ ପାଖରେ କୌଣସି ତଥ୍ୟ ନାହିଁ ବୋଲି ରୋକଠୋକ ମନା କରିଥିଲେ । ଏ ବିଷୟରେ ଡି.ଏଫ.ଓ. ଶ୍ରୀ ଆଚାର୍ଯ୍ୟଙ୍କୁ ପଚାରିବାରୁ ଡି.ଏନ.ଟେଷ୍ଟ ରିପୋର୍ଟ ଆସିଲା ପରେ ଏହା ମାଈ ହାତୀ କି ଅଣ୍ଡିରା ବୋଲି ଜଣାପଡ଼ିବ ବୋଲି କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି । ଉକ୍ତ ମଲାହାତୀ ପଛରେ ବନବିଭାଗ ର କର୍ମଚାରୀଙ୍କ ହାତ ଥାଇପାରେ ବୋଲି ସଧାରଣରେ ଅଭିଯୋଗ ହେଉଛି ।

## ହାଣ୍ଡିଆ ପିଇ ହାତୀ ବାଇଆ : ଜଣକୁ ଦଳିଦେଲା ଦନ୍ତା



ଜଳେଶ୍ୱର, ୧୫/୧(ନିପ୍ର): ଗତ କିଛିଦିନ ଧରି ରାଇବଣିଆ ଅଂଚଳରେ ୬୮ ଦଳିଆ ଝାଡଖଣ୍ଡି ହାତୀ ଆତଙ୍କ ଖେଳାଇ ଚାଲିଥିବା ବେଳେ ଆଜି ଭୋର ୩ଟି ଶିମିଳିପାଳ ହାତୀ ମଧ୍ୟରୁ ଦନ୍ତା ହାତୀଟି ଜଣକୁ ଦଳି ଦେଇଛି । ଘଟଣାସ୍ଥଳରେ ସେ ମରି ପଡିଥିବା ବେଳେ ପରେ ବନବିଭାଗ ପକ୍ଷରୁ ହାତୀଗୁଡିକୁ ଘଉଡାଇ ଦିଆଯାଇଛି । ଗତ ୮ ଦିନ ଧରି ରାଇବଣିଆ ଅଂଚଳର ବରଡିହା, ଖୁଆଡ ଅଂଚଳରେ ୬୮ଟି ହାତୀ ଲୁହାପଡା ଓ କେନ୍ଦୁଖୁଣ୍ଟା ଜଂଗଲରେ ରହି ଆତଙ୍କ ଖେଳାଇ ଚାଲିଥିଲେ । ନିକଟସ୍ଥ ଗାଁ ଗୁଡିକରେ ପଶି ପ୍ରାୟ ୨୦ଟି ବାସଗୃହ ଭାଂଗିରୋଳି ଦେଇଥିବା ବେଳେ ବହୁ ଲୋକଙ୍କ ଧାନ ଖାଇବା ସହିତ ପରିବାବାଡି ନଷ୍ଟ କରିଥିଲେ । କିନ୍ତୁ ବାଲେଶ୍ୱର, ମୟୂରଭଂଜ ଓ ପଶ୍ଚିମ ମେଦିନୀପୁର ଜିଲାର ବନବିଭାଗର ସମ୍ମିଳିତ ପ୍ରଚେଷ୍ଟାରେ ସେମାନଙ୍କୁ ପଶ୍ଚିମଅଂଚଳକୁ ଘଉଡାଇ ଦିଆଯାଇଥିଲା । କିନ୍ତୁ ରାସଗୋବିନ୍ଦପୁର ଓ ବେତନଟି ଅଂଚଳରେ ଶିମିଳିପାଳର ୨୧ଟି ହାତୀ ରହୁଥିବା ବେଳେ ସେଥିରୁ ୩ଟି ଗୋଷ୍ଠଖଣ୍ଡିଆ ହୋଇ ରାଇବଣିଆ ଥାନା ଅଂଚଳକୁ ପଶିଆସିଥିଲା । ଶୁକ୍ରବାର ରାତି ପାହାନ୍ତାକୁ ହାତୀ ୩ଟି ଜଳେଶ୍ୱର ଥାନା ଅନ୍ତର୍ଗତ ଶିଖରପୁର ପଂଚାୟତର ବେଲବାରିଆ ଗାଁରେ ପ୍ରବେଶ କରି ଝାଡେଶ୍ୱର ବାରିକଙ୍କ ଖଳାରେ ଜମା ହୋଇଥିବା ଧାନ ଖାଇ ନଷ୍ଟ କରିଥିଲେ । ସେହିପରି ଦାମୋଦର ଦେଙ୍କ ଘର ଭାଂଗିବା ସହିତ ବିଲରେ ଥିବା କଦଳି ଓ ସୋରିଶ ଚାଷର ବ୍ୟାପକ କ୍ଷତି ଘଟାଇଥିଲେ । ସେଠାରେ ଥିବା ଏକ ଆଦିବାସୀ ପଡାରେ ପଶି ହାଣ୍ଡିଆ ପିଇ ବାଇଆ ହୋଇଥିଲେ । ବଜାରଶୋଳ ଗାଁଠାରେ ଅବସ୍ଥାପନ କରୁଥିବା ଶ୍ରୀରାମପୁର ପଂଚାୟତର ଶ୍ରୀକଣ୍ଠପୁର ନିବାସୀ ଫାଗୁ ହାଁସଦା(୭୬) ସକାଳେ ଶୌଚ ହେବାକୁ ଯାଇଥିବା ବେଳେ ଦନ୍ତା କବଳରେ ପଡିଥିଲେ । ଆଜି ଭୋର ୫.୩୦ରେ ହାତୀ ତାକୁ ଦଳି ଥିବା ବେଳେ ଲୋକେ ବନବିଭାଗକୁ ଖବର ଦେଇଥିଲେ । ବନବିଭାଗର କର୍ମଚାରୀମାନେ ଆସି ହାତୀକୁ ଘଉଡାଇଥିଲେ । ଖବର ପାଇ ଶହ ଶହ ଲୋକ ରୁଣ୍ଡ ହୋଇଥିବା ବେଳେ ଶ୍ରୀରାମପୁର ପଂଚାୟତର ସରପଂଚ ପ୍ରତିନିଧି ଆଲୋକ ଗିରି ପୋଲିସକୁ ଜଣାଇବା ସହ ଶବ ସତ୍କାର ଓ ଶବ ବ୍ୟବଚ୍ଛେଦ ଲାଗି ୬୨୦୦ ଟଙ୍କା ଫାଗୁର ପୁଅକୁ ଦେଇଛନ୍ତି । ଘଟଣାସ୍ଥଳକୁ ବିଦ୍ୟାଧର ମଲ୍ଲିକ, ଜୟନ୍ତ ଦାସ ଅଧିକାରୀ, ଗୋପାଳ ସାମଲ, ରାମଚନ୍ଦ୍ର ମାରାଣ୍ଡି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ମୃତ୍ୟୁଞ୍ଜୟ ସିଂହ, ହେମନ୍ତ ଗିରି, ସୁଦାମ ପାତ୍ର, ପ୍ରଣବ ପଣ୍ଡା, ପ୍ରଭାକର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ଶବ ବ୍ୟବଚ୍ଛେଦ ପରେ ବନବିଭାଗ ପକ୍ଷରୁ ୪ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ରେଞ୍ଜର ସରୋଜ ମହାନ୍ତି କହିଥିବା ବେଳେ ଆଜି ୪୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ୨୦୧୯ ନଭେମ୍ବର ମାସରେ ଏକ ଦନ୍ତା ଶ୍ୟାମନଗର ପଂଚାୟତର କାଳାଯୋଡିଠାରେ ଜଣେ ଲୋକଙ୍କ କଚାଡି ମାରିବା ସହିତ ବହୁ ଗୃହପାଳିତ ପଶୁଙ୍କୁ ମାରିଥିଲା । ତେଣୁ ହାତୀ ଗୁଡିକ ଜନବସତି ମଧ୍ୟକୁ ପଶି ନ ଆସିବାର ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହୋଇଛି ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ବାଲେଶ୍ୱର,୧୫/୦୧ (ନି.ପ୍ର): ଜିଲା ସଡ଼କ ସୁରକ୍ଷା କମିଟିରଏକ ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମୀ ରଞ୍ଜିତ ଦଳବେହେରା, ଜିଲ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦେବଙ୍କ ସମେତ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଜିଲା ଅଧିକାରୀ, ଜିଲା ସଡ଼କ ସୁରକ୍ଷା ସମିତିର ସଦସ୍ୟ, ପୁଲିସ ଅଧିକାରୀ, ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଠକର ଆବାହକ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଦଳବେହେରା ଗତ ଅକ୍ଟୋବର ମାସ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ। ଦୁର୍ଘଟଣା ଘଟିବାର ୨୪ଘଣ୍ଟା ମଧ୍ୟରେ ମିଳିତ ସରଜମିନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ପ୍ରାବଧାନ ରହିଥିଲେ ହେଁ ଏଥିରେ ବ୍ୟତିକ୍ରମ ହେଉଥିବାରୁ ଏହାକୁ ସୁବ୍ୟବସ୍ଥିତ ଢଙ୍ଗରେ ସମ୍ପନ୍ନ କରିବା ଏବଂ ସଡକ ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ପାଇଁ ବିଭିନ୍ନ ସମୟରେ ଦିଆଯାଇଥିବା ନିର୍ଦ୍ଦେଶନାମାର କଡାକଡି ଅନୁପାଳନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜାତୀୟ ରାଜପଥରୁ ବାଲେଶ୍ୱରକୁ ରହିଥିବା ପ୍ରବେଶ ପଥରେ ଉପଯୁକ୍ତ ସାଇନେଜ ନ ଥିବାରୁ ଗାଡି ଚାଳକ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ପ୍ରବେଶ ପଥରେ ସାଇନେଜ ବ୍ୟବସ୍ଥା ସହ ବାମପଦା ଛକ ଠାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା । ଖାଲ ଢିପ ଥିବା ସର୍ଭିସ ରୋଡ଼ଗୁଡିକର ଯଥାଶୀଘ୍ର ମରାମତି କରାଯିବା, ବିନା ହେଲମେଟ ବାଇକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ବାତିଲ କରିବା, ନାବାଳକ ଗାଡ଼ି ଚାଳନା ଉପରେ ରୋକ୍ ଲଗାଇବା, ବ୍ୟାରିକେଡିଂ ବ୍ୟବସ୍ଥା ଉପରେ ସଡକ ସୁରକ୍ଷା ସମିତିର ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ବାଲେଶ୍ୱର ସହରରେ ଯଥାଶୀଘ୍ର ସିସିଟିଭି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ବାଇକ ଚାଳକଙ୍କ ପାଇଁ "ନୋ ହେଲମେଟ୍, ନୋ ପେଟ୍ରୋଲ" ନୀତିକୁ ଲାଗୁ କରିବା, ଜାତୀୟ ରାଜପଥରେ ଟ୍ରକ୍ ପାର୍କିଂ ସମସ୍ୟାକୁ ଏଡାଇବା ପାଇଁ ଟ୍ରକ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଇତ୍ୟାଦି ଉପରେ ବୈଠକରେ ମତପ୍ରକାଶ ପାଇଥିଲା । ସେହିପରି ବାଲେଶ୍ୱର ସହର ମଧ୍ୟରେ ଥିବା ଫ୍ଲାଇ ଓଭର ମରାମତି କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଏହା ଉପରେ ଭାରୀଯାନ ଚଳାଚଳକୁ ଅନୁମତି ନ ଦେବା ପାଇଁ ଏଥିରେ ଆଲୋଚନା ହୋଇଥିଲା। ୨୦୨୦ରୁ ଡିସେମ୍ବର ୨୦୨୨ ମଧ୍ୟରେ ୫୦୮୯ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୋଟ ୨୧୬୮ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ବାତିଲ୍ କରାଯାଇଛି । ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ୨୦୨୧ ମସିହା ଜାନୁୟାରୀ ରୁ ଡିସେମ୍ବର ମଧ୍ୟରେ ସମୁଦାୟ ୪୩୦ଟି ଦୁର୍ଘଟଣା ଘଟିଛି ଏବଂ ଏହି ସମୟ ମଧ୍ୟରେ ୨୨୪ ଜୀବନହାନୀ ହୋଇଛି । ସେହିପରି ୧୯୦ଜଣ ଗୁରୁତର ଆହତ ହୋଇଥିବା ବେଳେ ୬୪ଜଣ ସାମାନ୍ୟ ଆହତ ହୋଇଛନ୍ତି । ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଡାକ୍ତରଖାନା ଆଣୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରହିଥିବା ଗୁଡ୍ ସାମାରିଟାନ୍ ବ୍ୟବସ୍ଥାକୁ ଅଧିକା ସୁଦୃଢ଼ କରିବାକୁ ଅତିରିକ୍ତ ଜିଲାପାଳ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ।

## ବସ୍ତରର ୧୯୦ ଜଣ ଯବାନ କରୋନାରେ ଆକ୍ରାନ୍ତ

ଜଗଦଲପୁର, ୧୫/୦୧ (ନି.ପ୍ର): ଛତିଶଗଡ଼ର ବସ୍ତର ଇଲାକାରେ ସିଆରପିଏଫ, ଆଇଟିବିପି, ଏସଟିଏଫ, ବିଏସଏଫ ଏବଂ ଅନ୍ୟ କେନ୍ଦ୍ରୀୟ ସୁରକ୍ଷାବଳର ୧୯୦ ଯବାନ କରୋନା ପଜିଟିଭ ହୋଇଛନ୍ତି । ଏମାନଙ୍କ ଯାଂଚ ରିପୋର୍ଟରେ ପଜିଟିଭିଟି ଆସିବା ପରେ ଅଧିକାରୀ ମାନଙ୍କ ମହଲରେ ଚିନ୍ତାର କାରଣ ପାଲଟିଛି । ଯବାନ ମାନଙ୍କ ପାଇଁ ଗାଇଡ୍‌ଲାଇନ ତିଆରି କରାଯାଇଛି । ବସ୍ତର ଆଇଜି ସୁନ୍ଦରରାଜ ପି କହିଛନ୍ତି ଯେ, ଘରୁ ଫେରିଥିବା ଯବାନ ମାନଙ୍କ ପାଇଁ ୧୪ ଦିନ କ୍ୱରେନଟାଇନର ବ୍ୟବସ୍ଥା କରାଯାଇଛି। ୧୪ ଦିନ ପରେ କରୋନା ଟେଷ୍ଟ କରାଯିବ ।

## ବାବୁ ଭାଇଜାନ ଫୁଟବଲ ଟୁର୍ଣ୍ଣାମେଣ୍ଟ : ବାଲେଶ୍ୱର ବିଏମ କ୍ଲବ ଚାମ୍ପିୟନ



ବସ୍ତା, (ନିପ୍ର)୧୫/୧ ବସ୍ତା ବ୍ଲକର ଗଡ଼ପଦା ପଂଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ବୀର ହନୁମାନ ସ୍ପଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃଜିଲା ବାବୁ ଭାଇଜାନ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମୟୁରଭଞ୍ଜର କାର୍ଗିଲ ଫୁଟବଲ କ୍ଲବକୁ ୩-୨ ଗୋଲରେ ପରାସ୍ତ କରି ବାଲେଶ୍ୱରର ବିଏମ ଫୁଟବଲ କ୍ଲବ ଚମ୍ପିୟାନ ହୋଇଛି । ରେଫେରି ଶମ୍ଭୁନାଥ ମୁର୍ମୁ, ଅଜୟ ମୁର୍ମୁ ଓ ମନୋଜ ସିଂ ମ୍ୟାଚ ପରିଚାଳନା କରିଥିଲେ । କ୍ଲବ ସଦସ୍ୟ ତାରାକାନ୍ତ ସିଂ ଖେଳରେ ଧାରା ବିବରଣୀ ଶୁଣାଇଥିଲେ। ଶିଳ୍ପପତି ଅବଦୁଲ ଅମୀନ ଖାନଙ୍କ ପ୍ରାୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ରବିରାମ ସିଂ ଓ ସମ୍ପାଦକ ଦିପୁ ସିଂ ଯୋଗ ଦେଇ ଚାମ୍ପିୟନ ଦଳକୁ ନଗଦ ଦଶ ହଜାର ଓ ରନର୍ସ ଅପ ଦଳକୁ ସାତ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଦରଖୁଳି ପଡିଆରେ ଚାଲିଥିବା ଟୁର୍ନାମେଣ୍ଟ ରେ ବିଭିନ୍ନ ଜିଲା ରୁ ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ । କ୍ଲବ ର କର୍ମକର୍ତ୍ତା ବ୍ରଜ ସିଂ, ରାଜା ସିଂ, ଗଣେଶ ସିଂ, ଜିତୁ ସିଂ ଓ ଗୋରା ସିଂ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo